cmyk cmyk cmyk

80th YEAR OF PUBLICATION

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୮୦ବର୍ଷ ❑ ସଂଖ୍ୟା-୨୬ ● କଟକ ● ବୁଧବାର ● ୦୨ ସେପ୍ଟେମ୍ବର-୨୦୨୬ ● କନ୍ୟା-୦୪ ● ସାଲ୍-୧୪୩୧
CUTTACK ● WEDNESDAY ● 02 SEPTEMBER-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ଏସ୍‌ସିଓ ବୈଠକରୁ ମିଳିଲା ନୂଆ ସନ୍ଦେଶ

# ହାତ ମିଳାଇଲେ ମୋଦୀ-ପୁଟିନ୍-ଜିନ୍‌ପିଙ୍ଗ

**ନୂଆଦିଲ୍ଲୀ,(ପିପିଏସ୍):** କିର୍ଗିଜସ୍ତାନର ବିଶକେକ ଠାରେ ଆୟୋଜିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେଇଥିବା ବିଶ୍ୱ ନେତାମାନେ ମଙ୍ଗଳବାର ଆନୁଷ୍ଠାନିକ ଗ୍ରୁପ୍ ଫଟୋଗ୍ରାଫ୍ ପାଇଁ ଏକାଠି ହୋଇଥିଲେ। ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ପୁଟିନ୍ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସଂକ୍ଷିପ୍ତ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା। ନେତାମାନେ ଫଟୋଗ୍ରାଫ୍ ପାଇଁ ପୋଜ୍ ଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସି ଜିନପିଙ୍ଗ କରମର୍ଦ୍ଦନ କରି ଅଳ୍ପ ସମୟ ପାଇଁ କଥା ହେଉଥିବାର ଦେଖାଯାଇଥିବା ବେଳେ, ଗ୍ରୁପ୍ ଫଟୋଗ୍ରାଫ୍ ପରେ ତୁରନ୍ତ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରୀଫ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିକଟକୁ ଯାଇଥିବା ଦେଖିବାକୁ ମିଳିଥିଲା। ପୁଟିନ୍ ମଞ୍ଚ(ପୋଡିୟମ୍)ରୁ ଓହ୍ଲାଇ ଚାଲିଯାଉଥିବା ବେଳେ ଶରୀଫ୍ ତାଙ୍କ ହାତଧରି ତାଙ୍କୁ ଅଟକାଇଥିବା ଏବଂ ତା'ପରେ ତାଙ୍କ ସହ କଥାବାର୍ତ୍ତାରେ ନିମଗ୍ନ ହୋଇଥିବା ଦେଖାଯାଇଥିଲା। ଆନୁଷ୍ଠାନିକ ଫଟୋଗ୍ରାଫ୍ ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ପୁଟିନଙ୍କୁ ସାକ୍ଷାତ କରିଥିଲେ ଏବଂ ଦୁଇ ନେତା ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ବିଶକେକଠାରେ ପ୍ରଧାନମନ୍ତ୍ରୀ ରୁଷ୍ ରାଷ୍ଟ୍ରପତିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାର ଗୋଟିଏ ଦିନ ପରେ ଏହି ସାକ୍ଷାତକାର ହୋଇଥିଲା। ସୋମବାର ମୋଦୀ ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅନ୍ତ ପାଇଁ ପୁନର୍ବାର ଆହ୍ୱାନ କରିଥିଲେ। ସେ କହିଥିଲେ, ଯୁଦ୍ଧରେ ବିତିଥିବା ପ୍ରତ୍ୟେକ ଦିନ ମାନବସମାଜକୁ ପଛକୁ ଠେଲିଦିଏ। ଶାନ୍ତି ଦିଗରେ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପ ମାନବସମାଜକୁ ନୂଆ ଆଶା ଏବଂ ଉତ୍ସାହରେ ଭରିଦିଏ। ଆମକୁ ଅନନ୍ତ ଯୁଦ୍ଧରୁ ଯୁଦ୍ଧର ଅନ୍ତ ଆଡ଼କୁ ଆଗେଇବାକୁ ହେବ, ଯାହା ମାନବସମାଜର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଏହି ସଂଘର୍ଷରେ ଶାନ୍ତି ପ୍ରତିଷ୍ଠା କେବଳ ଏକ ଦ୍ୱିପାକ୍ଷିକ ମାମଲା ନୁହେଁ, ବରଂ ଅନ୍ତର୍ଜାତୀୟ ସମୁଦାୟ ପାଇଁ ଏକ ପ୍ରାଥମିକତା ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସାଂଘାଇ ସହଯୋଗ ସଂଗଠନର ୨୬ତମ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତଙ୍କବାଦ ପ୍ରସଙ୍ଗରେ ଏକ ଦୃଢ଼ ମତ ଗ୍ରହଣ କରି କହିଛନ୍ତି। କେବଳ ଘଟଣାଗୁଡ଼ିକର ପ୍ରତିକ୍ରିୟା କରିବାର ନୀତି ଏହାର ମୁକାବିଲା ପାଇଁ ଯଥେଷ୍ଟ ନୁହେଁ। ସେ ଆତଙ୍କବାଦ ପାଣ୍ଠି, ନିଯୁକ୍ତି, ମୌଳବାଦୀକରଣ ଏବଂ ଆତଙ୍କବାଦୀଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳ ଯୋଗାଇ ଦେଉଥିବା ସମଗ୍ର ଇକୋସିଷ୍ଟମକୁ ଭାଙ୍ଗିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେହବାଜ ଶରିଫଙ୍କ ଉପସ୍ଥିତିରେ ପାକିସ୍ତାନର ନାମ ନ ନେଇ ମୋଦୀ ଦୃଢ଼ ଭାବରେ କହିଥିଲେ,ଯେଉଁ ଦେଶମାନେ ଆତଙ୍କବାଦକୁ ରାଷ୍ଟ୍ର ନୀତିର ଏକ ଉପକରଣ ଭାବରେ ବ୍ୟବହାର କରୁଛନ୍ତି କିମ୍ବା ଆତଙ୍କବାଦୀଙ୍କୁ ସମର୍ଥନ ଏବଂ ଆଶ୍ରୟ ଦେଉଛନ୍ତି, ସେମାନଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେବାକୁ ପଡ଼ିବ। ଆତଙ୍କବାଦ କୌଣସି ଦେଶ ପାଇଁ ଏକ ରଣନୈତିକ ସମ୍ପତ୍ତି ହୋଇପାରିବ ନାହିଁ। ଏସ୍‌ସିଓ ପ୍ଲାଟଫର୍ମରୁ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆତଙ୍କବାଦ ବିରୋଧରେ ଏକତ୍ରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।



### ବିଦେଶବୁଲା ଓ ସୁନାକିଣାରୁ ନିବୃତ୍ତ ରୁହନ୍ତୁ

**ନୂଆଦିଲ୍ଲୀ:** ଏସ୍‌ସିଓ ସମ୍ମିଳନୀରେ ଯୋଗଦେବାକୁ କିର୍ଗିଜସ୍ତାନ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ଜିଡିପି ଅଭିବୃଦ୍ଧି ହାରକୁ ନେଇ ସେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ରିଲ୍ ସେୟାର କରିଛନ୍ତି। ଏହା ଜରିଆରେ ସେ ଦେଶର ଏହି ସଫଳତା ପାଇଁ ନାଗରିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନାବଶ୍ୟକ ଭାବେ ବିଦେଶ ଗସ୍ତ କରିବା ପରିବର୍ତ୍ତେ ଦେଶ ଭିତରେ ଥିବା ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବୁଲିବାକୁ ପ୍ରାଥମିକତା ଦିଅନ୍ତୁ। ବାହାର ଦେଶରେ ବିବାହ ଆୟୋଜନ କରିବା ଦ୍ୱାରା ଦେଶର ଟଙ୍କା ବାହାରକୁ ଚାଲିଯାଉଛି, ଏହାକୁ ବନ୍ଦ କରିବା ଜରୁରୀ। ଅତ୍ୟଧିକ ସୁନା କିଣିବା ପ୍ରବୃତ୍ତିଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

# ଛାତ୍ରଙ୍କ ବିରୁଦ୍ଧରେ ସମସ୍ତ ମାମଲା ଖାରଜ

## ବିକ୍ଷୋଭ ଶୋଭାଯାତ୍ରା ପ୍ରତ୍ୟାହାର କଲା ସିଜେପି

**ନୂଆଦିଲ୍ଲୀ,(ପିପିଏସ୍):** କକ୍ରୋଚ୍ ଜନତା ପାର୍ଟି(ସିଜେପି) ବ୍ୟାନରରେ ବିକ୍ଷୋଭ କରୁଥିବା ଦେଶର ଯୁବଗୋଷ୍ଠୀଙ୍କୁ ମିଳିଛି ଆଶ୍ୱସ୍ତି। ଜୁଲାଇ ୨୦ ସିଜେପିର ସଂସଦ ଚାଲୋ ବିକ୍ଷୋଭ ଶୋଭଯାତ୍ରା ଘଟଣାରେ ସୁପ୍ରିମକୋର୍ଟ ଦେଇଛନ୍ତି ବଡ଼ ନିର୍ଦ୍ଦେଶ। ସିଜେପିର ବିକ୍ଷୋଭକାରୀଙ୍କ ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ରୁଜୁ ହୋଇଥିବା ସମସ୍ତ ଏଫ୍‌ଆଇଆର୍‌କୁ ରଦ୍ଦକରି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଜୁଲାଇ ୨୦ରୁ ୨୫ମଧ୍ୟରେ ରୁଜୁ ସମସ୍ତ ସୁପ୍ରିମକୋର୍ଟ କହିଛନ୍ତି। ଯେଉଁ ବିକ୍ଷୋଭକାରୀଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଛି, ସେମାନଙ୍କ କ୍ଷେତ୍ରରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବନି। କିନ୍ତୁ ଶିକ୍ଷାର୍ଥୀଙ୍କ ବିରୋଧରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ରୁଜୁ ହୋଇଥିବା ମାମଲା ରଦ୍ଦ କରାଯାଉଥିବା କୋର୍ଟ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ବଡ଼ ନିର୍ଦ୍ଦେଶ ପରେ ସିଜେପି ପକ୍ଷରୁ ପ୍ରସ୍ତାବିତ ସେପ୍ଟେମ୍ବର ୫ ବିକ୍ଷୋଭ ଶୋଭାଯାତ୍ରାକୁ ପ୍ରତ୍ୟାହାର କରିନିଆଯାଇଛି। କେନ୍ଦ୍ର ସରକାର ବିକ୍ଷୋଭକାରୀଙ୍କ ବିରୋଧରେ ରୁଜୁ ଏଫ୍‌ଆଇଆର୍ ପ୍ରତ୍ୟାହାର କରୁ ନଥିବାରୁ ସିଜେପି ସେପ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଯାଏ ବିକ୍ଷୋଭ ଶୋଭାଯାତ୍ରା କରିବ ବୋଲି ଘୋଷଣା କରିଥିଲା। କୋର୍ଟଙ୍କ ଏଫଆଇଆର ରଦ୍ଦ ନିର୍ଦ୍ଦେଶ ପୂର୍ବରୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ଜୁଲାଇ ୨୦ଘଟଣାକୁ ନେଇ ରୁଜୁ ସମସ୍ତ ଏଫଆଇଆରକୁ ପ୍ରତ୍ୟାହାର କରାଯିବ ଓ ନୂଆ ମାମଲା ହେବନାହିଁ। ଏହାପରେ କୋର୍ଟ ସମସ୍ତ ଏଫଆଇଆର ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଦିଲ୍ଲୀ ପୁଲିସ୍‌ର ଗୋଟିଏ ସ୍ୱତନ୍ତ୍ର ଆବେଦନକୁ କୋର୍ଟ ଅନୁମତି ଦେଇଛନ୍ତି। ଯନ୍ତରମନ୍ତର ବିକ୍ଷୋଭରେ ଏମିତି ୨୮୭୩ ଜଣ ବ୍ୟକ୍ତିବିଶେଷ ଥିଲେ, ଯେଉଁମାନଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଥିଲା। ତେଣୁ ସେମାନଙ୍କ ବିରୋଧରେ ଏଫଆଇଆର ପଞ୍ଜୀକରଣ କରିବାକୁ ଦିଲ୍ଲୀ ପୁଲିସ୍‌କୁ କୋର୍ଟ ଗ୍ରୀନ ସିଗ୍ନାଲ ଦେଇଛନ୍ତି। ସଲିସିଟର ଜେନେରାଲ ତୁଷାର ମେହଟା ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ କେନ୍ଦ୍ର(ଦିଲ୍ଲୀ ପୁଲିସ୍), ବିହାର, ଆସାମ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଛାତ୍ର ଆନ୍ଦୋଳନ ସହ ଜଡ଼ିତ ଏଫଆଇଆରକୁ ରଦ୍ଦ ପାଇଁ ଆବେଦନ କରିଛନ୍ତି। ଏଥିସହ ଜୁଲାଇ ୨୦ରୁ ୨୫ ମଧ୍ୟରେ ଘଟିଥିବା ଘଟଣାକୁ ନେଇ କୌଣସି ନୂଆ ଏଫ୍‌ଆଇଆର ରୁଜୁ ହେବନାହିଁ ବୋଲି ସେମାନେ ଆବେଦନରେ ଉଲ୍ଲେଖ କରିଛନ୍ତି। ଜୁଲାଇ ୨୫ରେ ସିଜେପି ନେତାମାନଙ୍କୁ କେନ୍ଦ୍ର ଦେଇଥିବା ପ୍ରତିଶ୍ରୁତି ଅନୁସାରେ ସବୁ ପ୍ରକାରର ପଦକ୍ଷେପ ନିଆଯାଉଥିବା ମେହଟା ସର୍ବୋଚ୍ଚ ଅଦାଲତକୁ ଜଣାଇଛନ୍ତି। ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଯଦି ଉଭୟ ପକ୍ଷ ପରସ୍ପର ସହ ବିଶ୍ୱାସର ସହ କଥା ହେବେ, ତା'ହେଲେ ସବୁ ବିବାଦର ସମାଧାନ ହୋଇପାରିବ। ଏହାର ଜବାବରେ ମେହଟା କହିଥିଲେ ଯେ ଉଭୟପକ୍ଷ ଏହି ପ୍ରସଙ୍ଗକୁ ସକାରାତ୍ମକ ଓ ଗଠନମୂଳକ ଢଙ୍ଗରେ ବିଚାରକୁ ନେଇଛନ୍ତି। ଆମେ ପରସ୍ପରର ଶତ୍ରୁ ଆଦୌ ନୁହଁ। କେନ୍ଦ୍ରର ଏପରି ଆଭିମୁଖ୍ୟକୁ ସିଜେପି ମୁଖପାତ୍ର ସୌରଭ ଦାସ ସ୍ୱାଗତ କରିଛନ୍ତି। ସେପ୍ଟେମ୍ବର ୫ ଶୋଭାଯାତ୍ରାକୁ ଦଳ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିବା କୋର୍ଟଙ୍କୁ ଜଣାଇଛନ୍ତି।



# ଏସ୍‌ପି ପାହ୍ୟାକୁ ଗଲେ ୧୫ ଏଏସ୍‌ପି

**ଭୁବନେଶ୍ୱର,(ପିପିଏସ୍):** ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ୧୫ ଅତିରିକ୍ତ ଏସ୍‌ପି। ମଙ୍ଗଳବାର ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ପଦୋନ୍ନତି ପାଇଥିବା ଏହି ପୁଲିସ୍ ଅଫିସରମାନେ ହେଉଛନ୍ତି ଗଞ୍ଜାମର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ, କଟକ ୟୁପିଡି ଅତିରିକ୍ତ ଡିଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ପୁରୀ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, କଟକ ୟୁପିଡି ଅତିରିକ୍ତ ଡିଏସ୍‌ପି ଅମରେନ୍ଦ୍ର ପଣ୍ଡା, ରାଜ୍ୟ ପୁଲିସ ମୁଖ୍ୟାଳୟ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ସମ୍ବଲପୁର ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, କଟକ ସିଆଇଡି ସିବିର ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ବେହୁରା, ଭିଜିଲାନ୍ସ ବିଭାଗରେ ଅତିରିକ୍ତ ଏସ୍‌ପି ଥିବା ଅରୁଣ କୁମାର ନାୟକ, କଟକରେ ସିବି ସିଆଇଡିରେ ଅତିରିକ୍ତ ଏସ୍‌ପି ଥିବା ଶିଶିର କୁମାର ମିଶ୍ର, ଢେଙ୍କାନାଳର ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କଟକ ସିବି ସିଆଇଡିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ଏସ୍‌ଟିଏଫ ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥୀ, ଭୁବନେଶ୍ୱର ଓଏଚ୍‌ଆରସିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସତ୍ୟ ନାରାୟଣ ପ୍ରଧାନ, ଜୟପୁରରେ କାର୍ଯ୍ୟରତ ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଓ ଆଇୟୁସିଏଡବ୍ଲ୍ୟୁ ନୟାଗଡ଼ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା (ବି)।

# ପ୍ରତି ଜିଲ୍ଲାରେ ନିଯୁକ୍ତ ହେବେ 'ଶକ୍ତି ଅପା'

**ନୂଆଦିଲ୍ଲୀ,(ପିପିଏସ୍):** କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇବା ସହ ସେମାନଙ୍କୁ ଆତ୍ମବିଶ୍ୱାସୀ ଓ ସଶକ୍ତ କରିବା ଲାଗି ରାଜ୍ୟ ସରକାର ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି। କଲେଜ ପରିସରରେ ଛାତ୍ରୀମାନଙ୍କୁ ସଠିକ୍ ଦିଗଦର୍ଶନ, ମାନସିକ ସମ୍ବଳ ଓ ସୁରକ୍ଷାର ଭରସା ଯୋଗାଇବା ପାଇଁ ପ୍ରତି ଜିଲ୍ଲାରେ ନିଯୁକ୍ତ ପାଇବେ 'ଶକ୍ତି ଅପା'। ରାଜ୍ୟ ସରକାରଙ୍କ ପ୍ରମୁଖ 'ଶକ୍ତିଶ୍ରୀ' ଯୋଜନା ଅଧୀନରେ ରାଜ୍ୟର ପ୍ରତିଷ୍ଠିତ ମହିଳା ପ୍ରତିଭାମାନଙ୍କୁ ଏହି ଦାୟିତ୍ୱ ଦିଆଯିବ, ଯେଉଁମାନେ ଛାତ୍ରୀମାନଙ୍କ ପାଇଁ ରୋଲ୍ ମଡେଲ୍ ଓ ମେଣ୍ଟର ସାଜିବେ। ଏହି ମହତ୍ୱାକାଂକ୍ଷୀ ଯୋଜନାକୁ ତ୍ୱରାନ୍ୱିତ କରିବା ଲାଗି ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ଆଜି ସମସ୍ତ ଜିଲ୍ଲାସ୍ତରୀୟ ନୋଡାଲ ଡିଗ୍ରୀ କଲେଜର ଅଧକ୍ଷମାନଙ୍କୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ, ପ୍ରତି ଜିଲ୍ଲାରେ ନୋଡାଲ ଡିଗ୍ରୀ କଲେଜ ପକ୍ଷରୁ ପ୍ରାଥମିକ ଭାବେ ୫ଜଣ ବିଶିଷ୍ଟ ମହିଳାଙ୍କୁ 'ଶକ୍ତି ଅପା' ଭାବେ ମନୋନୀତ କରାଯିବ। ଜିଲ୍ଲାର ଆବଶ୍ୟକତା ଓ ଭୌଗୋଳିକ ସ୍ଥିତିକୁ ବିଚାରକୁ ନେଇ ଜିଲ୍ଲାପାଳ ଚାହିଁଲେ ଏହି ସଂଖ୍ୟାକୁ ସର୍ବାଧିକ ୧୦ ପର୍ଯ୍ୟନ୍ତ ବଢ଼ାଇ ପାରିବେ। ମନୋନୀତ ଶକ୍ତି ଅପାମାନେ ପ୍ରତି ତିନି ମାସରେ ଅତିକମରେ ଥରେ ଲେଖାଏଁ ନିଜ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଗସ୍ତ କରି ଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ବୁଝିବେ। ଏହି ଗସ୍ତ ପାଇଁ ଆବଶ୍ୟକ ଯାତାୟାତ ଖର୍ଚ୍ଚ ଓ ଦୈନିକ ଭତ୍ତା ସମ୍ପୃକ୍ତ କଲେଜ ପକ୍ଷରୁ ସେମାନଙ୍କୁ ସମ୍ମାନଜନକ ଭାବେ ପ୍ରଦାନ କରାଯିବ। ଗସ୍ତ ଶେଷରେ ସେମାନେ ଜିଲ୍ଲା ନୋଡାଲ କଲେଜକୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ, ଯାହା କ୍ୟାମ୍ପସରେ ଥିବା 'ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍'କୁ ଅଧିକ ସକ୍ରିୟ କରିବାରେ ବେଶ୍ ସହାୟକ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ କେବଳ ଉଚ୍ଚ ଅଭିଜ୍ଞତାସମ୍ପନ୍ନ ମହିଳାମାନଙ୍କୁ ହିଁ ଚୟନ କରାଯିବ, ଯେଉଁମାନଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମରେ ୧୫ ବର୍ଷର ବୃତ୍ତିଗତ ଅଭିଜ୍ଞତା ରହିଥିବ। ମହିଳା ସୁରକ୍ଷା ଓ ଶିଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ମହିଳା ସମାଜସେବୀ, ପୁଲିସ ଓ ସଶସ୍ତ୍ର ବାହିନୀରୁ ଅବସରପ୍ରାପ୍ତ ମହିଳା କର୍ମଚାରୀ, ଆଇନ ଓ ସାଇବର ସୁରକ୍ଷା ବିଶେଷଜ୍ଞ, ମାନସିକ ପରାମର୍ଶଦାତା, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ବରିଷ୍ଠ ଶିକ୍ଷାବିତ୍ ତଥା ସଫଳ ମହିଳା ଉଦ୍ୟୋଗୀମାନଙ୍କୁ ଏହି ଚୟନ ପ୍ରକ୍ରିୟାରେ ପ୍ରାଥମିକତା ଦିଆଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଦେବଗଡ଼, କଳାହାଣ୍ଡି, ଖୋର୍ଦ୍ଧା, କେନ୍ଦୁଝର ଓ ରାୟଗଡ଼ା ଜିଲ୍ଲାରେ ଏହି ମନୋନୟନ ପ୍ରକ୍ରିୟା ଶେଷ ହୋଇସାରିଛି। ଅବଶିଷ୍ଟ ଜିଲ୍ଲାଗୁଡ଼ିକର ନୋଡାଲ ଡିଗ୍ରୀ କଲେଜଗୁଡ଼ିକୁ ଚଳିତମାସ ୨୧ତାରିଖ ସୁଦ୍ଧା ନିର୍ଦ୍ଧାରିତ ଗୁଗୁଲ ଫର୍ମ ଓ ଇମେଲ ଯୋଗେ ମନୋନୀତ 'ଶକ୍ତି ଅପାମାନଙ୍କ' ସମ୍ପୂର୍ଣ୍ଣ ବିବରଣୀ ବିଭାଗ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦଆଯାଇଛି। ସରକାରଙ୍କ ଏହି ପ୍ରୟାସ କ୍ୟାମ୍ପସରେ ସୁରକ୍ଷା ବଳୟକୁ ସୁଦୃଢ଼ କରିବା ସହ ଛାତ୍ରୀମାନଙ୍କୁ ନିର୍ଭୀକ ଓ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ ବୋଲି କୁହାଯାଉଛି।

## ଓଡ଼ିଶା ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ସିବିଆଇ ସ୍କାନର୍‌ରେ ଜେଲ୍ ଡିଜି

**ଭୁବନେଶ୍ୱର,(ପିପିଏସ୍):** ସିବିଆଇ ସ୍କାନରରେ ଜେଲ୍ ଡିଜି ସୁଶାନ୍ତ ନାଥ। ଓଡ଼ିଶା ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ସମ୍ପର୍କରେ ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଏକ ପତ୍ରରେ ଏହା ସାମ୍ନାକୁ ଆସିଛି। ତଦନ୍ତ ସମ୍ପର୍କରେ ମିଳିଥିବା ସୂଚନା ଅନୁସାରେ ୧୯୯୩ ବ୍ୟାଚର ଆଇପିଏସ୍ ସୁଶାନ୍ତ ନାଥ ଯେତେବେଳେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ଼, ଓପିଆର୍‌ବିର ଅଧ୍ୟକ୍ଷ ଥିଲେ, ସେତେବେଳେ ବୋର୍ଡ଼ ଦ୍ୱାରା ପୁଲିସ ଏସ୍‌ଆଇ ଏବଂ ସମକକ୍ଷ ପଦବୀରେ ନିଯୁକ୍ତି ପାଇଁ ପରୀକ୍ଷା ଆୟୋଜନ କରାଯାଇଥିଲା। ତେଣୁ ଏହି ମାମଲାର ତଦନ୍ତ କରୁଥିବା ସିବିଆଇ ସ୍କାନରକୁ ଆସିଛନ୍ତି ତତ୍କାଳୀନ ଅଧ୍ୟକ୍ଷ ସୁଶାନ୍ତ ନାଥ। ମାମଲା ସମ୍ପର୍କରେ ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଏକ ପତ୍ରରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ସୁଶାନ୍ତ ନାଥ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡର ଅଧ୍ୟକ୍ଷ ଥିବା ସମୟରେ ୫ଓ ପରୀକ୍ଷାରେ କେଳେଙ୍କାରୀ ହୋଇଥିବା ଅଭିଯୋଗ ରହିଛି। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ମଧ୍ୟ ତଦନ୍ତର ଅଂଶବିଶେଷ ହୋଇଥିବା ଜଣାପଡ଼ିଛି। ମାମଲାର ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ସୁଶାନ୍ତ ନାଥଙ୍କୁ ପଚରାଉଚରା କରିବାକୁ ରାଜ୍ୟ ସରକାରଙ୍କ ଅନୁମତି ମାଗିଛି। ଅନୁମତି ମିଳିଲେ ସିବିଆଇ ତାଙ୍କୁ ଜେରା କରିପାରେ। ଏସ୍‌ଆଇ ପରୀକ୍ଷା କେଳେଙ୍କାରୀରେ କେଉଁମାନଙ୍କ ଭୂମିକା ଥିଲା ଏବଂ ପରୀକ୍ଷା ପରିଚାଳନାରେ କୌଣସି ଅନିୟମିତତା ହୋଇଥିଲା କି ନାହିଁ, ସେନେଇ ତଦନ୍ତ ଜାରି ରହିଛି। ସୁଶାନ୍ତ ନାଥଙ୍କୁ ପଚରାଉଚରା କରାଗଲେ ମାମଲାର ତଦନ୍ତରେ ଆହୁରି ତଥ୍ୟ ସାମ୍ନାକୁ ଆସିପାରେ ବୋଲି କୁହାଯାଉଛି । ତେବେ ପୂର୍ବତନ ପୁଲିସ ଡିଜି ସଂଜୀବ ମାରିକଙ୍କ କହିବା କଥା ଯେହେତୁ ପରୀକ୍ଷାରେ ଅନିୟମିତତା ହୋଇଛି ତେଣୁ ଲିଙ୍କ୍‌ରେ ସିବିଆଇ ତଦନ୍ତ କରିବ। କିନ୍ତୁ ଏହି କେଳେଙ୍କାରୀରେ ଜେଲ୍ ଡିଜି ସୁଶାନ୍ତ ନାଥଙ୍କର ସମ୍ପୃକ୍ତିକୁ ନେଇ ସେଭଳି କୌଣସି ଅଭିଯୋଗ ନାହିଁ । କୌଣସି ଗୋଟିଏ ଘଟଣା ଘଟିଲେ ଡିପାର୍ଟମେଣ୍ଟର ଉପରୁ ତଳ ପର୍ଯ୍ୟନ୍ତ ସମସ୍ତଙ୍କ ନାଁ ଆସେ। କିନ୍ତୁ ସମସ୍ତେ ଯେ ଦୋଷୀ ତାହା କହିବା ଠିକ୍ ନୁହେଁ। ମାମଲାର ତଦନ୍ତ କରୁଥିବା ସିବିଆଇ ତା' କାମ କରିବ ବୋଲି ସେ କହିଛନ୍ତି।



# ନ୍ୟାୟମୂର୍ତ୍ତି କୃଷ୍ଣରାମ ମହାପାତ୍ର ହେବେ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି

**କଟକ,(ପିପିଏସ୍):** ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି କୃଷ୍ଣରାମ ମହାପାତ୍ର ହେବେ ଛତିଶଗଡ ହାଇକୋର୍ଟର ମୁଖ୍ୟ ବିଚାରପତି। ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କ ନାଁ ସୁପାରିସ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୪ରେ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଇପାରନ୍ତି ଜଷ୍ଟିସ କୃଷ୍ଣରାମ ମହାପାତ୍ର। ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ସଞ୍ଜୟ କେ ଅଗ୍ରୱାଲଙ୍କୁ ରାଜସ୍ଥାନର ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିବା ପାଇଁ ସୁପ୍ରିମ୍‌କୋର୍ଟ କଲେଜିୟମ ସୁପାରିସ କରିଛି। ତାଙ୍କ ସ୍ଥାନରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିବାକୁ ଗତ ଅଗଷ୍ଟ ୬ରେ ସୁପ୍ରିମ୍‌କୋର୍ଟ କଲେଜିୟମ ସୁପାରିସ କରିଥିଲେ। ଜଷ୍ଟିସ କୃଷ୍ଣରାମ ମହାପାତ୍ର ଏପ୍ରିଲ ୧୮, ୧୯୬୫ ମସିହାରେ ଜନ୍ମ ହୋଇଥିଲେ। ତାଙ୍କ ପରିବାର ସଦସ୍ୟ ନ୍ୟାୟିକ ପୃଷ୍ଠଭୂମି ସହ ଜଡ଼ିତ। ତାଙ୍କ ବାପା ମଧ୍ୟ ବିଚାରପତି ରହିସାରିଛନ୍ତି।



## ସମ୍ପାଦକୀୟ

### ଯୁଦ୍ଧ ହେଲାଣି ଛଅମାସ

## ବାଟେଘାଟେ



କଟକ ସିଡିଏ ଜନ୍ମ ଜୟନ୍ତୀରେ
କାହିଁ କିଛି ହେଲା ନାହିଁ
ସିଡିଏ ଅବସ୍ଥା ଖରାପ ହେଲାଣି
ଲୋକେ ହେବେ ମୁହାଁମୁହିଁ
ରାସ୍ତାଘାଟ କହିଲେ ନସରେ
ପେଟେଇଛି ପେଟା ନାଳ
ଜମି ଫ୍ରି ହୋଲଡ ହୋଇପାରୁ ନାହିଁ
ଚାହିଁଚାହିଁ ଗଲା କାଳ
ଏଡ଼େ ବଡ଼ ସଂସ୍ଥା କଟକ ଭିତରେ
ସ୍ଥାୟୀ ଅଧିକାରୀ ଶୂନ
କଟକକୁ କିଆଁ ଏତେ ହତାଦର
କୁହନ୍ତୁ ଆହେ ମୋହନ -ରାହୀ

# ନୂଆଦିଲ୍ଲୀରେ ମୋହନ

## ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଶିଖର ସମ୍ମିଳନୀରେ ଯୋଗଦେବେ

**ଭୁବନେଶ୍ୱର,(ପିପିଏସ୍):** ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉଭୟ ନେତା ଭିନ୍ନ ଭିନ୍ନ ସମୟରେ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଶିଖର ସମ୍ମିଳନୀରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଇଛନ୍ତି। କିନ୍ତୁ ନବୀନଙ୍କ ଦିଲ୍ଲୀ ଗସ୍ତର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। କିନ୍ତୁ ଉଭୟ ନେତାଙ୍କ ନୂଆଦିଲ୍ଲୀ ଗସ୍ତ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଅପରାହ୍ନରେ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ସୁଷମା ସ୍ୱରାଜ ଭବନରେ ଆୟୋଜିତ ହେଉଥିବା ଶିଖର ସମ୍ମିଳନୀ ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବୁଧବାର ଯୋଗଦେବେ । ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ଥର ପାଇଁ ସେପ୍ଟେମ୍ବର ୧ ଓ ୨ ତାରିଖ ଦୁଇଦିନ ଧରି ଏଭଳି ଶିଖର ସମ୍ମିଳନୀ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ବୁଧବାର ଏହା ଉଦଯାପିତ ହେବ। ଉଦଯାପନ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଜଳସମ୍ପଦ ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନିଆ ଶିଖର ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ, ଜଳ ଭିତ୍ତିଭୂମି ପ୍ରକଳ୍ପର ସମୟୋଚିତ କାର୍ଯ୍ୟକାରିତା, ଜଳ ସଞ୍ଚୟ, ପାନୀୟଜଳ ବ୍ୟବସ୍ଥାର ଉତ୍ସ ସ୍ଥିରତା, ଜଳ ଜୀବନ ମିଶନ ୨.୦ ଅଧୀନରେ ଗ୍ରାମୀଣ ପାନୀୟ ଜଳଯୋଗାଣ, ବର୍ଷାଜଳ ଅମଳ, ଭୂତଳ ଜଳ ସଂରକ୍ଷଣ ଆଦି ବିଷୟ ନେଇ ଆଲୋଚନା ହେବ। ବୁଧବାର କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ମୁଖ୍ୟମନ୍ତ୍ରୀ ସନ୍ଧ୍ୟାରେ ଭୁବନେଶ୍ୱର ଫେରିଆସିବେ । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନରେ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ୭ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ବିରୋଧୀଦଳ ନେତା। ନବୀନ ବ୍ୟକ୍ତିଗତ ଗସ୍ତ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦିଲ୍ଲୀରେ ସେ ପରିବାର ସଦସ୍ୟଙ୍କୁ ଭେଟିବେ। ୭ଦିନରୁ ଅଧିକ ରହିବେ କି ନାହିଁ, ତାହା ସେ ନିଜେ ନିଷ୍ପତ୍ତି ନେବେ ବୋଲି ଦଳପକ୍ଷରୁ କୁହାଯାଇଛି। ନବୀନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିଥିଲେ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର, ବରିଷ୍ଠ ନେତା ଦେବୀ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା ଓ ଅନ୍ୟାନ୍ୟ ନେତା। ରାଜ୍ୟସଭା ସାଂସଦ କହିଛନ୍ତି, 'ନବୀନ ବାବୁ ପ୍ରଥମ ନୁହେଁ କି ଶେଷଥର ନୂଆଦିଲ୍ଲୀ ଗସ୍ତରେ ଯାଉନାହାନ୍ତି। ନୂଆଦିଲ୍ଲୀରେ ନବୀନବାବୁଙ୍କ ବଡ଼ଭାଇ ଓ ପରିବାର ଲୋକ ଅଛନ୍ତି। ଅନେକ ଥର ଯାଆନ୍ତି। ପୁନର୍ବାର ଆଜି ଗଲେ। ଏଥିରେ ନୂଆ କଥା କିଛି ନାହିଁ। ବ୍ୟକ୍ତିଗତ ଗସ୍ତରେ ନବୀନ ବାବୁ ସାଧାରଣତଃ ୪ରୁ ୫ଦିନ ରୁହନ୍ତି। ପରିବାରର ସମସ୍ତ ସଦସ୍ୟଙ୍କୁ ସେ ଭେଟିକି ଆସନ୍ତି।' ସେହିପରି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି, 'ନବୀନ ଜଣେ ବରିଷ୍ଠ ନେତା। ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ବ୍ୟକ୍ତିଗତ ବା ବିଧିବଦ୍ଧ କେଉଁଠି ବି ଆଲୋଚନା କରିପାରନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଲୋଚନା ବିବାଦରେ ସମୟ ନିର୍ଦ୍ଧାରଣ ହୋଇପାରିନାହିଁ।' ସୂଚନା ଅନୁଯାୟୀ ଏମ୍‌ଏମ୍‌ଡିଆର୍ ଆକ୍ଟରେ ସଂଶୋଧନକୁ ବିରୋଧ କରି କ୍ରମାଗତ ସାମ୍ବାଦିକ ସମ୍ମିଳନୀ କରୁଥିବା ବିଜେଡି ପ୍ରସଙ୍ଗରେ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣକରିଛି। ଦଳ ରାଜଭବନ ଆଗରେ ଧାରଣା ଦେବା ସହ ଓଡ଼ିଶା ବନ୍ଦର ଚେତାବନୀ ଦେଇଛି। ବିଜେଡି ଏହି ପ୍ରସଙ୍ଗରେ ବିଧାନସଭାରେ ସଶକ୍ତ ସ୍ୱର ଉତ୍ତୋଳନ କରିବ। ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ରାଜଭବନ ଆଗରେ ଧାରଣା ଦିଆଯିବ। ଖୁବ୍‌ଶୀଘ୍ର ଏନେଇ ତାରିଖ ଘୋଷଣା ହେବ। ଓଡ଼ିଶା ନ୍ୟାୟ ନପାଇଲେ ପଲ୍ଲୀରୁ ଦିଲ୍ଲୀ ଆନ୍ଦୋଳନ ସହ ଦଳ ଆଗାମୀ ଦିନରେ ଓଡ଼ିଶା ବନ୍ଦ ଡାକରା ଦେବ ବୋଲି ଦଳ ଚେତାବନୀ ଦେଇଛି। ଦଳ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିବା ପରେ ସନ୍ଧ୍ୟାରେ ନବୀନ ନିବାସରେ ରୁଦ୍ଧଦ୍ୱାର ବୈଠକ କରି ନିଜର ଆନ୍ଦୋଳନାତ୍ମକ ରୂପରେଖ ପ୍ରସ୍ତୁତ କରିଛି। ଆଉ ବିଜେଡି ସୁପ୍ରିମୋଙ୍କ ନୂଆଦିଲ୍ଲୀ ଗସ୍ତକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।



# ୭ ଘଣ୍ଟା ଚାଲିଲା ଗଣତିମଣତି

**ପୁରୀ,(ପିପିଏସ୍):** ସୋମବାର ରତ୍ନଭଣ୍ଡାର ଗଣତିମଣତିର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଗଣତିମଣତି କଡ଼ା ସୁରକ୍ଷା ମଧ୍ୟରେ ହୋଇଛି। ସକାଳ ଧୂପ ପରେ ଗଣତିମଣତି ଦଳ ସକାଳ ପ୍ରାୟ ୧୧ଟା ୪୫ରେ ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ ପ୍ରଣାମ କରି ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ସଦସ୍ୟଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ପ୍ରମୁଖ ସାମିଲ ଥିଲେ। ରତ୍ନଭଣ୍ଡାରକୁ ପ୍ରବେଶ ପୂର୍ବରୁ ସଦସ୍ୟମାନେ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ସୂଚନା ମୁତାବକ, ସୋମବାର ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାର ସହ ଚଳନ୍ତି ଭଣ୍ଡାରରେ ଥିବା ତଥା ଶ୍ରୀଅଙ୍ଗରେ ଲାଗି ହେଉଥିବା ଝୋବା କଣ୍ଠିର ମଧ୍ୟ ଗଣତି ମଣତି କରିଛନ୍ତି। ଭକ୍ତଙ୍କ ଦାନ ଅଳଙ୍କାର ସାଧାରଣତଃ ଚଳନ୍ତି ଭଣ୍ଡାରରେ ରହିଥାଏ। ଏହି ଅଳଙ୍କାରଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଗଣତି ବେଳେ ଭିତର ରତ୍ନଭଣ୍ଡାରରେ ଥିବା କାଠ ବାକ୍ସଗୁଡ଼ିକର ମାପ ନିଆଯାଇଛି। କାଠ ବାକ୍ସଗୁଡ଼ିକ ବହୁତ ବଡ଼ ହୋଇଥିବାରୁ ଭିତର ରତ୍ନଭଣ୍ଡାରରେ ଗଣତି କରିବା ସମ୍ଭବ ନୁହେଁ। ତେଣୁ ରାଜ୍ୟ ସରକାର ଏହାର ଗଣତି ପାଇଁ ଖଟଶେଜ ଘରକୁ ଆଣିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ସୋମବାର ଗଣତି ପ୍ରକ୍ରିୟାରେ ଉପସ୍ଥିତ ଥିବା ରତ୍ନବିଶାରଦମାନେ ଚିହ୍ନଟରେ ସହାୟତା କରିଥିଲେ। ସମସ୍ତ ଗଣତିମଣତି ସ୍ୱଚ୍ଛତାର ସହ ରାଜ୍ୟ ସରକାରଙ୍କ ଅନୁମୋଦିତ ନିୟମ ମଧ୍ୟରେ କରାଯାଇଛି। ଗଣତିମଣତି କାର୍ଯ୍ୟ ସିସି କ୍ୟାମେରାରେ ରେକର୍ଡ ହୋଇଛି। ରତ୍ନ ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି ଏବଂ ୩ଡି ମ୍ୟାପିଂ କରାଯାଇଛି। ସୋମବାର ଗଣତି ପ୍ରକ୍ରିୟା ସନ୍ଧ୍ୟା ପ୍ରାୟ ୬ଟା ୫୫ରେ ଶେଷ ହୋଇଛି। ୭ଘଣ୍ଟାରୁ ଅଧିକ ସମୟ ଗଣତିମଣତି ପ୍ରକ୍ରିୟା ଚାଲିଥିଲା। ମଙ୍ଗଳବାର ପୁଣି ଗଣତି ପ୍ରକ୍ରିୟା ଚାଲିବ। ସେପ୍ଟେମ୍ବର ମାସ ନୀତିବହୁଳ ଥିବାରୁ ଖୁବ କମ ଦିନ ଗଣତିମଣତି ହୋଇପାରେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।



cmyk cmyk cmyk




# ଆଜିର ରାଶିଫଳ

**ମେଷ**
ଜୀବନସାଥୀଙ୍କ ସାହାଯ୍ୟ ସହଯୋଗ ସହାନୁଭୂତି ମିଳିବ । ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ ।ରାଜନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିବ। ଶତ୍ରୁମାନେ ପରାଜିତ ହେବେ , ମହିଳାମାନେ ସୌଭାଗ୍ୟବତୀ ହେବେ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ସହଯୋଗ ମିଳିବ । ବ୍ୟବସାୟ ବାଣିଜ୍ୟରେ ଦେଖାଦେଉଥିବା ସମସ୍ୟାର ସମାଧାନ ହେବ। ଧନଲାଭର ଯୋଗ ରହିଛି । ବନ୍ଧୁଙ୍କ ସହିତ ଦୂର ସ୍ଥାନକୁ ଭ୍ରମଣରେ ଯାଇପାରନ୍ତି ।

**ମିଥୁନ**
ପୂଜାପୁଜିରେ ଅଧିକ ସମୟ ଅତିବାହିତ କରିବାରୁ ମନ ଖୁସି ରହିବ । ଯାନବାହାନରେ ଗଲାବେଳେ ସାବଧାନ ସହିତ ଯାତ୍ରା କରନ୍ତୁ ଓ କାହାରି ସହିତ କଳହ କରନ୍ତୁ ନାହିଁ । ରାଜନୀତି କରୁଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ ।

**କର୍କଟ**
ସାମାଜିକ କାର୍ଯ୍ୟରେ ମନୋକାମନା ପୂରଣ ହୋଇ ଲାଭର ମାର୍ଗ ପ୍ରଶସ୍ତ ହେବ। ଆୟ ବୃଦ୍ଧି ହେବା ଫଳରେ ଆର୍ଥିକ ଉନ୍ନତି ହେବା ସହ ଗୃହବାହନ ପ୍ରାପ୍ତି ହୋଇପାରେ। ବ୍ୟବସାୟ କ୍ଷେତ୍ରରେ ନୂଆ ଯୋଜନା ଉପରେ କାର୍ଯ୍ୟ କରିବେ ।

**ସିଂହ**
ସହକର୍ମୀମାନଙ୍କ ସହଯୋଗ ପାଇ ଉପରିସ୍ଥ ଅଧିକାରୀଙ୍କ ପ୍ରିୟଭାଜନ ହେବେ। ସରକାରୀ କାମରେ ସଫଳତା ପାଇବେ ଓ ଅଚାନକ ଭାବରେ ଧନ ଲାଭ ହେବ । ଶରୀର ଭଲ ରହିବା ସହ ନୂତନ କର୍ମପ୍ରାପ୍ତି ହୋଇପାରେ ।

**କନ୍ୟା**
ବ୍ୟବସାୟରେ ଆଶାତୀତ ଲାଭ ପାଇବେ ଓ ଶିକ୍ଷା କ୍ଷେତ୍ରରେ ମନଯୋଗ ଦେଇ ପ୍ରଶଂସିତ ହେବେ । ସନ୍ତାନର ସୁଖବର ଶୁଣି ଖୁସି ହେବେ ଓ ମିତ୍ରଙ୍କ ସାହାଯ୍ୟ ଦ୍ୱାରା କାର୍ଯ୍ୟ ହାସଲ କରିବେ।

**ତୁଳା**
ସହକର୍ମୀମାନଙ୍କଠାରୁ ସାହାଯ୍ୟ ସହଯୋଗ ପାଇ ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନରେ ଉନ୍ନତି ହେବ । ରାଜନୀତିରେ ଲୋକପ୍ରିୟତା ହାସଲ କରି ନୂତନ ଯୋଜନାକୁ କ୍ରିୟାନ୍ୱିତ କରିବେ । ବିଦ୍ୟାଧ୍ୟୟନ କ୍ଷେତ୍ରରେ ସଫଳତା ମିଳିବ ।

**ବିଛା**
ଶାରିରୀକ ସୁସ୍ଥତା ଦେଖା ଦେବା ସହ ମାନସିକ ଶାନ୍ତି ମିଳିବ । ସମ୍ପତ୍ତି ସମ୍ବନ୍ଧୀୟ ବିବାଦ ଠିକ୍ ଲୋକ ମଧ୍ୟସ୍ଥିରେ ସମାଧାନ ହେବ। ପ୍ରଚୁର ଧନଲାଭ ହେବା ସହ କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବେ।

**ଧନୁ**
ନୂତନ ବ୍ୟବସାୟ ଆରମ୍ଭ କରିବେ ଓ ବନ୍ଧୁଙ୍କର ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଅବନତି ଦେଖାଯିବାରୁ ମନ ଭଲ ରହିବ ନାହିଁ । ରାଜନୀତିରେ ଥିବା ବ୍ୟକ୍ତି କର୍ମକ୍ଷେତ୍ରରେ ମାନସମ୍ମାନ ପାଇବେ ।


**ମକର**
ରାଜନୀତିରେ କିଛି ନୂଆ ସୁଯୋଗ ଆସିବା ସହ ଲୋକ ସମର୍ଥନକୁ ଆଧାର କରି ବଳିୟାନ ହେବେ। ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ। ଜୀବନସାଥୀ ସହ ଅଧିକ ସମୟ କଟିବ ।

**କୁମ୍ଭ**
ଆଜି ଆପଣ ନିଜର ଦକ୍ଷତା ପ୍ରତିପାଦନ କରି ପ୍ରଶଂସିତ ହେବେ, ନୂତନ ନିଯୁକ୍ତି କିମ୍ବା ପଦୋନ୍ନତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଅପରାହ୍ନରେ ଶୁଭ ସମାଚାର ମିଳିବ । ମହିଳାମାନେ ଆଶାନୁରୂପ ସଫଳତା ପାଇବେ।

**ମୀନ**
ପାରିବାରିକ ସମ୍ପର୍କ ମଧୁର ହେବ । କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କଥା କହି ଦୋଷୀ ସାବ୍ୟସ୍ତ ହୋଇପାରନ୍ତି। ପାରିବାରିକ ଜୀବନରେ ଭୁଲ୍ ବୁଝାମଣା ଦେଖାଦେବ । ବ୍ୟବସାୟ ବାଣିଜ୍ୟରେ ଆୟ ତୁଳନାରେ ବ୍ୟୟ ଅଧିକ ହେବ।

# ପନିର ରେଶମି

**ଆବଶ୍ୟକ ସାମଗ୍ରୀ:** ପନିର, ପିଆଜ, ଟମାଟୋ, ଶିମଳା ଲଙ୍କା, ଅଦା ରସୁଣ ପେଷ୍ଟ, ଜିରା, ପାଣି, ଧନିଆ ପାଉଡର, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, କ୍ରିମ୍, ଧନିଆପତ୍ର, ଗରମ ମସଲା, ତେଲ ଓ ଲୁଣ ସ୍ୱାଦ ଅନୁସାରେ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଆଜ, ଟମାଟୋ ଓ ଶିମଳା ଲଙ୍କାକୁ ଲମ୍ବା କରି କାଟିଦିଅନ୍ତୁ। ତା' ପରେ କରେଇରେ ତେଲ ଗରମ କରି ଜିରା ପକାନ୍ତୁ। ଜିରା ଫୁଟିବା ପରେ କଟା ପିଆଜକୁ ସେଥିରେ ପକାନ୍ତୁ। ଏହାପରେ ଏଥିରେ କଟା ହୋଇଥିବା ଟମାଟୋ ଏବଂ ଶିମଳା ଲଙ୍କା ପକାଇ କିଛି ସମୟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଅଦା ରସୁଣ ପେଷ୍ଟ, ଧନିଆ ପାଉଡର, ଲଙ୍କାଗୁଣ୍ଡ, ପନିର ମସଲା, ହଳଦିଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇ କଷନ୍ତୁ। ମସଲା କଷି ହେବା ପରେ ଏଥିରେ ଅଳ୍ପ ପାଣି ସହିତ ପନିର ପକାଇ ଘୋଡ଼ାଇ ଦିଅନ୍ତୁ । ୧୦ ମିନିଟ୍ ପରେ ଗ୍ୟାସକୁ ବନ୍ଦ କରି କ୍ରିମ ଏବଂ ଗରମ ମସଲା ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ରେଶମି ପନିର । ଏହାକୁ ଗରମ ଗରମ ପରଷନ୍ତୁ।ଏହି ରେସିପିଟି ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

# ପୃଥିବୀର ସବୁଠାରୁ କଷ୍ଟକର ନୃତ୍ୟ 'ଜୌଲି'



ନୃତ୍ୟ କାହାକୁ ବା ଭଲ ନ ଲାଗେ। ସେଥିପାଇଁ ତ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ପ୍ରକାରର ନୃତ୍ୟ ରହିଛି। ଯାହାକି ସେହି ସ୍ଥାନର ସଂସ୍କୃତି ଓ ପରମ୍ପରାକୁ ବି ଦର୍ଶାଏ। ତେଣୁ କିଛି ଲୋକ ବିଭିନ୍ନ ପ୍ରକାରର ନୃତ୍ୟ ଶିଖିବାରେ ରୁଚି ରଖନ୍ତି। ହେଲେ 'ଜୌଲି' ନାମକ ଏକ ନୃତ୍ୟ ଅଛି ଯାହାକୁ ଚାହିଁଲେ ବି ଜଣେ ଶିଖିପାରିବେନି। କାରଣ ଏହା ହେଉଛି ପୃଥିବୀର ସବୁଠାରୁ କଷ୍ଟକର ନୃତ୍ୟ। ଉକ୍ତ ନୃତ୍ୟ ଆଫ୍ରିକାରେ ଦେଖିବାକୁ ମିଳେ। ୟୁନେସ୍କୋ ଅନୁସାରେ ଜୌଲି ଏକ ଲୋକପ୍ରିୟ ନୃତ୍ୟ ଅଟେ, ଯାହା କୋଟେ ଡି ଆଇଭ୍ୱରର ବୋଆଫଲେ ଓ ଜ୍ୟୁଏନୋଲା ସହରର ଗୁରୋ ସମ୍ପ୍ରଦାୟର ସଂସ୍କୃତିର ଅଂଶ ଅଟେ। ଉକ୍ତ ନୃତ୍ୟ ନାରୀ ସୌନ୍ଦର୍ଯ୍ୟକୁ ସମର୍ପିତ । ଏଥିରେ ମାସ୍କ, ପୋଷାକ, ସଙ୍ଗୀତ ଓ ନୃତ୍ୟ ସବୁକିଛି ଥାଏ। ଏହି ନୃତ୍ୟ 'ଡିଜେଲା ଲୋଉ ଜୌଲି' ବା 'ଡିଜେଲାଙ୍କ ଝିଅ ଜୌଲା'ନାମରେ ବି ପରିଚିତ। ଏଥିରେ ସଙ୍ଗୀତର ତାଳେ ତାଳେ ନୃତ୍ୟ କରୁଥିବା ବ୍ୟକ୍ତି କାଠର ସ୍ୱତନ୍ତ୍ର ମୁଖା ପିନ୍ଧି ଗୋଡକୁ ଏତେ କ୍ଷୀପ୍ର ଗତିରେ ଚାଳନା କରନ୍ତି ଯେ, ଦେଖିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ। ଏଥିରେ ପାଦର ମୁଭମେଣ୍ଟ ଏକାପରି ଲାଗୁଥିଲେ ହେଁ, ପ୍ରତି ପାଦର ମୁଭମେଣ୍ଟ ଭିନ୍ନ ଭିନ୍ନ ହୋଇଥାଏ। କୁହାଯାଏ ମାଇକେଲ୍ ଜ୍ୟାକ୍ସନ ବି ଏହି ନୃତ୍ୟରୁ ଦିନେ ପ୍ରଭାବିତ ହୋଇ କିଛି ଡ୍ୟାନ୍ସ ଷ୍ଟେପ୍ସ ଆପଣେଇଥିଲେ। ଏଥିରେ ସାତ ପ୍ରକାରର ମାସ୍କ ପିନ୍ଧି ନୃତ୍ୟ କରାଯାଏ। ଏହି ନୃତ୍ୟ ପରିବେଶ ସୁରକ୍ଷାର ବାର୍ତ୍ତା ବି ଦେଇଥାଏ। ଉକ୍ତ ନୃତ୍ୟକୁ ଶିଖିବା ଲାଗି ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗେ।

# ପାଚନ ସମସ୍ୟା ହେଉଛି କି ?

ପାଚନ ସମସ୍ୟା ବା ଅମ୍ଳ ଫେରିବା ସମସ୍ୟା ଅନେକଙ୍କୁ ହଇରାଣ କରିଥାଏ। ଏହା ଯୋଗୁଁ ଛାତିରେ ଜ୍ୱଳନ, ଖାଇବା ପରେ ଅସ୍ୱସ୍ତି ଏବଂ ପାଟିରେ ଖଟା ସ୍ୱାଦ ଭଳି ଲକ୍ଷଣ ଦେଖାଦେଇଥାଏ। କେତେକଙ୍କଠାରେ ଏହି ସମସ୍ୟା ବେଳେବେଳେ ହେଉଥିବା ବେଳେ ଅନ୍ୟମାନଙ୍କଠାରେ ବାରମ୍ବାର ଦେଖାଦେଇଥାଏ। ଖାଦ୍ୟାଭ୍ୟାସ ଓ ଦୈନନ୍ଦିନ ଜୀବନଶୈଳୀର କିଛି ପରିବର୍ତ୍ତନ ଏହାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇପାରେ।



ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟଙ୍କ ପରାମର୍ଶ ଅନୁଯାୟୀ, ରାତିରେ ଶୋଇବାର ୨ରୁ ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଇସାରିବା ଭଲ। ଖାଇବା ପରେ ତୁରନ୍ତ ଶୋଇପଡ଼ିଲେ ପେଟ ଭର୍ତ୍ତି ଥିବାରୁ ଅମ୍ଳ ଉପରକୁ ଫେରିବାର ସମ୍ଭାବନା ବଢ଼ିପାରେ। କିଛି ସମୟ ଅପେକ୍ଷା କଲେ ପେଟକୁ ଖାଦ୍ୟ ହଜମ କରିବା ପାଇଁ ସମୟ ମିଳେ ଏବଂ ରାତିରେ ଏସିଡ୍ ରିଫ୍ଲକ୍ସର ଆଶଙ୍କା କମିପାରେ।

ରାତିରେ ପାଚନ ସମସ୍ୟା ଅଧିକ ହେଉଥିଲେ ଶୋଇବା ସମୟରେ ମୁଣ୍ଡ ଓ ଛାତି ଅଞ୍ଚଳକୁ ସାମାନ୍ୟ ଉଚ୍ଚରେ ରଖିବା ମଧ୍ୟ ସହାୟକ ହୋଇପାରେ। ବେଡ୍ର ମୁଣ୍ଡପଟକୁ ପ୍ରାୟ ୬ରୁ ୮ ଇଞ୍ଚ ଉଚ୍ଚ କରିବା କିମ୍ବା ମ୍ୟାଟ୍ରେସ୍ ତଳେ ଫୋମ୍ ୱେଜ୍ ବ୍ୟବହାର କରାଯାଇପାରେ। ତେବେ ସାଧାରଣ ତକିଆ ଉପରେ ଅଧିକ ତକିଆ ରଖି ଶୋଇବା ସବୁବେଳେ ଭଲ ବିକଳ୍ପ ନୁହେଁ, କାରଣ ଏହା ଶରୀରକୁ ଭାଙ୍ଗି ଦେଇ ରିଫ୍ଲକ୍ସ ବଢ଼ାଇପାରେ।

ପାଚନ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ମଦ୍ୟପାନ ଓ ନିକୋଟିନ୍‌ଯୁକ୍ତ ପଦାର୍ଥରୁ ଦୂରେଇ ରହିବା ମଧ୍ୟ ଜରୁରୀ। ଏହା ବ୍ୟତୀତ ରାତିରେ ବିଳମ୍ବରେ ଖାଇବା ଅଭ୍ୟାସ ଛାଡ଼ିବା ଆବଶ୍ୟକ। ଭଜା ଖାଦ୍ୟ, ଅଧିକ ଚର୍ବିଯୁକ୍ତ ମାଂସ ଓ ଭାରି ଦୁଗ୍ଧଜାତୀୟ ଖାଦ୍ୟ ଭଳି କିଛି ଖାଦ୍ୟ ହଜମ ପ୍ରକ୍ରିୟାକୁ ଧୀମା କରି ରିଫ୍ଲକ୍ସ ବଢ଼ାଇପାରେ। ତେଣୁ ନିଜ ଶରୀରରେ କେଉଁ ଖାଦ୍ୟ ଲକ୍ଷଣ ବଢ଼ାଉଛି, ତାହା ଚିହ୍ନଟ କରି ସେଗୁଡ଼ିକୁ ସୀମିତ କରିବା ଉଚିତ।

ଅତିରିକ୍ତ ଓଜନ ଥିଲେ ଓଜନ ହ୍ରାସ କରିବା ମଧ୍ୟ ପାଚନ ସମସ୍ୟାର ଲକ୍ଷଣ କମାଇବାରେ ସହାୟକ ହୋଇପାରେ। ଏହା ଖାଦ୍ୟନଳୀର ତଳ ଭାଗରେ ଦୀର୍ଘ ସମୟ ଧରି ଚାପ ସୃଷ୍ଟି କରିପାରେ। ତେଣୁ ଆବଶ୍ୟକ ହେଲେ ସୁସ୍ଥ ଖାଦ୍ୟାଭ୍ୟାସ ଓ ନିୟମିତ ଶାରୀରିକ ସକ୍ରିୟତା ମାଧ୍ୟମରେ ଓଜନ ନିୟନ୍ତ୍ରଣରେ ରଖିବା ଭଲ। ପାଚନ ସମସ୍ୟାର ଲକ୍ଷଣ ବାରମ୍ବାର ଦେଖାଦେଉଥିଲେ କେବଳ ଘରୋଇ ଉପାୟ ଉପରେ ନିର୍ଭର ନକରି ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ବ୍ୟକ୍ତିଭେଦରେ ପାଚନ ସମସ୍ୟାର କାରଣ ଓ ଟ୍ରିଗର ଭିନ୍ନ ହୋଇପାରେ। ତେଣୁ ନିଜ ଖାଦ୍ୟାଭ୍ୟାସ, ଶୋଇବା ସମୟ ଓ ଦୈନନ୍ଦିନ ଅଭ୍ୟାସରେ ଆବଶ୍ୟକ ପରିବର୍ତ୍ତନ ସହ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ସମସ୍ୟାକୁ ଭଲ ଭାବେ ପରିଚାଳନା କରାଯାଇପାରେ।

# ଶାଢ଼ି ପିନ୍ଧିବାବେଳେ...

ଶାଢ଼ିରେ ପ୍ରାୟ ସବୁ ଫିଗରର ମହିଳା ସୁନ୍ଦର ଦେଖାଯାନ୍ତି। କିନ୍ତୁ ବେଳେବେଳେ ଶାଢ଼ି ପିନ୍ଧିବା ସମୟରେ କେତେଜଣ ମହିଳା ଏଭଳି ଭୁଲ୍ କରିବସନ୍ତି ଯେ ସେମାନଙ୍କ ଲୁକ୍ ଖରାପ ହୋଇଯାଏ। ଶାଢ଼ିରେ ସ୍ଲିମ୍ ଦେଖାଯିବାକୁ ଚାହୁଁଥିଲେ କିଛି ନିର୍ଦ୍ଦିଷ୍ଟ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ


- ଯଦି ଆପଣଙ୍କ ପେଟ ଓ ଅଣ୍ଟା ପାଖରେ ଅଧିକ ଫ୍ୟାଟ୍ ହୋଇଥାଏ ତେବେ କଟନ ଫ୍ୟାବ୍ରିକ୍ର ପେଟିକୋଟ୍ ପିନ୍ଧନ୍ତୁ ନାହିଁ। ବରଂ ପେଟିକୋଟ୍ ବଦଳରେ ଶୋପୱିୟର ପିନ୍ଧନ୍ତୁ। ଏହାକୁ ପିନ୍ଧିଲେ ଶାଢ଼ିରେ ସ୍ଲିମ୍ ଦେଖାଯିବେ।
- ଶାଢ଼ିରେ ସ୍ଲିମ୍ ଦେଖାଯିବା ପାଇଁ ଠିକ୍ ଢଙ୍ଗରେ ବ୍ଲାଉଜ୍ ମଧ ପିନ୍ଧିବା ଦରକାର। ମହିଳାମାନେ ଯଦି ମୋଟା ହୋଇଥାନ୍ତି ତେବେ ବୋଟ୍ ନେକ୍, କଲାର ନେକ୍ କିମ୍ବା ଫୁଲ୍ ନେକଲାଇନ୍ ଥିବା ବ୍ଲାଉଜ୍ ଆଦୌ ପିନ୍ଧନ୍ତୁ ନାହିଁ। ଏଭଳି ବ୍ଲାଉଜ୍ ବଦଳରେ ସବୁବେଳେ ଆଗ ଓ ପଛ ଡିପ୍ ନେକ୍ଲାଇନ ଥିବା ବ୍ଲାଉଜ୍ ପିନ୍ଧିଲେ ଭଲ ଲାଗିବ।



- ମୋଟୀ ହୋଇଥିଲେ ମହିଳାମାନେ ଆଦୌ ଚଉଡ଼ା ବର୍ଡର ଥିବା ଶାଢ଼ି ପିନ୍ଧନ୍ତୁ ନାହିଁ। ଶାଢ଼ିରେ ବେଶି ଚଉଡ଼ା ବର୍ଡର ଥିଲେ ତାହା ଅଧିକ ମୋଟୀ ଭଳି ମନେ ହୋଇଥାଏ। ତେଣୁ ପତଳା ବର୍ଡର ଥିବା ଶାଢ଼ି ପିନ୍ଧିଲେ ହିଁ ଆପଣ ନିଶ୍ଚିତଭାବେ ସାମାନ୍ୟ ସ୍ଲିମ୍ ଲାଗିବେ।
- ସ୍ଲିମ୍ ଦେଖାଯିବା ପାଇଁ ବ୍ଲାଉଜ୍ ଡିଜାଇନ ସହ ଶାଢ଼ି ପିନ୍ଧିବା ଷ୍ଟାଇଲ୍ ମଧ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମୋଟୀ ମହିଳାମାନେ ଶାଢ଼ି ପିନ୍ଧିବାବେଳେ ପଣତକୁ ସବୁବେଳେ ଅଧିକ ଲମ୍ବା ରଖିବା ଉଚିତ ହେବ।
- ଏପରି କଲେ ମହିଳାଙ୍କର ମୋଟାପଣ କିଛି ପରିମାଣରେ ଲୁଚିଯିବା ଭଳି ମନେ ହୋଇଥାଏ। ବିପରୀତରେ ଯଦି ଛୋଟ ପଣତ ରଖିବେ ଆଦୌ ଭଲ ଲାଗିବ ନାହିଁ।

# ଭିନ୍ନ ରାଜ୍ୟ ଭିନ୍ନ ଚପଲ

**ପାଦକୁ ସୁରକ୍ଷା ଦିଏ ଜୋତା ଓ ଚପଲ। ଏହାବାଦ୍ କେବେ ଏହା ବ୍ୟକ୍ତିଙ୍କ ଷ୍ଟାଟସ୍କୁ ଦର୍ଶାଏ ତ କେବେ କୌଣସି ସ୍ଥାନର ପରିଚୟ ବି ପାଲଟିଛି। ଭାରତର ବିଭିନ୍ନ ରାଜ୍ୟର ସେମିତି କେତେକ ଖାସ୍ ଜୋତା ଓ ଚପଲ ସମ୍ପର୍କରେ...**



**କୋହ୍ଲାପୁରୀ ଚପଲ:** ଅତି ଆରାମଦାୟକ ଚମଡାର ଏହି ହାତ ତିଆରି ସ୍ଲିପର୍ସ ଦେଖିବାକୁ ବହୁତ ଆକର୍ଷକ। ଏହା ଯେମିତି ଲଙ୍ଗ ଲାଷ୍ଟିଙ୍ଗ ଏହାର କାରୁକାର୍ଯ୍ୟ ସେମିତି ସୁନ୍ଦର। ତେଣୁ ସାରା ପୃଥିବୀରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଦ୍ୱାଦଶ ଶତାବ୍ଦିରେ ରାଜା ବିଜ୍ଜଲ ଓ ତାଙ୍କ ପ୍ରଧାନମନ୍ତ୍ରୀ ବାସଭାନ୍ ମୋଚି ସମ୍ପ୍ରଦାୟର ଉନ୍ନତି ଲାଗି ଏହି ଚପଲର ଉତ୍ପାଦନ ବଢାଇଥିଲେ। ମହାରାଷ୍ଟ୍ରର କୋହ୍ଲାପୁର ଜିଲାର ନାମାନୁସାରେ ଉକ୍ତ ଚପଲର ନାମକରଣ ହୋଇଛି। ଦୀର୍ଘ ୧୦୦ ବର୍ଷ ହେବ ଏହି ଚପଲ ତା'ର ପୁରୁଣା ଷ୍ଟାଇଲ ଓ ଆକାରରେ ଆଜି ବି ଉପଲବ୍ଧ ହେଉଛି। ଯଦିଓ ଏବେ ଗ୍ରାହକଙ୍କ ଚାହିଦାକୁ ଲକ୍ଷ୍ୟରେ ରଖି ଏହା ବିଭିନ୍ନ ରଙ୍ଗ ଓ ଡିଜାଇନ୍ରେ ଉପଲବ୍ଧ ହେଲାଣି। ଆଜିକାଲି ମଡର୍ନ ଟଚ୍ ଦେବା ଲାଗି ମେଟାଲିକ, ଗୋଲ୍ଡ ଓ ସିଲଭର୍ର ଷ୍ଟ୍ରାଇପ୍ ସହିତ ସେକ୍ୱିନ୍ରେ ସଜ୍ଜିତ କୋହ୍ଲାପୁରୀ ଚପଲ ଡିଜାଇନ୍ ହେଉଛି। ଉଭୟ ପୁରୁଷ ଓ ମହିଳାଙ୍କର ଏହା ପ୍ରିୟ। ତା'ସହ ୱେଷ୍ଟର୍ନ ହେଉକି ଟ୍ରାଡିସନାଲ ଗେଟ୍‌ଅପ୍ ସବୁଥିରେ ଏହା ଭଲ ଲାଗେ। ତେଣୁ କୋହ୍ଲାପୁର ଯାଇ ଯଦି କୋହ୍ଲାପୁରୀ ଚପଲ ନ ଆଣିବେ, ତେବେ ସେଠାକୁ ଯିବାର ମାନେ ରହେନା।

**ମୋଜାରୀ ଖୁସା:** ପୁରାତନ ସମୟରେ ରାଜସ୍ଥାନର ଏହି ଜୋତାକୁ ନୱାବ, ମହାରାଜ, ମହାରାଣୀ ଜମିଦାରମାନେ ପିନ୍ଧୁଥିଲେ। ଏହା ସେମାନଙ୍କ ପ୍ରତିପତିକୁ ଦର୍ଶାଉଥିଲା। ପୂର୍ବେ ଏହି ଜୋତାକୁ ଖାଣ୍ଟି ସୁନା, ରୁପାର ସୂତାରେ ତିଆରି କରାଯାଉଥିଲା। ବିରଳ ମୋତି ଓ ଦାମୀ ରତ୍ନରେ ସଜାଯାଉଥିଲା। ଉକ୍ତ ଜୋତାର ସାମ୍ନା ଭାଗ ମୋଡି ହୋଇ ରହିଥାଏ, ଯାହା ରାଜକୀୟ ଲୁକ୍ ଦିଏ। ଶିଖ୍ ସମ୍ପ୍ରଦାୟରେ ଏହା ଯୋଧପୁରୀ ଜୋତା ଭାବେ ପରିଚିତ ଥିଲା। ଚମଡାର ଏହି ଜୋତାକୁ ହାତରେ ତିଆରି କରାଯାଏ। ଏହାର କାରିଗରୀ ଯୋଧପୁର, ଗୋଲାପି ସହର ଜୟପୁର ଓ ପଞ୍ଜାବରେ ହୋଇଥାଏ। ଏଥିରେ ହେଉଥିବା ସୁନ୍ଦର ଏମ୍ବ୍ରୋଏଡାରୀ କାମ, ଭେଲଭେଟ୍, ସେକ୍ୱିନ, ମୋତି , ସେରାମିକ ବିଡ୍ସ ସାଜସଜ୍ଜା ଏହାକୁ ଆକର୍ଷକ କରିଥାଏ।

**ଜୁତି:** ପଞ୍ଜାବ ଓ ରାଜସ୍ଥାନର ଏହି ପ୍ରସିଦ୍ଧ ଜୁତି କେବଳ ଉତ୍ତର ଭାରତରେ ନୁହେଁ ସାରା ପୃଥିବୀରେ ଲୋକପ୍ରିୟ ହୋଇପାରିଛି। ମୋଗଲମାନେ ହେଉଛନ୍ତି ଏହାର ପୃଷ୍ଠପୋଷକ। ଏହାକୁ ପ୍ରଥମେ ମହାରାଜା, ମହାରାଣୀମାନେ ପିନ୍ଧୁଥିଲେ। ଏହାକୁ ଚମଡାରେ ତିଆରି କରାଯାଉଥିଲା। ସୁନା ଓ ରୁପାର ସୁତାରେ ଏହାକୁ ଏମ୍ବ୍ରୋଏଡାରୀ କରାଯାଉଥିଲା। ବିଭିନ୍ନ ରତ୍ନ, ମୂଲ୍ୟବାନ ପଥର, ଦାମୀ ମୋତିରେ ଏହାକୁ ସଜା ଯାଉଥିଲା। ଯୁଗ ବଦଳିବା ସହ ଏଥିରେ ଅନେକ ପରିବର୍ତ୍ତନ ହୋଇଛି। ଆଉ ଏବେ ଏହା ଅନେକ ଟ୍ରେଣ୍ଡି ପ୍ୟାଟର୍ନରେ ଉପଲବ୍ଧ ହେଉଛି। ବିବାହ, ପର୍ବପର୍ବାଣି, ପାର୍ଟି ଆଦିରେ ଏହାକୁ ପିନ୍ଧିଲେ ବହୁତ ଭଲ ଲାଗେ। ଏଥନିକ ଲୁକ୍ ପାଇଁ ଏହାକୁ ଲେହଙ୍ଗା, ଅନାରକଲି, ଘାଘରା ସହ ପିନ୍ଧିବାକୁ ବେଶ୍ ପସନ୍ଦ କରାଯାଉଛି।

**ପୁଲା ଚପଲ:** 'ଲାଣ୍ଡ ଅଫ୍ ଗଡ୍ସ' ଭାବେ ପରିଚିତ ହିମାଚଳ ପ୍ରଦେଶର ସ୍ଥାନୀୟ ପାହାଡି ଲୋକେ ଏହି ସ୍ୱତନ୍ତ୍ରଧରଣର ଚପଲ ପିନ୍ଧନ୍ତି। ଏହାକୁ ପ୍ରସ୍ତୁତ କରିବା ଲାଗି ପ୍ରଥମେ ଏଠାକାର ଏକପ୍ରକାରର ଘାସକୁ ମୋଡି ଦଉଡି କରାଯାଏ। ଆଉ ସେହି ଦଉଡିକୁ କପଡାରେ ଲଗାଲଗି ରଖି ସିଲେଇ କରି ସେଥିରେ ଚପଲ ପ୍ରସ୍ତୁତ କରାଯାଏ। ଚପଲର ଉପରଭାଗରେ ସୁନ୍ଦର ଛୁଞ୍ଚି ସୁତାର କାରିଗରୀ କରାଯାଇଥାଏ। ହିମାଚଳ ପ୍ରଦେଶରେ ଚମଡାର ଜୋତା କି ଚପଲ ବ୍ୟବହାର ଉପଯୋଗୀ ହୋଇପାରେନା। କେବଳ ହାଲ୍କା ପୁଲା ଚପଲକୁ ପିନ୍ଧି ବରଫରେ ଚାଲିବା ସହଜ ହୋଇଥାଏ। ପର୍ବପର୍ବାଣିରେ ମନ୍ଦିର ପରିସରରେ ଚାଲିବା ଲାଗି ମଧ୍ୟ ଏହାକୁ ବ୍ୟବହାର କରାଯାଏ। ଏହାକୁ ଏଠାକାର ଚବ ନାମକ ସ୍ଥାନରେ ତିଆରି କରାଯାଏ। ତେବେ ଏହାର ବଜାର ଏବେ ରାଜସ୍ଥାନ, ଗୁଜୁରାଟ ଓ ମଧ୍ୟପ୍ରଦେଶକୁ ବି ବ୍ୟାପିଗଲାଣି।

**ଓସୋ ଚପଲ:** ଆଧ୍ୟାତ୍ମିକ ଗୁରୁ ଶ୍ରୀ ଓସୋ ରଜନିଶ୍ଙ୍କ ନାମାନୁସାରେ ଏହାର ନାମକରଣ ହୋଇଛି। ଏହା ଏକ ଇକୋ ଫ୍ରେଣ୍ଡଲି ଚପଲ ଅଟେ। ଏହାକୁ ବାଉଁଶ, ଝୋଟ ଓ ସ୍ୱତନ୍ତ୍ରଧରଣର ଘାସରେ ତିଆରି କରାଯାଇଥାଏ। ଚପଲର ଷ୍ଟ୍ରିଙ୍ଗ ବା ଫିତା ପାଇଁ ଫଙ୍କ ଭେଲଭେଟ୍, ରବର, କିମ୍ବା କଟନ୍ କପଡାର ବ୍ୟବହାର କରାଯାଇଥାଏ। ଶକ୍ତ ରବର ବେସ୍ ଉପରେ ବାଉଁଶ, ଝୋଟ ତଥା ଘାସର ଚଟାଇ ପରି ଲେୟର ଥାଏ। ଏହି ଚପଲ ଦେଖିବାକୁ ସିମ୍ପଲ କିନ୍ତୁ ବହୁତ ଷ୍ଟାଇଲିଶ। ତା'ସହ ପାଦକୁ ଥଣ୍ଡା ବି ରଖେ। କମ୍ ଦାମ, ସୁନ୍ଦର ରଙ୍ଗ ଓ ବିଭିନ୍ନ ଷ୍ଟାଇଲ ଓ ପ୍ୟାଟର୍ନରେ ଏହା ଉପଲବ୍ଧ ହୁଏ। ୱେଷ୍ଟର୍ନ ହେଉକି ଇଣ୍ଡିଆନ୍ ଆଉଟଫିଟ୍ ସବୁଥିରେ ଏହା ଭଲ ଲାଗେ।

# ପେଟ ପାଇଁ ଲାଭଦାୟକ ପାନ ପତ୍ର

ପାନ ପତ୍ର ପୋଷକତତ୍ୱର ଭଣ୍ଡାର । ଏହା କ୍ୟାଲସିୟମ, ଭିଟାମିନ ସି ଏବଂ ଆଇରନର ଏକ ଉତ୍କୃଷ୍ଟ ଉତ୍ସ । ତେଣୁ, ଏହା ଶରୀରର ଅନେକ ସମସ୍ୟା ସହିତ ଲଢ଼ିବାକୁ ସକ୍ଷମ । ପାନ ପତ୍ର କେବଳ ମୁଣ୍ଡବିନ୍ଧା ଏବଂ କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ ତାହା ନୁହେଁ, ବରଂ ଅନେକ ସମସ୍ୟାରେ ମଧ୍ୟ ସାହାଯ୍ୟ କରିପାରେ । ପାନ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଭଲ ହୁଏ । ପାନ ଚୋବାଇଲେ ଲାଳ ଉତ୍ପାଦନକୁ ତ୍ୱରାନ୍ୱିତ କରେ, ଯାହା ପାଚନ ଏନଜାଇମକୁ ସକ୍ରିୟ କରେ । ଏହା ଗ୍ୟାସ୍, ଏସିଡିଟି ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦିଏ । ଏହି କାରଣରୁ ଲୋକମାନେ ପ୍ରାୟତଃ ଖାଦ୍ୟ ପରେ ପାନ ଖାଇବାକୁ ପସନ୍ଦ କରନ୍ତି । ପରିବର୍ତ୍ତିତ ପାଗ ସମୟରେ ପାନ ଖାଇବା ଲାଭଦାୟକ ହୋଇପାରେ । ପାଗ ପରିବର୍ତ୍ତନ ସମୟରେ ସାଧାରଣତଃ ଲୋକଙ୍କୁ ଥଣ୍ଡା ଏବଂ କାଶ ହୋଇଥାଏ । ଏଥିରୁ ଆରାମ ପାଇବା ପାଇଁ, ଆପଣ ଏକ ପାନ ପତ୍ରରେ ଉଷୁମ ସୋରିଷ ତେଲ ଲଗାଇ ଆପଣଙ୍କ ଛାତିରେ ରଖି ପାରିବେ । ଏହା କଫକୁ ବାହାର କରିଥାଏ । କାଶ ହ୍ରାସ କରିଥାଏ ଏବଂ ଶ୍ୱାସକ୍ରିୟା ସହଜ କରିଥାଏ । ଯଦି ଆପଣଙ୍କର ମାଢ଼ିରେ କୌଣସି ସମସ୍ୟା ଅଛି, କିମ୍ବା ବ୍ରଶ୍ କରିବା ପରେ ମଧ ଆପଣଙ୍କ ପାଟିରୁ ଦୁର୍ଗନ୍ଧ ଆସୁଛି । ତେବେ ଆପଣ ପାନ ପତ୍ର ବ୍ୟବହାର କରି ପାରିବେ । ପାନ ପତ୍ରକୁ ପାଣିରେ ଫୁଟାଇ କୁଳି କରନ୍ତୁ । ଏହା କେବଳ ପାଟିରୁ ଦୁର୍ଗନ୍ଧ ଦୂର କରେ ନାହିଁ ବରଂ ଆପଣଙ୍କ ମାଢ଼ିକୁ ମଜବୁତ କରିବାରେ ମଧ ସାହାଯ୍ୟ କରେ ।



# ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଗତ କିଛି ବର୍ଷ ଧରି ଅନେକ ବଡ଼ ବଜେଟ୍ର ଚଳଚ୍ଚିତ୍ରରେ ନଜର ଆସିଛନ୍ତି। ବଲିଉଡ୍ ସହ ଦକ୍ଷିଣ ଭାରତୀୟ ସିନେମାରେ ମଧ୍ୟ ସେ ନିଜ ଭାଗ୍ୟ ପରୀକ୍ଷା କରିଛନ୍ତି। ତେବେ ଦକ୍ଷିଣ ଭାରତୀୟ ଫିଲ୍ମରେ ତାଙ୍କୁ ମିଳିଥିବା ଭୂମିକାକୁ ନେଇ ଦର୍ଶକଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି। ଏବେ ଏହାକୁ ନେଇ ଜାହ୍ନବୀ ଦକ୍ଷିଣ ଭାରତୀୟ ସିନେମାରେ ନୂଆ ପ୍ରୋଜେକ୍ଟ ଚୟନ କରିବାରେ ଅଧିକ ସତର୍କ ହେଉଥିବା ଚର୍ଚ୍ଚା ହେଉଛି। ଜାହ୍ନବୀ କପୁର ପ୍ରଥମେ ଜୁନିଅର ଏନଟିଆରଙ୍କ ଅଭିନୀତ 'ଦେବରା' ଜରିଆରେ ଦକ୍ଷିଣ ଭାରତୀୟ ସିନେମାରେ ପାଦ ଥାପିଥିଲେ। ପରେ ରାମ ଚରଣଙ୍କ ଅଭିନୀତ 'ପେଡ୍ଡି'ରେ ମଧ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଥିଲେ। ତେବେ 'ପେଡ୍ଡି'ରେ ଜାହ୍ନବୀଙ୍କ ଚରିତ୍ରକୁ ଯେଉଁଭଳି ଭାବେ ଉପସ୍ଥାପନ କରାଯାଇଥିଲା, ତାହାକୁ ନେଇ ଦର୍ଶକଙ୍କ ଏକ ବଡ଼ ଅଂଶ ଅସନ୍ତୋଷ ପ୍ରକାଶ କରିଥିଲେ। ଚଳଚ୍ଚିତ୍ରରେ ତାଙ୍କୁ ଆଶାନୁରୂପ ଦୃଢ଼ ଭୂମିକା ମିଳିନଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହାରି ମଧ୍ୟରେ ଜାହ୍ନବୀଙ୍କ ନାମ ଅଲୁ ଅର୍ଜୁନ ଏବଂ ଆଟଲିଙ୍କ ଆଗାମୀ ଫିଲ୍ମ 'ରାକା' ସହ ଯୋଡ଼ାଯାଉଛି। ତେବେ ଏନେଇ ନିର୍ମାତାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଅଧିକାରିକ ଘୋଷଣା ହୋଇନାହିଁ। ଏକ ସାମ୍ପ୍ରତିକ ରିପୋର୍ଟ ଅନୁସାରେ, 'ରାକା' ବ୍ୟତୀତ ଜାହ୍ନବୀ ବର୍ତ୍ତମାନ ଅନ୍ୟ କୌଣସି ନୂଆ ଦକ୍ଷିଣ ଭାରତୀୟ ପ୍ରୋଜେକ୍ଟ ସାଇନ୍ କରିନାହାନ୍ତି।





## ମହାମହିମ ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୫ ପ୍ରମୁଖ ସାଂସ୍କୃତିକ ଦଳର ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର

# ‘ଯେଉଁ କାମ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରନ୍ତୁ’

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଜୀବନ୍ତ ପ୍ରତିନିଧି ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଞ୍ଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ କଳାକାରମାନଙ୍କୁ ଭବ୍ୟ

### ଗଞ୍ଜାମର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ଉଚ୍ଚ ପ୍ରଶଂସା କଲେ ରାଷ୍ଟ୍ରପତି

ସ୍ୱାଗତ କରାଯାଇଥିଲା। ନିକଟରେ ମହାମହିମ ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ଆଦିବାସୀ ଓ ଲୋକନୃତ୍ୟ ଦଳଗୁଡ଼ିକ ଆକର୍ଷଣୀୟ ନୃତ୍ୟ ଓ





ସଙ୍ଗୀତ ପରିବେଷଣ କରିଥିଲେ। ଏହି ପାରମ୍ପରିକ କଳା ପ୍ରଦର୍ଶନରେ ମହାମହିମ ରାଷ୍ଟ୍ରପତି ଅଭିଭୂତ ହୋଇ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ଆମନ୍ତ୍ରଣକ୍ରମେ ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା’ ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ୯୦ରୁ ଊର୍ଦ୍ଧ୍ୱ କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। କଳାକାରମାନଙ୍କ ସହ ଭାବ ବିନିମୟ ସମୟରେ ମହାମହିମ ରାଷ୍ଟ୍ରପତି ସେମାନଙ୍କ ସୁଖଦୁଃଖ ପଚାରି ବୁଝିବା ସହ କହିଥିଲେ ଯେ, ପୂର୍ବପୁରୁଷମାନଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ।
ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଗଞ୍ଜାମର ସୌରା ଜନଜାତିର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ମଧ୍ୟ ମହାମହିମ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। କଳାକାରମାନଙ୍କ ପାଇଁ ଏହି ଦିନଟି ଏକ ଅବିସ୍ମରଣୀୟ ଅନୁଭୂତି ଦେଇଛି । ରାଷ୍ଟ୍ରପତି ଭବନ ପରିଦର୍ଶନ, ମହାମହିମ ରାଷ୍ଟ୍ରପତିଙ୍କ ସହ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଶ୍ରୀ ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି । ଏହି ପ୍ରତିନିଧି ଦଳ ସହିତ ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ।

# ଦନ୍ତା ଆଗରେ ହାତ ଟେକିଦେଇଛି ବନ ବିଭାଗ

କଳିଙ୍ଗନଗର, (ପିପିଏସ) ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଦନ୍ତା ହାତୀର ଆତଙ୍କ ଏବେ ଚରମ ସୀମାରେ ପହଞ୍ଚିଛି। ଦୀର୍ଘ ୩ ମାସରୁ ଊର୍ଦ୍ଧ୍ୱ ହେଲା ଏକ ଦନ୍ତା ହାତୀ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଏହାର ଆଖପାଖରେ ଘୁରି ବୁଲୁଥିବା ବେଳେ ଆଜି ପୁଣି ଜଖପୁରାସ୍ଥିତ କେଜେ ଇସ୍ପାତ ପ୍ଲାଣ୍ଟ ପରିସରକୁ ପଶି ଆତଙ୍କ ଖେଳାଇଛି। ପ୍ଲାଣ୍ଟ ଭିତରେ ଦନ୍ତାଟି ଗୋଟିଏ ବୋଲେରୋ, ଗୋଟିଏ ଟାଟା ଯୋଦ୍ଧା ଗାଡ଼ି ସମେତ ୪ ଜଣ କର୍ମଚାରୀଙ୍କ ବାଇକ୍ ଭାଙ୍ଗିରୁଜି କରିଥିବା ଜଣାପଡ଼ିଛି। ଘଟଣା ପରେ ପ୍ଲାଣ୍ଟ କର୍ମଚାରୀ, ଶ୍ରମିକ ଓ ଆଖପାଖ ଜନବସତିର ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଗାଡ଼ି ଭାଙ୍ଗିବା ପରେ ଦନ୍ତାଟି କେଜେ ଇସ୍ପାତ ପାଚେରୀ ଭାଙ୍ଗି ପରିସରରୁ ବାହାରି ଜନବସତି ମୁହାଁ ହୋଇଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଛନକା ପଶିଥିବା ବେଳେ ଯେକୌଣସି ସମୟରେ ଅଘଟଣ ଘଟିବା ନେଇ ଆଶଙ୍କା ବଢ଼ିଛି। ସ୍ଥାନୀୟଙ୍କ କହିବାନୁଯାୟୀ, ଏହି ଦନ୍ତା ହାତୀଟି ଜୁଲାଇ ୧୪ ତାରିଖରେ ମଧ କେଜେ ଇସ୍ପାତ ପ୍ଲାଣ୍ଟ ପରିସରକୁ ପଶିଥିଲା। ଏହା ପରଠାରୁ ଦୀର୍ଘ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ହାତୀଟି କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏଣେତେଣେ ଘୁରୁଥିବା କୁହାଯାଉଛି ।ଏତେ ଦୀର୍ଘ ସମୟ ଧରି ଏକ ଦନ୍ତା ହାତୀ ଶିଳ୍ପାଞ୍ଚଳ ଓ ଜନବସତି ନିକଟରେ ଘୁରୁଥିବା ସତ୍ତ୍ୱେ ଏହାକୁ ସୁରକ୍ଷିତ ଭାବେ ଜନବସତିଠାରୁ ଦୂରକୁ ନେବା ପାଇଁ ସ୍ଥାୟୀ ପଦକ୍ଷେପ ନିଆନଯିବାକୁ ନେଇ ଏବେ ବନ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି ।କଳିଙ୍ଗନଗର ହେଉଛି ଏକ ବ୍ୟସ୍ତ ଶିଳ୍ପାଞ୍ଚଳ। ଏଠାରେ ପ୍ରତିଦିନ ହଜାର ହଜାର ଶ୍ରମିକ ଓ କର୍ମଚାରୀ ଯାତାୟାତ କରନ୍ତି। ଏଭଳି ଅଞ୍ଚଳରେ ଏକ ଦନ୍ତା ହାତୀର ଅବାଧ ଚଳପ୍ରଚଳ ମଣିଷଙ୍କ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି କରିଛି।
ଏବେ ହାତୀ ବୁଲୁଛି, ବନ ବିଭାଗ ଦେଖୁଛି। ଘଟଣା ସମ୍ପର୍କରେ



### କଳିଙ୍ଗନଗରରେ ୩ ମାସରୁ ଊର୍ଦ୍ଧ୍ୱ ହେଲା ଆତଙ୍କ

### କେଜେ ଇସ୍ପାତରେ ପଶି ଗାଡ଼ି ଓ ବାଇକ୍ ଭାଙ୍ଗିଲା, ଏବେ ଜନବସତି ମୁହାଁ

ଯାଜପୁର ରୋଡ୍ ? ରେଞ୍ଜରଙ୍କ ସହ ଯୋଗାଯୋଗ କରାଯିବାରୁ ବନ ବିଭାଗର କର୍ମଚାରୀମାନେ ହାତୀର ଗତିବିଧି ଉପରେ ମନିଟରିଂ କରୁଥିବା କହିଥିଲେ। ଏହି ପରିସ୍ଥିତିରେ ସେ ନିଜେ କିଛି କରିପାରିବେ ନାହିଁ ଏବଂ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ କଥା ହେବାକୁ କହିଥିବା ଜଣାପଡ଼ିଛି ।ତେବେ ପ୍ରଶ୍ନ ଉଠୁଛି ହାତୀ ଯେତେବେଳେ ପ୍ଲାଣ୍ଟ ଭିତରେ ପଶି ଗାଡ଼ି ଓ ବାଇକ୍ ଭାଙ୍ଗିଦେଲା, ଏବେ ଜନବସତି ମୁହାଁ ହେଲା, ସେତେବେଳେ କେବଳ ମନିଟରିଂ କରିବା କ’ଣ ଲୋକଙ୍କ ସୁରକ୍ଷା ପାଇଁ ଯଥେଷ୍ଟଘଟଣା ନେଇ ଡିଏଫ୍‌ଓଙ୍କ ସହ ଯୋଗାଯୋଗ କରାଯିବାରୁ ହାତୀଟି ସେହି ଅଞ୍ଚଳରେ ବୁଲୁଥିବାରୁ ପ୍ଲାଣ୍ଟ ଭିତରକୁ ପଶିଯାଇଥିବ ବୋଲି କହିଥିଲେ। ହାତୀଟିକୁ ଜନବସତିଠାରୁ ଦୂରକୁ ନେବା ପାଇଁ କ’ଣ ପଦକ୍ଷେପ ନିଆଯାଉଛି ବୋଲି ପଚରାଯିବାରୁ ବନ ବିଭାଗର କର୍ମଚାରୀମାନେ ସେଠାରେ ଥିବା ଏବଂ ସେ ନିଜେ ଦେଖୁଥିବା କହି ଫୋନ୍ କାଟିଦେଇଥିବା ଜଣାପଡ଼ିଛି। ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ନହେବା ଏବଂ ଉଭୟଙ୍କ ସୁରକ୍ଷା ନିଶ୍ଚିତ କରିବା ହିଁ ଏଭଳି ସମୟରେ ବନ ବିଭାଗର ପ୍ରାଥମିକ ଦାୟିତ୍ୱ। କିନ୍ତୁ କଳିଙ୍ଗନଗରରେ ଗତ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଦନ୍ତା ଘୁରୁଥିବା, ପ୍ଲାଣ୍ଟରେ ପଶି ଗାଡ଼ି ଭାଙ୍ଗିବା ଏବଂ ଏବେ ଜନବସତି ମୁହାଁ ହେବା ଘଟଣା ବନ ବିଭାଗର ପ୍ରସ୍ତୁତି ଓ ପଦକ୍ଷେପକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି ।ଅଘଟଣ ହେଲେ ଦାୟୀ କିଏ ହେବ ସାଧାରଣରେ ପ୍ରଶ୍ନବାଚୀ ?କୌଣସି ମଣିଷର ଜୀବନ ଯିବା ପରେ ହିଁ କି ବନ ବିଭାଗର ପଦକ୍ଷେପ ଆରମ୍ଭ ହେବ? ବୋଲି ବୁଦ୍ଧିଜୀବୀ ଓ ସାଧାରଣରେ ପ୍ରଶ୍ନ ଉଠିଛି ।ଶେଷ ସୂଚନା ଅନୁଯାୟୀ, ଦନ୍ତାଟି କେଜେ ଇସ୍ପାତ ପ୍ଲାଣ୍ଟରୁ ବାହାରି ଜନବସତି ଆଡ଼କୁ ମୁହାଁଇଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ବଢ଼ିଛି। ତେଣୁ ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଉଦ୍ଧାରକାରୀ ଦଳ ମୁତୟନ କରି ଦନ୍ତାକୁ ସୁରକ୍ଷିତ ଭାବେ ଜନବସତି ଓ ଶିଳ୍ପାଞ୍ଚଳଠାରୁ ଦୂରକୁ ନେବା ସହ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି ।ଅନ୍ୟଥା ଆଗାମୀ ଦିନରେ ଯଦି କୌଣସି ଅଘଟଣ ଘଟେ, ତେବେ ହାତୀ ଆସିଥିଲା ବୋଲି ଜଣାଥିଲା, ବିପଦର ଆଶଙ୍କା ବି ଥିଲା- ତଥାପି ପୂର୍ବରୁ କାହିଁକି ପଦକ୍ଷେପ ନିଆଗଲା ନାହିଁ? ଏହି ପ୍ରଶ୍ନର ଉତ୍ତର ବନ ବିଭାଗକୁ ଦେବାକୁ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

### ନିର୍ବାଚିତ ଅଧ୍ୟକ୍ଷଙ୍କୁ ଅଣଦେଖା

# କଳା ବ୍ୟାଚ୍ ପିନ୍ଧି ଧାରଣାରେ ବସିଲେ ଅଧ୍ୟକ୍ଷ ଓ କାଉନ୍‌ସିଲର

ବ୍ରହ୍ମପୁର(ପିପିଏସ୍): ଆଜି ଏକ ଅଭାବନୀୟ ଘଟଣା ଘଟିଛି ସର୍ବପୁରାତନ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ । ଖୋଦ୍ ଏନ୍ଏସି ଅଧ୍ୟକ୍ଷ ଓ ତାଙ୍କ ସହ ୭ରୁ ଊର୍ଦ୍ଧ୍ୱ କାଉନ୍ସିଲର୍ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟର ସଟର ଟାଣି ଗେଟ୍ ବନ୍ଦ କରି କଳା ବ୍ୟାଜ ପିନ୍ଧି ତାଲା ପକାଇ ଧାରଣାରେ ବସିଛନ୍ତି। ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର



ମାଧ୍ୟମରେ ଜଣାଇଛନ୍ତି ଯେ, କାଉନସିଲ ବୈଠକରେ ପାରିତ ହୋଇଥିବା କାର୍ଯ୍ୟ ଗୁଡିକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅଣଦେଖା କରୁଛନ୍ତି। ଗୋପାଳପୁର ଏନ୍ଏସି ପର୍ଯ୍ୟଟନ କ୍ଷେତ୍ର ହୋଇ ଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି ଦେଶ ବିଦେଶ ଓ ରାଜ୍ୟରୁ ସବୁ ବେଳେ ଗହଳି ଲାଗି ରହିଥାଏ। ସରକାରଙ୍କ ବିଭିନ୍ନ ଯୋଜନା ଏଠାରେ କାର୍ଯ୍ୟକାରୀ ନ ହେବା ସହ ଜନସାଧାରଣଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହୁଅନ୍ତି ଗୋପାଳପୁର ବାସିନ୍ଦା। ଏଠାକାର ରାସ୍ତା ଘାଟ ଓ ଆଲୁଅର ବ୍ୟବସ୍ଥା ଠିକ୍ ଭାବେ ପରିଚାଳିତ ହେଉ ନାହିଁ କି ନିର୍ବାଚିତ ଅଧ୍ୟକ୍ଷ କିମ୍ବା କାଉନସିଲରଙ୍କୁ ଅଣଦେଖା କରିବା ସହ ଆଲୋଚନା କରୁନାହାନ୍ତି। ବାରମ୍ବାର ଦାବୀ ସ୍ୱତ୍ୱେ କେହି ଏଠି ଶୁଣିବା ଭଳି ପ୍ରଶାସକ ମିଳୁ ନାହାଁନ୍ତି । ନାହିଁ ନାହିଁ ରେ ଚାଲିଛି ଏନ୍ଏସି ବୋଲି ଲୋକ କହୁଛନ୍ତି। ଯେଉଁ ଠାରେ ଥିବା ଲୋକପ୍ରତିନିଧିଙ୍କୁ ଅଣଦେଖା କରୁଛନ୍ତି ସାଧାରଣ ଜନତାଙ୍କ ଅବସ୍ଥା ବୁଝିବା କିଏ । ପୂର୍ବରୁ ଆହାର କେନ୍ଦ୍ରର ଟେଣ୍ଡର କାର୍ଯ୍ୟରେ ଅନିୟମିତତା ସହ ପାର୍କିଂ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ସେଥି ପ୍ରତି ବାରମ୍ବାର ଦାବୀ କରିଲେ ମଧ୍ୟ କିଛି ଫରକ୍ ପଡୁନାହିଁ। ଜିଲ୍ଲାପାଳ ହସ୍ତକ୍ଷେପ କରି ଗୁରୁତର ସମସ୍ୟା ଗୁଡ଼ିକୁ ତୁରନ୍ତ ସମାଧାନ କରନ୍ତୁ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପକୁ ରୋକ୍ ଲଗାଇବା ସହ ଜନସାଧାରଣଙ୍କ ମୌଳିକ ସୁବିଧା ଗୁଡ଼ିକ କିପରି ସମାଧାନ ହୋଇପାରିବ ସେଥିପ୍ରତି ଦୃଷ୍ଟଦେବେ ବୋଲି ନିର୍ବାଚିତ ଅଧ୍ୟକ୍ଷ, କାଉନସିଲର ମାନେ ଦାବି କରିଛନ୍ତି ।

# ଇଣ୍ଟରନ୍ୟାସନାଲ୍ ଫୁଡ୍ ଚେନ୍ ୟୁନିଟ୍‌ରେ ଫୁଡ୍ ସେଫ୍ଟି ବିଭାଗର ଚଢ଼ଉ

ଭୁବନେଶ୍ୱର,(ପିପିଏସ୍): ଭୁବନେଶ୍ୱରରେ ଇଣ୍ଟରନ୍ୟାସନାଲ୍ ଫୁଡ୍ ଚେନ୍ ୟୁନିଟ୍ ଉପରେ ଫୁଡ୍ ସେଫ୍ଟି ବିଭାଗର ଚଢ଼ାଉ। ଭୁବନେଶ୍ୱରର ବିଭିନ୍ନ ବଡ଼ ବ୍ରାଣ୍ଡର ବିଭିନ୍ନ ଆଉଟଲେଟରେ ଚାଲିଛି ଯାଞ୍ଚ । ଖାଦ୍ୟର ମାନ ଏବଂ ସ୍ୱଚ୍ଛତା ନେଇ ଯାଞ୍ଚ କରାଯାଇଛି।
ଫୁଡ୍ ସେଫ୍ଟି ବିଭାଗ ପକ୍ଷରୁ ଦୁଇଟି ଟିମ୍ ଗଠନ କରି ପୃଥକ୍ ଭାବେ ବିଭିନ୍ନ କାଫେ ଓ ଫାଷ୍ଟଫୁଡ୍ ଆଉଟଲେଟରେ ଯାଞ୍ଚ କରାଯାଇଛି । ଯାଞ୍ଚ ବେଳେ କେତେକ ସାମଗ୍ରୀ ଜବତ୍ କରାଯାଇ ନଷ୍ଟ କରାଯାଇଥିବା ବେଳେ ସମ୍ପୃକ୍ତ ଆଉଟଲେଟକୁ ନିୟମ ଉଲ୍ଲଂଘନ ପାଇଁ ଜାରି ହୋଇଛି ସୋ-କଜ୍ ନୋଟିସ୍।
ଯାଞ୍ଚ ବେଳେ ଏକ ଆଉଟଲେଟରୁ ମିଳିଥିଲା ୬ କେଜି ଲୁଜ୍ ଫ୍ରୋଜେନ୍ ନନଭେଜ । ଲେବେଲିଂ ଓ ଷ୍ଟୋରେଜ୍ ସମ୍ପର୍କରେ ଯାଞ୍ଚ ପରେ ଏହି ଫ୍ରୋଜେନ୍ ନନଭେଜ ସିଜ୍ କରିଥିଲା ଫୁଡ୍ ସେଫ୍ଟି ବିଭାଗ । ପରେ ଇଗଉ ପକ୍ଷରୁ ଜବତ୍ ସାମଗ୍ରୀକୁ ନଷ୍ଟ କରାଯାଇଛି । ଘଟଣାକୁ ନେଇ ସମ୍ପୃକ୍ତ ଆଉଟଲେଟ୍‌କୁ ଜାରି ହୋଇଛି ସୋ-କଜ୍ ନୋଟିସ୍ । ସେହିପରି ପଟିଆ ଅଞ୍ଚଳର ଏକ ବର୍ଗର୍ ସିଂ ଫୁଡ୍ ଆଉଟଲେଟ୍‌ରୁ ମିଳିଛି ଏକ୍ସପାୟରୀ ଡେଟର ପିଜ୍ଜା ଓ ବର୍ଗର୍ ପ୍ରସ୍ତୁତିରେ ବ୍ୟବହୃତ ପାଉଡର୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ।ଏହି ସାମଗ୍ରୀକୁ ଜବତ୍ କରିଛି ଖାଦ୍ୟ ସୁରକ୍ଷା ବିଭାଗ । ବଡ଼ ବ୍ରାଣ୍ଡ ହେଉ କି ଛୋଟ ଫାଷ୍ଟଫୁଡ୍ ଷ୍ଟଲ୍ ଖାଦ୍ୟର ମାନ ଓ ସୁରକ୍ଷାରେ କୌଣସି ପ୍ରକାର ସାଲିସ୍ କରାଯିବନି ବୋଲି ଫୁଡ୍ ସେଫ୍ଟି ବିଭାଗ ପକ୍ଷରୁ କୁହାଯାଇଛି। ସରକାରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଯୁବପିଢ଼ି ।



# ବାପାଙ୍କ କଷ୍ଟ ଦେଖି ବାହାର ରାଜ୍ୟକୁ ଯାଇଥିଲା ପୁଅ

ଅସ୍ତରଙ୍ଗ, (ପିପିଏସ୍): ବାପା ସମୁଦ୍ରକୁ ମାଛ ଧରିବାକୁ ଯାଆନ୍ତି, ମାଆ ଘର ସମ୍ଭାଳନ୍ତି। ୩ ଭଉଣୀଙ୍କ ଏକମାତ୍ର ଭାଇ ହୋଇ ପରିବାରର ସବୁ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲା ବବୁଲ। ଭାବିଥିଲା, ବାହାର ରାଜ୍ୟକୁ ଯାଇ ପରିଶ୍ରମ କଲେ ପରିବାର ହସିବ। ହେଲେ ସେ ସ୍ୱପ୍ନ ଏବେ ଭାଙ୍ଗି ଚୁରମାର। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ବାଲିଡିଆ ଗ୍ରାମର ୨୨ ବର୍ଷୀୟ ଯୁବକ ବବୁଲ ଦଳାଇ ଏବେ ୮ ଦିନ ହେଲାଣି ଭୁବନେଶ୍ୱର ସମ୍

### ଏବେ ହସ୍ପିଟାଲ୍‌ରେ ବବୁଲ !

### ସୁସ୍ଥ ହେବା ପାଇଁ ଦରକାର ୨୦ ଲକ୍ଷରୁ ଊର୍ଦ୍ଧ୍ୱ

### ସହଯୋଗ ପାଇଁ ପରିବାରର ଆକୁଳ ନିବେଦନ

ଅଲ୍ଟିମେଟ ହସ୍ପିଟାଲରେ ଚିକିତ୍ସାଧୀନ। ତାଙ୍କୁ ସୁସ୍ଥ କରି ଘରକୁ ଫେରାଇ ଆଣିବା ପାଇଁ ଏବେ ଆପଣଙ୍କ ସହଯୋଗ ହିଁ ଶେଷ ଭରସା।
ମତ୍ସ୍ୟଜୀବୀ ବିଷ୍ଣୁ ଦଳାଇଙ୍କ ପରିବାର କହିଲେ ସମୁଦ୍ର ସହ ସଂଘର୍ଷ। ପ୍ରତିଦିନ ସମୁଦ୍ରକୁ ଯାଇ ଯାହା ମିଳେ ସେଥିରେ ୩ ଝିଅ ଓ ଗୋଟିଏ ପୁଅକୁ ନେଇ ୫ ପ୍ରାଣୀ ଚଳନ୍ତି। ୩ ଭଉଣୀଙ୍କ ପରେ ଜନ୍ମ ହୋଇଥିବା ବବୁଲ ଘରର ଆଶା।



ବାପାଙ୍କ କଷ୍ଟ ଦେଖି ସେ ପାଠପଢା ଅଧାରୁ ଛାଡି ଦୁଇ ବର୍ଷ ତଳେ ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁ ତିରୁପୁରକୁ ସଟରିଂ କାମ କରିବାକୁ ଚାଲିଯାଇଥିଲେ। ସେଠାରେ ଦିନରାତି ପରିଶ୍ରମ କରି ଯାହା ରୋଜଗାର କରୁଥିଲେ ଘରକୁ ପଠାଉଥିଲେ। ତାଙ୍କ ପାଇଁ ପରିବାର ଟିକେ ଭଲରେ ଚଳୁଥିଲା।
ଦୁଃଖର କଳା ବାଦଲ ଭଳି କିନ୍ତୁ ଗତ ୨୪ ଅଗଷ୍ଟ ୨୦୨୬ ଦିନ କାମ କରୁଥିବା ବେଳେ ବଡ ଦୁର୍ଘଟଣା ଘଟିଗଲା। ସଟରିଂ ଉପରୁ ହଠାତ୍ ଖସି ପଡିବାରୁ ତାଙ୍କ ବେକ ହାଡ ଭାଙ୍ଗି ଯାଇଥିଲା। ସହକର୍ମୀମାନେ ତୁରନ୍ତ ଉଦ୍ଧାର କରି ପ୍ରଥମେ ତିରୁପୁର ସ୍ଥାନୀୟ ହସ୍ପିଟାଲ ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ ଓଡିଶାର ଭୁବନେଶ୍ୱର ସମ୍ ଅଲ୍ଟିମେଟ ହସ୍ପିଟାଲକୁ ଅଣାଯାଇଛି। ଗତ ୮ ଦିନ ହେଲା ପରିବାର ଲୋକ ହସ୍ପିଟାଲ ବାରଣ୍ଡାରେ ବସି ପୁଅର ସୁସ୍ଥତା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି। ରାକ୍ଷୀ ବାନ୍ଧିଥିବା ୩ ଭଉଣୀଙ୍କ ଆଖିରୁ ଲୁହ ଶୁଖୁନାହିଁ। ଡାକ୍ତରଙ୍କ କହିବା ଅନୁଯାୟୀ, ବବୁଲ ପୁଣି ନିଜ ଗୋଡରେ ଠିଆ ହୋଇ ସ୍ୱାଭାବିକ ଜୀବନକୁ ଫେରିବା ପାଇଁ ତୁରନ୍ତ ମେଜର ଅପରେସନ ଜରୁରୀ। ଏଥିପାଇଁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ଏତେ ଟଙ୍କା ଯୋଗାଡ କରିବା ଦିନ ମଜୁରିଆ ମତ୍ସ୍ୟଜୀବୀ ବାପା ପାଇଁ ଅସମ୍ଭବ। ତେଣୁ ପରିବାର ସମସ୍ତ ସହୃଦୟ ଓଡିଶାବାସୀ, ଅନୁଷ୍ଠାନ ଏବଂ ପ୍ରବାସୀ ଓଡିଆଙ୍କୁ ହାତ ଯୋଡି ସହଯୋଗ ପାଇଁ ନିବେଦନ କରିଛି ।ଯଦି ଆପଣ ବବୁଲ ଙ୍କୁ ସହାୟତା କରିବାକୁ ଚାହାନ୍ତି।

**ଯୋଗାଯୋଗ: ୮୯୮୪୬୨୪୮୨୭**

ଆପଣଙ୍କ ଛୋଟ ସହଯୋଗ ହିଁ ବବୁଲକୁ ନୂଆ ଜୀବନ ଦେଇପାରିବ, ୩ ଭଉଣୀଙ୍କ ଭାଇକୁ ଫେରାଇ ଆଣିପାରିବ।

# ଛଟେଇ ବିରୋଧରେ ଫ୍ଲିପ୍‌କାର୍ଟ କର୍ମଚାରୀଙ୍କ ଧାରଣା



ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ଥାନା ଅନ୍ତର୍ଗତ ଗୌଖାନା ଠାରେ ଥିବା ଫ୍ଲିପକାର୍ଟ କମ୍ପାନୀରେ ଶ୍ରମିକ ଅଶାନ୍ତି ଦେଖା ଦେଇଛି। କମ୍ପାନୀ ତରଫରୁ ପୂର୍ବରୁ କୌଣସି ସୂଚନା ଦିଆ ନଯାଇ ହଠାତ୍ କମ୍ପାନୀ ବନ୍ଦ କରି ଦେଇଥିବା ଏବଂ କମ୍ପାନୀ ପରିସରକୁ ଯିବା ପାଇଁ କର୍ମଚାରୀମାନଙ୍କୁ ବାରଣ କରାଯାଇଥିବା ହେତୁ ଶ୍ରମିକ ମାନଙ୍କ ମଧ୍ୟରେ ଛନକା ପଶିବା ସହିତ ସେମାନଙ୍କ ମଧ୍ୟରେ ତୀବ୍ର ଅଶାନ୍ତି ଦେଖା ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ଏହି କମ୍ପାନୀରେ ପ୍ରାୟ ୫୦୦ରୁ ଉର୍ଦ୍ଧ କର୍ମଚାରୀ କାର୍ଯ୍ୟକରି ନିଜର ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି । ସବୁଦିନପରି ମଙ୍ଗଳବାର ସକାଳେ କର୍ମଚାରୀ ମାନେ କମ୍ପାନୀ ଭିତରକୁ ପ୍ରବେଶ ପାଇଁ ଯାଇଥିବା ବେଳେ ସେମାନଙ୍କୁ କମ୍ପାନୀ ଭିତରକୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଥିଲା । ଏନେଇ କର୍ମଚାରୀ ମାନେ ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ଫୋନଯୋଗେ ଯୋଗାଯୋଗ କରିବାରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ପାଇପାରିନଥିଲେ । ତେବେ କମ୍ପାନୀ ତାର ପରିସରରୁ ସମସ୍ତ ଜିନିଷପତ୍ର ଧିରେଧିରେ ଖାଲି କରି ଏଠାରେ ତାର କାର୍ଯ୍ୟ ସଂପୁର୍ଣ୍ଣ ବନ୍ଦ କରିବା ପାଇଁ ପ୍ରୟାସ ଜାରୀ ରଖିଥିବା ଖବର ମିଳୁଥିବା ଆନ୍ଦୋଳନକାରୀ ମାନେ ପ୍ରକାଶ କରିଥିଲେ । ଏଠାରେ ଆଜକୁ ୫ବର୍ଷରୁ ଉର୍ଦ୍ଧ କାର୍ଯ୍ୟାକରି ପରିବାର ପୋଷୁଥିବା କର୍ମଚାରୀମାନେ ଏବେ କେଉଁଠାକୁ ଯିବେବୋଲି ପ୍ରଶ୍ନ କରିବା ସହିତ କମ୍ପାନୀ କର୍ମଚାରୀ ମାନଙ୍କ ନ୍ୟାର୍ଯ୍ୟପ୍ରାପ୍ୟ ପ୍ରଦାନ କରିବା ପାଇଁ ଦାବି କରି କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଆନ୍ଦୋଳନ କରିଥିଲେ । ଯଦି କିଛି ସୁଫଳ ନମିଳେ ତେବେ ନ୍ୟାୟ ପାଇଁ ଲେବର କୋର୍ଟର ଆଶ୍ରୟ ନେବା ସହିତ କର୍ମଚାରୀ ଆତ୍ମାହୁତି ଦେବେ ବୋଲି ଆନ୍ଦୋଳନକାରୀ ମାନେ ପ୍ରକାଶ କରିଛନ୍ତି । ଏସଂପର୍କରେ କମ୍ପାନୀର କୌଣସି ଅଧିକାରୀଙ୍କ ସହିତ ଯୋଗାଯୋଗ ହୋଇପାରିନାହିଁ।

## ଘାସ କାଟି ମାଛ ଧରିବାକୁ ଯାଇ ଫେରିଲେନି ବିପିନ

# ଅଗ୍ନିଶମବାହିନୀର ୧୧ ଘଣ୍ଟା ସର୍ଚ୍ଚ ଅପରେସନ ଫେଲ୍



ଅସ୍ତରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ବରାଙ୍ଗ ଗ୍ରାମରେ ସୋମବାର ଏକ ହୃଦୟ ବିଦାରକ ଘଟଣା ଘଟିଛି। ପ୍ରତିଦିନ ଭଳି ଗାଈ ପାଇଁ ଘାସ ଆଣି ଫେରିବା ବାଟରେ ମାଛ ଧରୁଥିବା ବିପିନ ସାହୁ ପୋତା ନଈ ଗର୍ଭରେ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଖୋଜିବାକୁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ରାତିଦିନ ଏକ କରି ୧୧ ଘଣ୍ଟା ଧରି ଅପରେସନ କରିଥିଲେ ମଧ୍ୟ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ତାଙ୍କର ପତ୍ତା ମିଳିନାହିଁ, ଯାହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପରିବାର ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବିପିନ ପ୍ରତିଦିନ ଅପରାହ୍ନ ୨.୪୦ ମିନିଟରେ ଗାଈ ପାଇଁ ଘାସ ଆଣିବାକୁ ଯାଆନ୍ତି ଏବଂ ଫେରିବା ବେଳେ ଜାଲରେ ମାଛ ଧରି ଆଣନ୍ତି। ସୋମବାର ମଧ୍ୟ ସେ ସେହି ସମୟରେ ଘରୁ ବାହାରିଥିଲେ। ପ୍ରତିଦିନ ସନ୍ଧ୍ୟା ୭ଟା ସୁଦ୍ଧା ସେ ଘରକୁ ଫେରନ୍ତି, କିନ୍ତୁ ସୋମବାର ରାତି ୮ଟା ଯାଏଁ ନ ଫେରିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ସଙ୍ଗେ ସଙ୍ଗେ ସେମାନେ ଚାରିଆଡେ ଖୋଜାଖୋଜି କରିଥିଲେ। ଶେଷରେ ସେ ଭଉଁରିଆ ନଦୀ ସଂଲଗ୍ନ ପ୍ରଖର ସ୍ରୋତ ଥିବା ପୋତା ନଈକୁ ମାଛ ଧରିବାକୁ ଯାଇ ନିଖୋଜ ହୋଇଯାଇଥିବା ସନ୍ଦେହ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।

ଖବର ପାଇବା ମାତ୍ରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସୋମବାର ରାତି ୮ଟାରୁ ୧୦ଟା ଯାଏଁ ସର୍ଚ୍ଚ କରିଥିଲେ। ଅନ୍ଧାର ଅଧିକ ହେବାରୁ ରାତି ପାଇଁ ଅପରେସନ ବନ୍ଦ କରାଯାଇଥିଲା। ପୁନର୍ବାର ମଙ୍ଗଳବାର ସକାଳ ୮ଟାରୁ ଅପରାହ୍ନ ୨ଟା ଯାଏଁ ଜାଲ, ପାୱାର ବୋଟ ଏବଂ ବୁଡି ପକାଇ ପ୍ରାୟ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ଧରି ଅପରେସନ ଜାରି ରହିଥିଲା। ଏହିପରି ମୋଟ ୧୧ ଘଣ୍ଟା ଧରି ଚାଲିଥିବା ସର୍ଚ୍ଚ ଅପରେସନ ପରେ ବି ବିପିନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଏହି ଅପରେସନରେ ଷ୍ଟେସନ ଅଧିକାରୀ ଗଗନ ମହାନ୍ତିଙ୍କ ନେତୃତ୍ୱରେ ଡ୍ରାଇଭର ଦୀପକ ବେହେରା, ଆଗ୍ନୀକ ରାକେଶ ବାରିକ, ପ୍ରଦୀପ୍ତ ଦାଶ, ଇନ୍ଦ୍ରଜିତ ସାହୁ, ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ନିଜ ଜୀବନକୁ ବାଜି ଲଗାଇ ଖୋଜାଖୋଜି କରିଥିଲେ। ସ୍ଥାନୀୟ ଲୋକେ ମଧ୍ୟ ସେମାନଙ୍କୁ ସହଯୋଗ କରିଥିଲେ। ପୋତା ନଈରେ ଘାସ ଶହ ପଙ୍କ ରହିଥିବା ବେଳେ ଓ ପାଣି ଘୋଳା ଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଯତ୍ନ ଓ ସୁରକ୍ଷା ଆବଶ୍ୟକ ଶିଶୁଙ୍କ ପାଇଁ ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ

# ପତାକା ଦେଖାଇ ଶୁଭାରମ୍ଭ କଲେ ଜିଲ୍ଲାପାଳ



ନୟାଗଡ଼, (ପିପିଏସ୍): ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଶିକ୍ଷା, ସାଧାରଣ ଜ୍ଞାନ, କୌଶଳ ଓ ବୃତ୍ତିମୂଳକ ଶିକ୍ଷା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ ଲକ୍ଷ୍ୟରେ ଭୁବନେଶ୍ୱରକୁ ଏକ ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲାପାଳ ମଧୁମିତା ଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ନେଇ ଯାଉଥିବା ବସ୍‌କୁ ସବୁଜ ପତାକା ଦେଖାଇ ଗସ୍ତର ଶୁଭାରମ୍ଭ କରାଯାଇଥିଲା।

ଏହି ଗସ୍ତରେ ଜିଲ୍ଲାର ୫୦ ଜଣ ଶିଶୁ ଅଂଶଗ୍ରହଣ କରିଛନ୍ତି। ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଏବଂ ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ପରିଦର୍ଶନ କରି ଶିଶୁମାନେ ହୋଟେଲ ପରିଚାଳନା, ବିଭିନ୍ନ କୌଶଳ ଓ ବୃତ୍ତିମୂଳକ ଶିକ୍ଷା ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏହା ମାଧ୍ୟମରେ ଭବିଷ୍ୟତ କ୍ୟାରିୟର ଓ ଚାକିରିର ବିଭିନ୍ନ ସୁଯୋଗ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରାଯିବ। ପାଠ୍ୟପୁସ୍ତକ ଜ୍ଞାନ ସହିତ ପ୍ରତ୍ୟକ୍ଷ ଅନୁଭୂତି ମାଧ୍ୟମରେ ଶିଶୁମାନଙ୍କ ଜ୍ଞାନର ପରିସରକୁ ବ୍ୟାପକ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଶିଶୁମାନଙ୍କ ସୁରକ୍ଷା, ଯତ୍ନ ଓ ସାମଗ୍ରିକ ବିକାଶ ସହିତ ସେମାନଙ୍କ ମାନସିକ, ସାମାଜିକ ଓ ସୃଜନଶୀଳ ବିକାଶକୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଛି।

କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିୟନ ପ୍ରଧାନ, ଅନୁଷ୍ଠାନିକ ଯତ୍ନ ଅଧିକାରୀ ସତ୍ୟରଞ୍ଜନ ଦାଶ, ଅଣ-ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୈଳବାଳା ଦାଶ, ସାମାଜିକ କର୍ମୀ ସୁନିତା ସାହୁଙ୍କ ସମେତ ସମ୍ପୃକ୍ତ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗସ୍ତକୁ ନେଇ ଶିଶୁମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା। ଏଭଳି ଅନୁଭୂତିମୂଳକ ଶିକ୍ଷଣୀୟ କାର୍ଯ୍ୟକ୍ରମ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବା ସହିତ ସେମାନଙ୍କୁ ନୂତନ କୌଶଳ ଓ କ୍ୟାରିୟର ସୁଯୋଗ ସମ୍ପର୍କରେ ଜାଣିବାରେ ସହାୟତା କରିବ ବୋଲି ମତ ପ୍ରକାଶ ପାଇଛି।

# ଦକ୍ଷିଣାଞ୍ଚଳ ଆଇଜିଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର, (ପିପିଏସ୍): ଦକ୍ଷିଣାଞ୍ଚଳ ନୂତନ ଆଇଜି ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଜୟ ନାରାୟଣ ପଙ୍କଜ। ପୂର୍ବତନ ଦକ୍ଷିଣାଞ୍ଚଳ ଆଇଜି ନାଟି ଶେଖରଙ୍କ ଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନା ଯୋଗ୍ୟ ଜୟ ନାରାୟଣ ପଙ୍କଜ ପୂର୍ବରୁ ଗୁଇଡ଼, ସ୍ପେଶାଲ ଟାସ୍କ ଫୋର୍ସର ଆଇଜିପି ଓ ଅପରେସନ ଆଇଜି ଭାବେ ଦାୟିତ୍ୱରେ ଥିଲେ। ପୂର୍ବତନ ଦକ୍ଷିଣାଞ୍ଚଳ ଆଇଜି ନାଟି ଶେଖରଙ୍କୁ ବର୍ତ୍ତମାନ ଆଇଜି ପୋଲିସ ଏସପି ହେଡ୍‌କ୍ୱାର୍ଟରକୁ ବଦଳି କରାଯାଇଛି। ଦକ୍ଷିଣାଞ୍ଚଳ ଆଇଜି ଭାବେ ଦାୟିତ୍ୱ ଗ୍ରହଣ ନେବା ପରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ମାନେ ଜୟ ନାରାୟଣ ପଙ୍କଜଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପୋଲିସ ପ୍ରତି ଲୋକ ମାନଙ୍କ ଯେଉଁ ଆସ୍ଥା ରହିଛି ତାହାକୁ କିଭଳି ବଜାୟ ରହିପାରିବ ଓ ଲୋକମାନେ ଯେଉଁ ଅଭିଯୋଗ ନେଇ ଆସୁଛନ୍ତି ବିଭିନ୍ନ ଥାନାକୁ ତାହାର ସଠିକ୍ ଭାବେ ତଦନ୍ତ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଦକ୍ଷିଣାଞ୍ଚଳ ଜିଲ୍ଲାରେ କିଭଳି ଶାନ୍ତି ସୁରକ୍ଷା ବଜାୟ ରହିବ ସେଥି ନେଇ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଯଦିଓ ବର୍ତ୍ତମାନ ନକ୍ସଲ ଦମନ ସମ୍ପୂର୍ଣ୍ଣ ହୋଇଛି ଦକ୍ଷିଣାଞ୍ଚଳରେ ଜିଲ୍ଲା ଗୁଡ଼ିକରେ ତଥାପି ମଧ୍ୟ ନକ୍ସଲ ଦମନ କରାଯିବା ନେଇ କାର୍ଯ୍ୟ କରାଯିବ ବୋଲି ଦକ୍ଷିଣାଞ୍ଚଳ ଆଇଜି କହିଛନ୍ତି।

# କେନ୍ଦ୍ରାପଡ଼ା ଉର୍ଦ୍ଦୁ ଲାଇବ୍ରେରୀର ପଞ୍ଚମ ବାର୍ଷିକୀ ପାଳିତ

## ଉପର ମହଲା କାର୍ଯ୍ୟ ଓ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ମାନ ସମାରୋହ ନେଇ ଆଲୋଚନା



କେନ୍ଦ୍ରାପଡ଼ା, (ପିପିଏସ୍) : କେନ୍ଦ୍ରାପଡ଼ା ପୌରପାଳିକା ସ୍ଥିତ ଉର୍ଦ୍ଦୁ ଲାଇବ୍ରେରୀ ମ୍ୟାନେଜିଂ କମିଟିର ପଞ୍ଚମ ବାର୍ଷିକୀ ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଲାଇବ୍ରେରୀ ପରିସରରେ କେକ୍ କାଟି ସମାରୋହ ଆୟୋଜିତ ହୋଇଥିଲା। ସମାରୋହରେ ଉର୍ଦ୍ଦୁ ଲାଇବ୍ରେରୀ ମ୍ୟାନେଜିଂ କମିଟିର ମୁଖ୍ୟ ପରାମର୍ଶଦାତା, କେନ୍ଦ୍ରାପଡ଼ା ପୌରପାଳିକାର ଚେୟାରମ୍ୟାନଙ୍କ ପ୍ରତିନିଧି ତଥା ସମାଜସେବୀ ରଣଜିତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାରୋହରେ ଉର୍ଦ୍ଦୁ ଲାଇବ୍ରେରୀ ମ୍ୟାନେଜିଂ କମିଟିର ସଭାପତି ସୟଦ ଅକମଲ ଅଲୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଲାଇବ୍ରେରୀର ପଞ୍ଚବର୍ଷର ଯାତ୍ରା, ବିଭିନ୍ନ ସାମାଜିକ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ, ଲାଇବ୍ରେରୀର ବିକାଶ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି କେନ୍ଦ୍ରାପଡ଼ା ପୌରପାଳିକାର ଉର୍ଦ୍ଦୁ ଲାଇବ୍ରେରୀ ଭବନ ଉପରେ ଅଳ୍ପସଂଖ୍ୟକ ସମ୍ପ୍ରଦାୟର କଲ୍ୟାଣ ନିମନ୍ତେ ବହୁମୁଖୀ ସାଂସ୍କୃତିକ ହଲ୍ ନିର୍ମାଣ, ଉନ୍ନୟନ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା।

ଏହି ପ୍ରସ୍ତାବକୁ ମୁଖ୍ୟ ପରାମର୍ଶଦାତା ରଣଜିତ କୁମାର ସାହୁ ସମ୍ମତି ଜଣାଇବା ସହ ଆବଶ୍ୟକ ସହଯୋଗ ନେଇ ଆଶ୍ୱାସନ ଦେଇଥିଲେ।ଏଠି ସହିତ ଲିବରାରୀର ଜରୁରୀ ମରାମତି କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇଦେବ ପାଇଁ ପ୍ରତିଶୃତି ଦେଇଥିଲେ। ସେହିପରି, ଆସନ୍ତା ୬ ସେପଟେମ୍ବରରେ କେନ୍ଦ୍ରାପଡ଼ା ଉର୍ଦ୍ଦୁ ଲାଇବ୍ରେରୀ କମ୍ୟୁନିଟି ସେଣ୍ଟର ଠାରେ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ମାନ ସମାରୋହ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରେଷ୍ଠ ଓ ଆଇକନିକ୍ ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ଏସ୍.କେ. ନସିମୁଦ୍ଦିନ୍, କ୍ୟାସିଅର ଏସ୍.କେ. ଏମ୍.ଡି. ଫାୟାଜୁଦ୍ଦିନ୍, ସମ୍ପାଦକ ସୟଦ ଜାର୍କି, ଏମ୍.ଡି. ଅସଗର ଅଲ୍ଲୀ, ସଂଗଠନ ସମ୍ପାଦକ ଏସ୍.କେ. ଇନାୟତ୍, ସହକାରୀ ସମ୍ପାଦକ ରେହମତ ଖାନ୍, ଅକ୍ରମ ଖାନ୍, ଚନ୍ଦା ଅଚ୍ୟୁତାନନ୍ଦ ସାମଲ, ଅନନ୍ତ କୁମାର ପରିଡ଼ା, ଦେବେନ୍ଦ୍ର କୁମାର ନାୟକ, ଏସ୍.କେ. ବରକତୁଲ୍ଲାହଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପଞ୍ଚମ ବାର୍ଷିକୀ ଅବସରରେ ସେକ ନାସିମୁଦ୍ଦିନ ଏବଂ ମହମ୍ମଦ ଅସଗାର ଆଲ୍ଲୀ ଓ ସମସ୍ତ ସଦସ୍ୟ ଲାଇବ୍ରେରୀର ଉନ୍ନତି, ରକ୍ଷଣାବେକ୍ଷଣ ଓ ଆଗାମୀ ଦିନରେ ଅଧିକ ଜନସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏକତାର ସହ କାମ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଶେଷରେ ଉର୍ଦ୍ଦୁ ଲାଇବ୍ରେରୀ ମ୍ୟାନେଜିଂ କମିଟିର ସମ୍ପାଦକ ଏସ୍.କେ. ଏମ୍.ଡି. ଫାୟାଜୁଦ୍ଦିନ୍ ଉପସ୍ଥିତ ସମସ୍ତ ଅତିଥି, ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ମ୍ୟୁଜିକ ମହାସଂଘ ଗଞ୍ଜାମ ଜିଲ୍ଲା ଶାଖାର ଆଲୋଚନା ବୈଠକ



ବ୍ରହ୍ମପୁର, (ପିପିଏସ୍): ପାଲୁରୁ ବଙ୍ଗଳାସ୍ଥିତ ନୂପୁର ଅନୁଷ୍ଠାନ ପରିସରରେ ମଙ୍ଗଳବାର ଓଡ଼ିଶା ମ୍ୟୁଜିକ ମହାସଂଘ ଗଞ୍ଜାମ ଜିଲ୍ଲା ଶାଖାର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସନ୍ତୋଷ କୁମାର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ କେ. ଦେବରାଜ ରେଡ୍ଡୀ ପ୍ରାରମ୍ଭିକ ସୂଚନା ଦେଇ ମହସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଠାରେ ସଂଘର ଆଗାମୀ ଦିନର କାର୍ଯ୍ୟପନ୍ଥା ଓ ଯୋଜନା ନେଇ ବିଶଦ ଭାବେ ଆଲୋଚନା କରାଯାଇଥିଲା। ସଂଘ କର୍ମକର୍ତ୍ତା ମାନେ ସମସ୍ତ କାର୍ଯ୍ୟ ମିଳିତ ଭାବେ କରିବା ନେଇ ଅନୁରୂପ ନିଷ୍ପତି ହୋଇଥିଲା। ପ୍ରତି କ୍ଷେତ୍ରରେ କିପରି କଳାକାର ମାନେ ନିୟମ ମୁତାବକ ନିଜର କଳା ପ୍ରଦର୍ଶନ କରିବେ ସେଥିନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଉପସଭାପତି ଅସିତ୍ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ଅଜିତ୍ କୁମାର୍ ପାଢ଼ୀ, ଉପଦେଷ୍ଟା ସୀମାଞ୍ଚଳ ମାହାନ୍ତି, କୋଷାଧକ୍ଷ କେ. ମୋହନ ରେଡ୍ଡୀ, ଧ୍ରୁବ ବିଶୋଇ, ଶାନ୍ତନୁ ନାୟକ, ଚୂଡ଼ାମଣି ରେଡ୍ଡୀ, କୁମୁଦ ଜାଲି, ମାଧବ ପାତ୍ର, ଅରୁଣ ସାହୁ, ଗୌରାଙ୍ଗ ବେହେରା, ଅଭିରାମ ପାତ୍ର, ବିଦ୍ୟା ନାୟକ ଓ କଙ୍କିୟା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଆଗାମୀ ଦିନରେ ଗୋଟିଏ ଦିନ ଡ୍ରାମା ମଞ୍ଚସ୍ଥ କରିବାକୁ ସ୍ଥିର ହୋଇଥିଲା। ଡ୍ରାମା ଲାଗି ଦୁଇ ଦିନ ଅଭ୍ୟାସ କରାଯିବ ବୋଲି ନିଷ୍ପତି ହୋଇଥିଲା।

# ଆଙ୍କୁଲାଇ ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ନୟାଗଡ଼, (ପିପିଏସ୍): ସ୍ଥାନୀୟ ମାନଧାତାପୁରସ୍ଥିତ ଆଙ୍କୁଲାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୟାଗଡ଼ ସଦର ଥାନା ପକ୍ଷରୁ ଏକ 'ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମାଧ୍ୟମିକ ସ୍ତରର ୧୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ନିଶାମୁକ୍ତ ଭାରତ ଗଠନ ପାଇଁ ଦୃଢ଼ ଶପଥ ନେଇଥିଲେ।

ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଦର ଥାନା ଅଧିକାରିଣୀ ପ୍ରିୟତମା ପ୍ରଧାନ ନିଶାମୁକ୍ତ ଭାରତ ଅଭିଯାନର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ କିପରି ଏକ ସୁସ୍ଥ ଓ ସଫଳ ଭବିଷ୍ୟତ ଗଠନ କରିପାରିବେ, ସେ ସମ୍ବନ୍ଧରେ ଉପାଦେୟ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଥାନାର ଦ୍ୱିତୀୟ ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ଜଫରୁଲ୍ଲା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଶାଠାରୁ ଦୂରେଇ ରହି ପାଠପଢ଼ାକୁ ହିଁ ନିଜର ପ୍ରକୃତ ନିଶା ବା ଲକ୍ଷ୍ୟଭାବେ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବଶଙ୍କର ଦାଶ କାର୍ଯ୍ୟକ୍ରମଟିକୁ ସୂଚାରୁରୂପେ ପରିଚାଳନା କରିଥିଲେ।

# ଡିଡିଆଇପିଏସ୍‌ରେ ବିଜ୍ଞାନମେଳା



ଚୌଦ୍ୱାର, (ପିପିଏସ୍): ଚୌଦ୍ୱାର ଆଗ୍ରାହାଟସ୍ଥିତ ଡିଡିଆଇପିଏସ୍ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ୬୪ ଜଣ ଛାତ୍ରଛାତ୍ରୀ ଏଥିରେ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ସୁକାନ୍ତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାଦମ୍ବିନୀ ମହାପାତ୍ର ଓ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ଅତିଥି ଭାବେ ଯୋଗଦେଇ ଜନଜୀବନରେ ବିଜ୍ଞାନର ଆବଶ୍ୟକତା ଓ ଏହାର ଅଗ୍ରଗତି ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଅତିଥି ମାନେ ପିଲା ମାନଙ୍କ ବିଜ୍ଞାନ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିବା ସହିତ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ସ୍କୁଲ ଅଧକ୍ଷ ରୁକ୍ମିଣୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସଂକୀର୍ତ୍ତନ୍ ଲୋକକଳା ମହାସଂଘ ଓଡ଼ିଶା ଓ ଜିଲ୍ଲା ସାଙ୍ଗଠନିକ ବୈଠକ

# ଯୋଗଦେଲେ ଯାଜପୁର ସାଂସଦ

ଯାଜପୁର,(ପିପିଏସ): ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ଅନ୍ତର୍ଗତ ଆଦମପୁର ମର୍ତ ବୈକୁଣ୍ଠ ପୁର ଜଗନ୍ନାଥ ମନ୍ଦିର ପରିସରରେ ରାଜ୍ୟ ସଂକୀର୍ତ୍ତନ ଲୋକକଳା ମହାସଂଘ ଓ ଯାଜପୁର ଜିଲ୍ଲା ସଂକ୍ରିତନ ଲୋକକଳା ମହା ସଂଘର ସାଙ୍ଗଠନିକ ବୈଠକ ଯାଜପୁର ଜିଲ୍ଲାର ସଭାପତି ଧନେଶ୍ୱର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଜିକାଲି ଲୋକକଳା, ସଂସ୍କୃତି ଐତିହ୍ୟ ପରମ୍ପରା ସମାଜରେ ଲୋପ ପାଇବାକୁ ବସିଥିବା ବେଳେ ସେଇ ପରମ୍ପରାକୁ ବଞ୍ଚାଇ ରଖିବାକୁ ବିଭିନ୍ନ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସଂକ୍ରିତନ ପ୍ରେମୀମାନଙ୍କୁ ନେଇ ଓଡ଼ିଶାର ପରମ୍ପରାକୁ ଦେଶ ବିଦେଶ ରେ ପ୍ରକାଶ କରିବା ଏହାର ମୂଳ ଲକ୍ଷ୍ୟ। ଏହି ବୈଠକରେ କଳାକାର ମାନଙ୍କର ବିଭିନ୍ନ ଅସୁବିଧା ଓ ଯେଉଁ ମାନଙ୍କର ନାମ ପଞ୍ଜୀକୃତ ହୋଇ ପାରୁନାହିଁ ସେ ବିଷୟରେ ଆଲୋଚନା ମାଧ୍ୟମରେ ସରକାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରିବା ପାଇଁ ବୈଠକ ଆଲୋଚନା ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଯାଜପୁର ସାଂସଦ ରବି ନାରାୟଣ ବେହେରା, ରାଜ୍ୟ ସଂକୀର୍ତ୍ତନ୍ ମହାସଂଘର ସଭାପତି କରୁଣା କର ପ୍ରଧାନ, ସଂପାଦକ ସୁଦର୍ଶନ ପତି, କୋଷାଧକ୍ଷ ପ୍ରସନ୍ନ ବଡ ଜେନା , କାର୍ଯ୍ୟକାରୀ ସଭାପତି ବିଜନ ମହାନ୍ତି ଓ ମର୍ତ୍ତ୍ୟ ବୈକୁଣ୍ଠର ମହନ୍ତ ଯୋଗ ଦେଇଥିଲେ। ରାଜ୍ୟ ସଭାପତି ଅତିଥି ମାନଙ୍କୁ ଉତ୍ତରୀୟ ଦେବା ସହିତ ପରିଚୟ ପ୍ରଦାନ କରିବା ସହିତ କଳାକାର ମାନଙ୍କ ସମସ୍ୟା ଉପରେ ଆଲୋକ ପାତ କରିଥିଲେ। ନୂତନ କଳାକାର ମାନେ କିପରି ପଞ୍ଜୀକରଣ ହେବା ସହିତ ସଂଗଠନ ମଜବୁତ୍ ହେବ ସେ ସଂପର୍କରେ ଆଲୋକ ପାତ କରିଥିଲେ। ଏହି ବୈଠକରେ ୧୦ ଟି ବ୍ଲକର କିର୍ତ୍ତନ ମଣ୍ଡଳୀର ୧୨୦ଜଣ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସଂପାଦକ ଦୁଷ୍ମନ୍ତ ମାଝୀ ଧନ୍ୟବାଦ୍ ଦେଇଥିଲେ।

# ଚୋରାମଦ ଜବତ, ୪ ଗିରଫ

ଚୌଦ୍ୱାର, (ପିପିଏସ୍): ଚୌଦ୍ୱାର ଅବକାରୀ ଥାନା ପକ୍ଷରୁ ଚୌଦ୍ୱାର ଓ ଜଗତପୁର ଅଞ୍ଚଳରେ ଚଢ଼ଉ କରାଯାଇ ୮୫ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଏସଂକ୍ରାନ୍ତରେ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଶଂକରପୁରର ଅରୂପ କୁମାର ରାଉତ,ଧୀରେନ୍ଦ୍ର ସାମଲ,ତୈଲୋକ୍ୟ ସାହୁ ଓ ଭାରତୀ ଦେଉରୀ। ଅଭିଯୁକ୍ତ ମାନଙ୍କ ନିକଟରୁ ମଦ କାରବାରରେ ବ୍ୟବହୃତ ଏକ ମୋଟର ସାଇକେଲ ମଧ୍ୟ ଜବତ କରାଯାଇଛି।ଏହି ଚଢ଼ଉରେ ଅବକାରୀ ଥାନା ଇନିସ୍‌ପେକ୍ଟର ରମେଶ ଚନ୍ଦ୍ର ସାହୁକାର , ଜୟପ୍ରକାଶ ବେହୁରିଆ, ଚନ୍ଦନ ସିଂ, ଦୀପକ ସାହୁ, ସୌମ୍ୟନାୟକ, ସୋନାଲୀ ନାୟକ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# କେନ୍ଦ୍ରାପଡ଼ାରେ ଶ୍ରୀ ଶ୍ରୀ ସତ୍ୟସାଇ ପ୍ରେମ ପ୍ରବାହିନୀ ରଥକୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା, (ପିପିଏସ୍): ସାରା ଭାରତ ବର୍ଷରେ ଧର୍ମ, ଶାନ୍ତି ଓ ପ୍ରେମର ବାର୍ତ୍ତା ବାଣ୍ଟୁଥିବା "ଶ୍ରୀ ଶ୍ରୀ ସତ୍ୟସାଇ ପ୍ରେମ ପ୍ରବାହିନୀ ରଥ" କେନ୍ଦ୍ରାପଡ଼ା ମାଟିରେ ପହଞ୍ଚିଥିଲା । ଏକ ଆଧାତ୍ମିକ ଓ ଭକ୍ତିମ ୟ ପରିବେଶ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ପୌରପ ରିଷଦ ଅନ୍ତର୍ଗତ ମିରପାଟଣାସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ଏବଂ ସାଇ ସଂଯୋଜକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରଥକୁ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସହସ୍ରାବ୍ଦୀ ଜନ୍ମ ଶତବାର୍ଷିକୀ ଓ ରଥ ଯାତ୍ରାର ପୃଷ୍ଠଭୂମିଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଐତିହାସିକ ୧୦୦ତମ ଜନ୍ମ ଶତବାର୍ଷିକୀ ମହୋତ୍ସବ ଉପଲକ୍ଷେ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସ(ପୁଟପର୍ତ୍ତୀ) ପକ୍ଷରୁ ସମଗ୍ର ଭାରତବର୍ଷରେ ୫ଟି ପବିତ୍ର ରଥ ପରିକ୍ରମାର ସଂକଳ୍ପ ନିଆଯାଇଛି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତ ପ୍ରାନ୍ତିରେ ଭକ୍ତିମାନଙ୍କୁ ସଂଯୋଗ କରିବା ପାଇଁ ଗତ ୨୫ ଅପ୍ରିଲ ୨୦୨୫ (ପବିତ୍ର ମହାସମାଧି ଦିବସ)ରୁ ପୁଟପର୍ତ୍ତୀ ସ୍ଥିତ ପ୍ରଶାନ୍ତି ନିଲାୟମରୁ ଏହି ଯାତ୍ରା ଶୁଭାରମ୍ଭ ହୋଇଥିଲା। ଓଡ଼ିଶା ମାଟିର ପରମ ସୌଭାଗ୍ୟ ଯେ, ଗତ୨୯ ଜୁଲାଇ୨୦୨୬ (ପବିତ୍ର ଗୁରୁ ପୂର୍ଣ୍ଣିମା)ତିଥିରେ ଝାଡ଼ଖଣ୍ଡ ସୀମାନ୍ତି ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ସମିତି ଦ୍ୱାରା ଏହି ରଥକୁ ଆନନ୍ଦଉଲ୍ଲାସ ମଧ୍ୟରେ ସ୍ୱାଗତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଏବଂ ଉପକୂଳ ଓଡ଼ିଶାର କଟକ ଓ ଯାଜପୁର ଜିଲ୍ଲା ଅତିକ୍ରମ କରିବା ପରେ ଅଗଷ୍ଟ ୩୦ ତାରିଖରେ ଏହି ରଥ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ସମିତିରେ ପଦାର୍ପଣ କରିଥିଲା। ଜିଲ୍ଲାର ଗଣ୍ଡାଖିଆ, ନିମପୁ, ଆଳି, ଚଉଦକୁଲାଟ, କୋରୋ, ଇନ୍ଦୁପୁର ଏବଂ ଠାକୁରପାଣା ଦେଇ ପରିକ୍ରମା କରିବା ପରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ନିକଟରୁ ଶତାଧିକ ଭକ୍ତ ଏକ ଶୋଭାଯାତ୍ରାରେ ରଥକୁ ପାଛୋଟି ଆଣି ମିରପାଟଣାସ୍ଥିତ ସାଇ ମନ୍ଦିରରେ ପହଞ୍ଚାଇଥିଲେ। ସାଇ ମନ୍ଦିର ପରିସରରେ ରଥ ସ୍ଥାପନ ପରେ ପବିତ୍ର ତ୍ରୟୀ ରୁଦ୍ରମ ପାଠ, ଭକ୍ତିପୂର୍ଣ୍ଣ ସାଇ ଭଜନ, ସତ୍ସଙ୍ଗ ଏବଂ ସାଂସ୍କୃତିକ ନୃତ୍ୟ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମଗ୍ର ଧାର୍ମିକ କାର୍ଯ୍ୟକ୍ରମକୁ ଆୟୋଜକ ଶ୍ରୀ ସତ୍ୟସାଇ ସେବା ସମିତି କେନ୍ଦ୍ରାପଡ଼ାର ଆବାହକ ରାଜକିଶୋର ମିଶ୍ର, ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ନାୟକ, ପାଦାଭୁଜ ମ ନିର୍ବାହକ ପ୍ରିୟ ରଞ୍ଜନ ନାୟକ, କେଶବ ସାହୁ, ତ୍ରିଲୋଚନ ନାୟକ, ପ୍ରବୋଧ କୁମାର ନାୟକ, ମହେନ୍ଦ୍ର ସାହୁ, ଶୋଭା ରାଣୀ ମିଶ୍ର, ନମିତା ନାୟକ, ଅର୍ଣ୍ଣପୂର୍ଣ୍ଣା ଦେବୀ, ମୀରା ରାୟ, ମମତା ସାହୁ, ସୁଲଚନା ନାୟକ ଏବଂ ଉଷାରାଣୀ ନାୟକଙ୍କ ସମେତ ସମସ୍ତ ସାଇ ସେବକ ଓ ଭକ୍ତିବୃନ୍ଦ ସୁଚାରୁରୂପେ ପରିଚାଳନା କରିଥିଲେ।

# ପୀତବାସ ପଣ୍ଡା ହତ୍ୟା ମାମଲା: ଜେଲରୁ ବାହାରିଲେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା



ବ୍ରହ୍ମପୁର, (ପିପିଏସ୍): ପୀତବାସ ପଣ୍ଡା ହତ୍ୟା ମାମଲାରେ ଦୀର୍ଘ ୧୦ମାସ ପରେ ଜେଲ୍‌ରୁ ବାହାରିଛନ୍ତି ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା। ଗିରଫ କଲାବେଳେ ତଦନ୍ତକାରୀ ପୁଲିସ ଅଧିକାରୀ ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଅନୁସରଣ କରିନଥିବା ଦର୍ଶାଇ ହାଇକୋର୍ଟ ଗତକାଲି ଜାମିନ୍ ପ୍ରଦାନ କରିଥିଲେ। ଆଜି ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ବ୍ରହ୍ମପୁର ଏଡିଜେ-୩ ବିବସ୍ୱତ ଗୌତମଙ୍କ କୋର୍ଟରେ ସମସ୍ତ ନଥିପତ୍ର ଦାଖଲ କରିଥିଲେ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ। ୫୦ହଜାର ଲେଖାଏଁ ଦୁଇଟି ଜାମିନଦାର ସହ ଦଶ ଦିନରୁ ଅଧିକ ସମୟ ଜିଲ୍ଲା ବାହାରକୁ ଗଲେ କୋର୍ଟର ଅନୁମତି ନେବେ, କୋର୍ଟର ଧାର୍ଯ୍ୟ ତାରିଖରେ ହାଜର ହେବେ, ଅଭିଯୋଗକାରୀ, ସାକ୍ଷୀ ଓ ମୃତକଙ୍କ ପରିବାର ଲୋକଙ୍କୁ ଭୟଭୀତ କରିବେ ନାହିଁ ବୋଲି ସର୍ତ୍ତ ରଖିଛନ୍ତି କୋର୍ଟ। ବିକ୍ରମଙ୍କ ଜେଲ୍‌ରୁ ମୁକୁଳିବା ଖବର ପାଇବା ପରେ ବହୁ ସଂଖ୍ୟାରେ ସମର୍ଥକ ଓ ବିଜେଡି ନେତା ଜେଲ୍ ଗେଟ୍ ଆଗରେ ଭିଡ଼ ଜମାଇଥିଲେ। ଜେଲ୍ ରୋଡ୍ ଏବଂ କମାପଲ୍ଲୀ ଫ୍ଲାଏଓଭରରେ ପୂରା ଟ୍ରାଫିକ୍ ଜାମ୍ ହୋଇଥିଲା। ସନ୍ଧ୍ୟା ୬ଟା ୧୫ରେ ସେ ଜେଲରୁ ବାହାରକୁ ଆସିବା ପରେ ଭବ୍ୟସମ୍ବର୍ଦ୍ଧନା ଦେଇ ତାଙ୍କୁ ପାଛୋଟି ନେଇଥିଲେ ବିଜେଡି ନେତା, କର୍ମୀ ଓ ତାଙ୍କ ସମର୍ଥକ। ଜେଲ୍‌ରୁ ବାହାରିବା ପରେ ବିକ୍ରମ କହିଛନ୍ତି ଯେ, ମୁଁ ନିର୍ଦ୍ଦୋଷ। ଲୋକଙ୍କ ସେବା କରିଥିଲି, ଆଗକୁ ମଧ୍ୟ ସେବା କରିବି। ଧର୍ମର ଜୟ ହୋଇଛି। ମୋ ପରିବାର, ମୋ ସହ ରହିଥିବା ବ୍ରହ୍ମପୁର ଓ ଗଞ୍ଜାମବାସୀ, ମୋ ଦଳର ନେତାଙ୍କ ଆର୍ଶୀବାଦରେ ମୁଁ ନ୍ୟାୟ ପାଇଛି। ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ଆଦେଶରେ ମୁଁ ଜେଲରୁ ମୁକ୍ତ ହୋଇଛି। ଧର୍ମର ଜୟ ହୋଇଛି, ପ୍ରଭୁ ଜଗନ୍ନାଥଙ୍କ ଅଶେଷ କୃପାରୁ ଆଜି ମୁଁ ନ୍ୟାୟ ପାଇଛି। ନ୍ୟାୟ ବ୍ୟବସ୍ଥା ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଥିଲା, ଆଗକୁ ମଧ୍ୟ ରହିବ। ଏବଂ ମୋର ଅଗଣିତ ଜନସାଧାରଣ ଏବଂ ସମସ୍ତ ଗଞ୍ଜାମବାସୀଙ୍କୁ ମୁଁ ଧନ୍ୟବାଦ ଜଣାଉଛି, ସେମାନଙ୍କ ଭଲପାଇବା ଯୋଗୁଁ ଆଜି ମୁଁ ନିର୍ଦ୍ଦୋଷରେ- ଆଜି ମୋତେ ନ୍ୟାୟ ମିଳିଛି ଏବଂ ମୁଁ ଆଜି ବାହାରକୁ ଆସିପାରିଛି ଏବଂ ମୋ ନେତା ନବୀନ ବାବୁଙ୍କୁ ମଧ୍ୟ ଅଶେଷ ଅଶେଷ କୃତଜ୍ଞତା ଜଣାଉଛି, ଏ ଲଢ଼େଇରେ ସେ ମଧ୍ୟ ମୋ ସାଙ୍ଗରେ ରହିଥିଲେ। ମୋତେ ନିର୍ଦ୍ଦୋଷରେ ଏ ଭିତରକୁ ପୂରାଯାଇଥିଲା, ଆକ୍ରୋଶମୂଳକ ଭାବେ ଜେଲ ଭିତରକୁ ପୂରାଯାଇଥିଲା। ତେଣୁ ଆଜି ଧର୍ମର ଜୟ ହୋଇଛି, ନ୍ୟାୟର ଜୟ ହୋଇଛି। ସେଥିପାଇଁ ମୁଁ ପ୍ରଭୁ ଜଗନ୍ନାଥ ଏବଂ ମୋର ସମସ୍ତ ଭଲପାଇବା, ଶୁଭେଚ୍ଛୁମାନଙ୍କୁ, ଜନସାଧାରଣଙ୍କୁ, ଗଞ୍ଜାମର ସମସ୍ତ ଭାଇଭଉଣୀମାନଙ୍କୁ ଅଶେଷ କୃତଜ୍ଞତା ଜଣାଉଛି।' ବାହାରକୁ ଆସିବା ପରେ ସମର୍ଥକଙ୍କ ଜନସମୁଦ୍ର ଭାବବିହ୍ୱଳ କରିଛି। ମତେ ଭଲପାଉଥିବା ଜନତା, ଦଳର ନେତା ନବୀନ ପଟ୍ଟନାୟକ ଏବଂ ସମର୍ଥକମାନେ ମାନେ ମୋ ଅସମୟରେ ଠିଆ ହୋଇଛନ୍ତି। ସେମାନଙ୍କ ପାଖରେ ମୁଁ ଋଣି।

ଜେଲ୍ ଗେଟ୍‌ରୁ ବିକ୍ରମଙ୍କୁ ସ୍ୱାଗତ କରିବା ପାଇଁ ପ୍ରବଳ ଭିଡ଼ ହୋଇଥିବାବେଳେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ଶ୍ରୀକାନ୍ତ ସାହୁ, ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ ?ସିତା ସାହୁ, ମନ୍ମଥ ରାଉତରାୟ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ଚନ୍ଦ୍ର ଶେଖର ସାହୁ, ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟୀ ମେୟର ଇ.ବିବେକ ରେଡ଼ିଂଙ୍କ ସହ ଜ୍ୟୋତି ରଞ୍ଜନ ସାହୁ, ତାପସ ସାହୁ, ଅସିତ ସାବତଙ୍କ ସହ ବହୁ କର୍ପୋରେଟର ଜେଲ୍ ଗେଟ୍ ଆଗରୁ ତାଙ୍କୁ ପାଛୋଟି ନେଇଥିଲେ। ଘର ପାଖରେ ମଧ୍ୟ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ୍ ଏବଂ ଅନ୍ୟ ଅଞ୍ଚଳରୁ ସମର୍ଥକ ମାନେ ଆସି ସାକ୍ଷାତ କରିଥିଲେ। ଘରେ ପହଞ୍ଚିବା ପରେ ବିକ୍ରମ ବାପା-ମାଆଙ୍କୁ ପ୍ରଥମେ ପ୍ରଣାମ କରି ଇଷ୍ଟଦେବୀଙ୍କ ଆଶୀର୍ବାଦ ନେଇଥିଲେ। ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଯୁବନେତା ନଚିକେତା ସ୍ୱାଇଁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ସୂର୍ଯ୍ୟମଣି ବୈଦ୍ୟ, ଲତିକା ପ୍ରଧାନ, ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ବହୁ ନେତା ଓ କର୍ମୀ ଘର ପାଖରେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା

କେନ୍ଦୁଝର : ସୂଚନା ଅଧିକାର ଆଇନ-୨୦୦୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ଶ୍ୱେତାଲିନା ସାହୁ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର କିରଣ କୁମାର ନାୟକ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସନ୍ତୋଷ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଭୁବନେଶ୍ୱରର ବିଷୟ ବିଶାରଦ ରଶ୍ମିରଞ୍ଜନ ରାଉତ ଯୋଗଦେଇ (ଡିସ୍କ୍ଲୋଜର ଅପଡେସନ୍) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସତପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ ଉତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଂଟ ଖୋଲାଯିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ । ପ୍ରଶ୍ନୋତର ଅଧିବେଶନରେ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଦ୍ୟୁତ୍ ସଂଯୋଗ ସେବା ଶୁଭାରମ୍ଭ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଖଡ଼ିକାରପଡ଼ାରେ ବିଦ୍ୟୁତ୍ ସେବା ନଥିବା ବେଳେ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏହି ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଣ ନେଇ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟମନ୍ତ୍ରୀ ଓ ଶକ୍ତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଦ୍ୟୁତ୍ ସଂଯୋଗ ସେବା ଶୁଭାରମ୍ଭ କରିଛନ୍ତି ସାଂସଦ ମାଳବିକା ଦେବୀ । ତେଣୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି । ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟଢୋଲକିଆ, ଜେଲା ଗ୍ରାମପଂଚାୟତ ସରପଂଚ ବିମଳ ଯୋଶୀ ସହ ଗ୍ରାମବାସୀ ଉପସ୍ଥିତ ଥିଲେ ।

# କେନ୍ଦୁଝର ଜିଲ୍ଲାରେ ପର୍ଯ୍ୟଟନ ବିକାଶ ଦିଗରେ ଆଉ ଏକ ବଡ଼ ପଦକ୍ଷେପ
## ଡାବରଚୁଆ ପାର୍କର ପର୍ଯ୍ୟଟନ ଭିତିଭୂମି ବିକାଶ ପାଇଁ ମିଳିଲା ମଞ୍ଜୁରୀ

କେନ୍ଦୁଝର: କେନ୍ଦୁଝରର ପର୍ଯ୍ୟଟନ ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ନିଆଯାଉଥିବା ପଦକ୍ଷେପକୁ ଆଉ ଏକ ବଡ଼ ସଫଳତା ମିଳିଛି । ଡାବରଚୁଆ ପାର୍କର ବିକାଶ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ବ୍ୟାପକ ସୁବିଧା ସୁଯୋଗର ବ୍ୟବସ୍ଥା ନିମନ୍ତେ ଆନୁମାନିକ ୫.୯୯ କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନର ସକ୍ରିୟ ପ୍ରୟାସ ଫଳରେ ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଅଧିକ ମଜବୁତ କରିବା ଓ ପର୍ଯ୍ୟଟକମାନଙ୍କୁ ଉନ୍ନତ ସୁବିଧା ଯୋଗାଇଦେବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଜାରି କରାଯାଇଥିବା ପ୍ରଶାସନିକ ଅନୁମୋଦନ ଅନୁଯାୟୀ, ଏହି ପ୍ରକଳ୍ପରେ ଏକ ସାଗତ ତୋରଣ, ପାର୍କିଂ ସ୍ଥାନ, ଆଠଟି ଭେଣ୍ଡିଂ ଜୋନ, ଦୁଇଟି ଶୌଚାଳୟ ପରିସର, ପାନୀୟ ଜଳ ସୁବିଧା, ପରିସର ମଧ୍ୟରେ ଚାଲିବା ପାଇଁ ରାସ୍ତା, ଶିଶୁ ଉଦ୍ୟାନ ଓ ଖେଳ ସରଞ୍ଜାମ, ସବୁଜିମା ଏବଂ ସୌନ୍ଦର୍ଯ୍ୟକରଣ, ବସିବା ପାଇଁ ବେଂଚ, ବିଶ୍ରାମ ଗୃହ, ସୂଚନା ଫଳକ, ଫୁଆରା ଏବଂ ଅନ୍ୟାନ୍ୟ ଜନସାଧାରଣଙ୍କ ବ୍ୟବହାର୍ଯ୍ୟ ସୁବିଧା ଅନ୍ତର୍ଭୁକ୍ତ ରହିଛି । ଏହି ପ୍ରକଳ୍ପ ପାଇଁ ସର୍ବମୋଟ ୫,୯୯,୦୩,୦୦୦ ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ପର୍ଯ୍ୟଟନ କାର୍ଯ୍ୟକ୍ରମ ବ୍ୟୟ ଏବଂ ରାଜ୍ୟ କ୍ଷେତ୍ର ଯୋଜନା ଅଧୀନରେ ପ୍ରଦାନ କରାଯିବ । ଏହି ମଞ୍ଜୁରୀରେ ବୈଦ୍ୟୁତିକ କାର୍ଯ୍ୟ, ଜନସ୍ୱାସ୍ଥ୍ୟ କାର୍ଯ୍ୟ, ଗୁଣବତା ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପାଦାନ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ଡାବରଚୁଆ ପାର୍କର ଏହି ବିକାଶ ପର୍ଯ୍ୟଟକମାନଙ୍କ ଅନୁଭୂତିକୁ ଯଥେଷ୍ଟ ସମୃଦ୍ଧ କରିବ ଏବଂ କେନ୍ଦୁଝରକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଉନ୍ନତ ମନୋରଞ୍ଜନ ସୁବିଧା, ସୌନ୍ଦର୍ଯ୍ୟକରଣ, ପାର୍କିଂ ଏବଂ ଅତ୍ୟାବଶ୍ୟକ ପର୍ଯ୍ୟଟକ ସୁବିଧା ସହିତ ଏହି ପାର୍କ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ପାଲଟିବ । ଏହି ପ୍ରକଳ୍ପ ପାରମ୍ପରିକ ପର୍ଯ୍ୟଟନ ସ୍ଥଳୀ ବାହାରେ ଅନ୍ୟାନ୍ୟ ଅଂଚଳର ପର୍ଯ୍ୟଟନ ଭିତିଭୂମିର ବିକାଶ କରିବା ଏବଂ କେନ୍ଦୁଝରର ପର୍ଯ୍ୟଟନ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଦର୍ଶାଉଛି । ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନମୂଳକ ହସ୍ତକ୍ଷେପ ଏବଂ ରାଜ୍ୟ ସରକାରଙ୍କ ସହଯୋଗ ଜିଲ୍ଲାରେ ପର୍ଯ୍ୟଟନ ବିକାଶ ଏବଂ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପକୁ ଆହୁରି ଗତିଶୀଳ କରିବ ବୋଲି ଆଶା କରାଯାଉଛି ।

# ନୂଆପଡ଼ା ଜିଲ୍ଲା ଷଷ୍ଠ ଜିଲ୍ଲାପରିଷଦ ବୈଠକ

ନୂଆପଡା: ନୂଆପଡ଼ା ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଷଷ୍ଠ ଜିଲ୍ଲା ପରିଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ସାଂସଦ ମାନ୍ୟବର ମଳବିକ ଦେଓ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଖରିଆର ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଉପାଧକ୍ଷାଙ୍କ ସହ ସମସ୍ତ ପାଂଚ ଗୋଟି ବ୍ଲକର ଅଧକ୍ଷ ଓ ଅଧକ୍ଷାମାନେ ମାଧ ଉପସ୍ଥିତ ରହିଥିଲେ । ଜିଲ୍ଲାର ଜିଲ୍ଲା ପରିଷଦ ପରିସରରେ ଆସୁଥିବା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା କୃଷି ବିଭାଗ, ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉର୍ଦ୍ଧ୍ୟନ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମତ୍ସ୍ୟ ବିଭାଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଖରିଆର, ଗ୍ରାମ୍ୟ ଉନ୍ନୟନ ବିଭାଗ ନୂଆପଡ଼ା, ସମବାୟ ବିଭାଗ, ଜଳ ବିଭାଜିକା ବିଭାଗ ଓଠ ଜଳସେଚନ ବିଭାଗ, ପଂଚାୟତି ରାଜ ବିଭାଗ ଏବଂ ଅନ୍ୟ ଜିଲ୍ଲା ସ୍ତରୀୟ ବିଭାଗ ତଥା ଅକାରୀ ମାନେ ଉପସ୍ଥିତ ରହି ଜିଲ୍ଲାରେ ହେଉଥିବା ଉନ୍ନୟନ ମୂଳକ ଆଲୋଚନାରେ ସକ୍ରୀୟ ଭାବରେ ଭାଗନେଇ ଆଗକୁ ଆହୁରି କେମିତି ସମସ୍ତ କାର୍ଯ୍ୟକୁ ଅଗ୍ରାଧୁକାର କିଛିରେ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ନୂଆପଦ ଜିଲ୍ଲାରେ ଥିବା ଜଳସେଚନ ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା ।

# ନକଲି ନିଯୁକ୍ତି ପତ୍ର ଦେଇ ୨ ଲକ୍ଷ ଠକେଇ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର : ନକଲି ନିଯୁକ୍ତି ପତ୍ର ଦେଇ ଠକେର ମାମଲା ରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଉମୁରୀ ଗ୍ରାମର ଲକ୍ଷ୍ମୀ କାନ୍ତ ହାଲବା । ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉଟସୋର୍ସିଂ ଚାକିରି ଦେବା ନାଁରେ ନକଲି ନିଯୁକ୍ତି ପତ୍ର ଦେଇ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ହାଲବା(୩୬)ଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରୀ ଗ୍ରାମର ଲକ୍ଷ୍ମୀକାନ୍ତ ହାଲବା ନିଜକୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ବୋଲି ପରିଚୟ ଦେଇ 'କେଆରପିସି ଆଉଟସୋର୍ସିଂ' ଏଜେନ୍ସି ମାଧ୍ୟମରେ ଡାକ୍ତରଖାନାରେ ଚାକିରି କରାଇଦେବାକୁ କହି ୩ ଜଣ ଯୁବକଙ୍କ ବିଶ୍ୱାସ ଜିତିଥିଲେ । ପ୍ରଥମେ ଇନସ୍ୟୁରାନ୍ସ ଓ ଆଇକାର୍ଡ ବାବଦକୁ କିସ୍ତି ଆକାରରେ ୫ ହଜାର ଟଙ୍କା ଲେଖାଏଁ ନେବା ପରେ, ସମ୍ପର୍କୀୟ ଓ ସାଙ୍ଗସାଥୀଙ୍କୁ ଚାକିରି ଦେବା ନାଁରେ ଅନଲାଇନ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଠକି ନେଇଥିଲେ । ପୂର୍ବରୁ ୨୦୧୪ ମସିହାରେ ବିସିଂପୁର ଅଂଚଳରୁ ଚାକିରି ନାଁରେ ୧.୩୫ ଲକ୍ଷ ଟଙ୍କା ଠକି ଜେଲ ଯାଇଥିଲେ । ଏହି ଅଭିଯୁକ୍ତଙ୍କ ବିରୋଧରେ ରବିବାର ସଦର ଥାନାରେ ମାମଲା -୨୭୭/୨୬ରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ହାଲବାଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# କାର୍ ସହ ୬୧.୨୮୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଝାରସୁଗୁଡ଼ା: ଝାରସୁଗୁଡ଼ା ପୁଲିସ ପକ୍ଷରୁ ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନରେ ବଡ଼ ସଫଳତା ମିଳିଛି । ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ୬୧.୨୮୦ କିଲୋଗ୍ରାମ ସନ୍ଦିଗ୍ଧ ଗଞ୍ଜେଇ ଜବତ କରିବା ସହ ଏକ ସୁଜୁକି ଏର୍ଟିଗା କାର୍କୁ ଜବତ କରିଛି । ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଛି । ପୁଲିସ ସୂଚନା ଅନୁସାରେ, ଝାରସୁଗୁଡ଼ାର ଚିଠୁଆପଡ଼ା ଛକ ନିକଟରେ ଓଡି -୨୩-ଏମ-୭୩୪୯ ନମ୍ବର ବିଶିଷ୍ଟ ଏକ ସୁଜୁକି ଏର୍ଟିଗା କାର୍ରେ ଗଞ୍ଜେଇ ମହଜୁଦ ରହିଥିବା ପଚିଲିସ ଖବର ମିଳିଥିଲା । ଏହାପରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ଘଟଣାସ୍ଥଳରେ ଚଢ଼ଉ କରାଯାଇଥିଲା । ତଦନ୍ତ ସମୟରେ କାର୍‌ର ଚାବି କେୟାରଟେକର କୁନ୍ଦନ ସାହୁଙ୍କଠାରୁ ଜବତ କରାଯାଇଥିଲା । କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ସାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଏନଡିପିଏସ୍ ଆଇନର ସମସ୍ତ ବାଧତାମୂଳକ ପ୍ରକ୍ରିୟା ପାଳନ କରି କାର୍ ର ତଲାସୀ ନିଆଯାଇଥିଲା । ତଲାସି ବେଳେ କାର୍ ଭିତରୁ ମୋଟ ୬୧.୨୮୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଏହି ଘଟଣାରେ ଝାରସୁଗୁଡ଼ା ଥାନା କେସ୍ ନଂ-୫୧୯, ତାରିଖ ୩୦.୦୮.୨୦୨୬, ଏନଡିପିଏସ୍ ଆଇନର ଧାରା ୨୦(ବି)(ସସ)(ସି), ୨୫ ଓ ୨୯ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ କୁନ୍ଦନ ସାହୁ (୩୫) ଝାରସୁଗୁଡ଼ା ପୁରୁଣାବସ୍ତି ଅଞ୍ଚଳର । ତାଙ୍କୁ ୩୦ ଅଗଷ୍ଟରେ ସ୍ଥାନୀୟ ଅଦାଲତରେ ହାଜର କରାଯାଇଥିଲା । ପୁଲିସ ଜବତ ଗଞ୍ଜେଇର ଉତ୍ସ, ଏହାର ଗନ୍ତବ୍ୟସ୍ଥଳ ଏବଂ ଏହି ଚୋରାଚାଲାଣ ଚକ୍ରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ତଦନ୍ତ ଜାରି ରଖିଛି । ଝାରସୁଗୁଡ଼ା ପୁଲିସ ପକ୍ଷରୁ କୁହାଯାଇଛି ଯେ, ମାଦକ ଦ୍ରବ୍ୟର ବେଆଇନ କାରବାର, ପରିବହନ ଓ ମହଜୁଦ ବିରୋଧରେ ସେମାନଙ୍କର ଶୂନ୍ୟ-ସହନଶୀଳତା ନୀତି ଜାରି ରହିଛି । ସାଧାରଣ ଲୋକଙ୍କୁ ମଧ୍ୟ ଏଭଳି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ପୁଲିସକୁ ସୂଚନା ଦେବାକୁ ଆହ୍ୱାନ କରାଯାଇଛି । ପୁଲିସ କହିଛି, ନାଗରିକଙ୍କ ଦ୍ୱାରା ପ୍ରଦତ୍ତ ସୂଚନାକୁ ଆଇନ ଅନୁଯାୟୀ ଗୋପନୀୟ ଭାବେ ପରିଚାଳନା କରାଯିବ ।

# ନଦୀରେ ୧୦ ଫୁଟିଆ କୁମ୍ଭୀର: ମାଲଦା ଅଞ୍ଚଳରେ ଆତଙ୍କ

ଜୟପୁର: ଜୟପୁର ସଦର ବ୍ଲକ ଜୟନ୍ତୀଗିରି ପଂଚାୟତ ଅନ୍ତର୍ଗତ ମାଲଦା ଗାଁ ନିକଟସ୍ଥ ବଡ଼ପଡ଼ା ନଦୀରେ ଏକ ବିରାଟ କୁମ୍ଭୀର ଦେଖିବାକୁ ମିଳିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳବାସୀ ଓ ଚାଷୀଙ୍କ ମଧ୍ୟରେ ତୀବ୍ର ଆତଙ୍କ ଖେଳିଯାଇଛି । ପୂର୍ବାହ୍ନ ପ୍ରାୟ ୧୧ଟାରେ ମାଲଦା'ର ଜଣେ ଚାଷୀ ବିଲକୁ କୀଟନାଶକ ସ୍ପ୍ରେ କରିବାକୁ ଯାଉଥିବା ବେଳେ ନଦୀର ଏକ ଉଚ୍ଚ ସ୍ଥାନରେ ପ୍ରାୟ ୧୦ ଫୁଟ ଲମ୍ବର ଏକ କୁମ୍ଭୀର ଶୋଇଥିବା ଦେଖିଥିଲେ । ସେ ନିଜ ମୋବାଇଲ୍ରେ ଏହାର ଫଟୋ ଉଠାଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଗାଁ ଲୋକେ ନଦୀ ପଠାରେ ପହଂଚିବା ବେଳକୁ କୁମ୍ଭୀରଟି ପାଣି ଭିତରକୁ ଚାଲିଯାଇଥିଲା । ବର୍ଷା ଯୋଗୁଁ ନଦୀରେ ପ୍ରବଳ ପାଣି ଥିବାରୁ କୁମ୍ଭୀରଟିକୁ ଆଉ ଠାବ କରାଯାଇ ପାରିନାହିଁ । ଏବେ ଖରିଫ ଋତୁ ପାଇଁ ଚାଷୀମାନେ ଜମିକୁ ଯାଉଥିବା ବେଳେ ଗୃହପାଳିତ ପଶୁମାନେ ମଧ୍ୟ ନଦୀ ଉପରେ ନିର୍ଭର କରନ୍ତି । କୁମ୍ଭୀର ଆକ୍ରମଣ ଭୟରେ ଲୋକେ ନଦୀକୂଳକୁ ଯିବାକୁ ଡରୁଛନ୍ତି । ତୁରନ୍ତ ବନ ବିଭାଗ କୁମ୍ଭୀରଟିକୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଅନ୍ୟପଟେ ଏହି ଘଟଣା କୁ ନେଇ ବନ ବିଭାଗ ତରଫରୁ ମିଳିନାହିଁ କୌଣସି ସ୍ପଷ୍ଟି କରଣ ମେଳି ନାହିଁ ।

# ଜୁଭେଣ୍ଟିକା ଯୋଜନା ସମ୍ପର୍କରେ ସଚେତନ ହେଲେ ଛାତ୍ରଛାତ୍ରୀ

ସମ୍ବଲପୁର: ସମ୍ବଲପୁର ସହରର ଟାଉନ ଥାନାରେ ରାଜ୍ୟ ସରକାରଙ୍କ ନୂତନ ଭାବେ ପ୍ରଚଳିତ ଜୁଭେଂଟିକା ଯୋଜନାରେ ୧୮ ବର୍ଷରୁ କମ୍ ଶତାଧିକ ଛାତ୍ରୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ଥାନା କ'ଣ, ପୁଲିସର କାର୍ଯ୍ୟ କ'ଣ, ଅଭିଯୋଗ କିପରି ଦିଆଯାଏ, ଏଫ୍‌ଆଇଆର କ'ଣ, ଷ୍ଟେସନ୍ ଡାଇରୀ କ'ଣ ପରେ ବିଭିନ୍ନ ଅପରାଧିକ ଅଭିଯୋଗ ପରେ କେଉଁ କେଉଁ ସୋପାନ ଦେଇ ତଦନ୍ତ ଆରମ୍ଭ ହୁଏ ଆଦି ଅତି ସରଳ କରଣୀରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ପରେ ପରେ ଆଜିକାଲିର ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ମଧ୍ୟରେ ସାଇବର ଠକେଇ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ମୋବାଇଲ ଚାଳନା, ନେଟ୍ ବ୍ୟାଙ୍କିଙ୍ଗରେ କିପରି ସତର୍କତା ଅବଲମ୍ବନ କରିବାକୁ ହେବ ସେ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । ଥାନା, ପୋଲିସର କାର୍ଯ୍ୟକଳାପ ଓ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ରୋକିବା ଦିଗରେ ଛାତ୍ରୀ ମାନଙ୍କୁ ସଚେତନତା ଓ ବିଶେଷ ଭାବରେ ସାଇବର ଠକେଇରୁ ବର୍ତ୍ତିବା ସମ୍ପର୍କରେ ସଚେତନ ଉଚ୍ଚକୋଟୀର ଥିବାରୁ ଛାତ୍ରୀମାନେ ବେଶ୍ ଆତ୍ମସନ୍ତୋଷ ପ୍ରକାଶ କରିଥିଲେ ।

# ଟାଟା ପାୱାରର ଶ୍ରମିକ ଛଟେଇ ବିରୋଧରେ ପ୍ରତିବାଦ

କେନ୍ଦୁଝର: ଟାଟା ପାୱାର ଅଧୀନରେ କାର୍ଯ୍ୟ କରୁଥିବା ତଳ ଶ୍ରେଣୀର ଶ୍ରମିକ ମାନଙ୍କ ବିରୋଧରେ ଛଟେଇ କରିବାର ବୃହତ ଷଡ଼ଯନ୍ତ୍ର କରିଛି ଟାଟା ପାୱାର । ଯେତେବେଳେ ଟାଟା ପାୱାର ନେସ୍କୋକୁ ନେଲା ସେତେବେଳେ ୨୫% ଏଟି ଆଣ୍ଡ ସି କ୍ଷତି ହେଉଥିଲା । ଆଜି ଯେଉଁ ଶ୍ରମିକ ମାନଙ୍କୁ ସେ ଛଟେଇ କରିବାକୁ ଚାହୁଁଛି ସେଇ ଶ୍ରମିକ ମାନେ ବିଗତ ଦିନରେ ନିଜର ମୁଣ୍ଡ ଝାଳ ତୁଣ୍ଡରେ ମାରି ଏଟି ଆଣ୍ଡ ସି କ୍ଷତିକୁ ୭% କୁ କମାଇ ପାରିଛନ୍ତି । ଯୋଉଠି ଆମର ତଳ ଶ୍ରେଣୀର କର୍ମଚାରୀ ୧୦୦୦୦ ରୁ ୧୫୦୦୦ ଦରମା ପାଉଛନ୍ତି ସେମାନଙ୍କୁ ଛଟେଇ କରିବାକୁ ଯୋଜନା କରି ନିଜର ଧଳା ହାତୀ ଙ୍କୁ କୋଟି କୋଟି ଦେଇ ରଖିଛି ବୋଲି ଅଭିଯୋଗ କରିଛି ନେସ୍କୋ ପାୱାର ଏମ୍ପ୍ଲଇଜ୍ ୟୁନିଅନ । ଯେଉଁଠି ସରକାର କହୁଛନ୍ତି ଆମେ ଚାକିରୀ ଦେଉଛୁ ,ସେଇ ଜାଗାରେ ଟାଟା ପାୱାର ଛଟେଇ କରୁଛି । ତେଣୁ ଆଗକୁ ଆମେ ଟିପିଏନଓଡିଏଲ ଅଧୀନରେ ଥିବା ୮ଟି ସଂଘକୁ ନେଇ ହେଇଥିବା ଶ୍ରମିକ ୟୁନାଇଟେଡ୍ ଫୋରମ ଦ୍ୱାରା ଟାଟା ପାୱାରର ଶ୍ରମିକ ମାରଣା ନୀତି ବିରୋଧରେ ଆଜି ପ୍ରତିବାଦ କରାଯାଇଚି । ବେଆଇନ କର୍ମଚାରୀ ଛଟେଇ ଅଭିଯୋଗରେ ନେସ୍କୋ ପାୱାର ଏମ୍ପ୍ଲାଇସ ୟୁନିଅନ କେନ୍ଦୁଝର ପକ୍ଷରୁ ଶତାଧିକ କର୍ମଚାରୀଙ୍କ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଦାବୀ ନମାନିଲେ ଧାରଣାକୁ ଓଲ୍‌ହେଇବକୁ ଚେତାବନୀ ଦେଇଛି ସଂଘ ।

# ବଲାଙ୍ଗିର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ




ବଲାଙ୍ଗିର,(ପିପିଏସ୍) : ବଲାଙ୍ଗିର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ ଟିକ୍ରାପଡା - ସଇଁନ୍ତଲା ବ୍ଲକ ଟିକ୍ରାପଡା ଶିବ ମନ୍ଦିର ଠାରେ ବଲାଙ୍ଗିର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଅକ୍ଷୟ ରଣା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ଇଷ୍ଟଦେବୀ ରୁଦ୍ରପାଳ ଓ ରନ୍ନେଶ୍ୱରୀ ଙ୍କ ଠାରେ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା । ପ୍ରଥମେ ଜିଲ୍ଲା ସମ୍ପାଦକ ଅନିଲ ରଣା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରତ୍ୟେକ ବ୍ଲକର ସଭାପତି ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ । ଉପଖଣ୍ଡ ସଭାପତି କୃଷ୍ଣଚନ୍ଦ୍ର ରଣା ଓ ବରୁଣ ସଂଗଠନ ସୁଦୃଢ଼ କରିବା ପାଇଁ ମତାମତ ରଖିଥିଲେ । ଆଇନ ପରାମର୍ଶଦାତା ଅରୁଣ ରଣା ଦେବାଶିଷ ରଣା ଚାରିଟେବୁଲ ଟ୍ରଷ୍ଟକୁ ଆର୍ଥିକ ସହଯୋଗ କାମନା କରିଥିଲେ । ସଭାପତି ଆଗାମୀ କାର୍ଯ୍ୟପନ୍ଥା ଯଥା ନିୟମିତ ପ୍ରତ୍ୟେକ ବ୍ଲକରେ ଜିଲ୍ଲା ବୈଠକ ଆୟୋଜନ, ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି, ବାର୍ଷିକ ବିବରଣୀ ଉପସ୍ଥାପନ ପାଇଁ ମତବ୍ୟକ୍ତ କରିଥିଲେ ଓ ଏହାକୁ ସର୍ବ ସମ୍ମତି କ୍ରମେ ପାରିତ କରାଯାଇଥିଲା । ଏହି ବୈଠକରେ ବିଭିନ୍ନ ବ୍ଲକ କାର୍ଯ୍ୟକର୍ତ୍ତା ନିଧି ରଣା, ଧନଞ୍ଜୟ ରଣା, ରମେଶ ରଣା, ପ୍ରମୋଦ ରଣା, ଟଙ୍କଧର ରଣା, ଗୌରୀ ଶଙ୍କର ରଣା, ସୁରେନ୍ଦ୍ର ରଣା, ତେଜୁ ରଣା, ଅନାଦି ରଣା, ଶଶୀଭୂଷଣ, ଖଗେଶ୍ୱର ରଣାଙ୍କ ସମେତ ଜିଲ୍ଲା କାର୍ଯ୍ୟକାରିଣୀ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା କୋଷାଧକ୍ଷ ନୃପରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ ଓ ଟିକ୍ରାପଡା ଗ୍ରାମବାସୀ ସାହାର୍ଯ୍ୟ ସହଯୋଗ କରିଥିଲେ ।

# ବିପିଏଲ୍ ହିତାଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗୀକରଣ ଦାବି

ବଲାଙ୍ଗିର(ପିପିଏସ୍) : ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକ ର କୁଟାସିଂହା ନୂଆପଡ଼ାର ୭ଟି ଘରକୁ ବିଗତ ୫ ବର୍ଷ ହେବ ବିପିଏଲ୍ ହିତାଧିକାରୀମାନଙ୍କ ପାଇଁ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ୱେରିଂ ହୋଇଛି, ମିଟର ବସିଛି କିନ୍ତୁ ବିଭାଗୀୟ ଅଧିକାରୀଙ୍କ ତରଫରୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇନାହିଁ । ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସଂଯୋଗୀକରଣ କରିବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରି ନଥିବା ବିପିଏଲ ହିତାଧିକାରୀ ଦଶରଥ ପଧାନ, ଅନନ୍ତ ପଧାନ, କାର୍ତିକ ପଧାନ, ରଶ୍ମିତା ପଧାନ, ପ୍ରତାପ ମୁଦୁଲି, ପରମାନନ୍ଦ ପଧାନ ଅଭିଯୋଗ କରିଛନ୍ତି । ତେଣୁ ଟି ପି ଡବ୍ଲୁ ଓ ଡି ଏଲ ତାରଫରୁ ଶୀଘ୍ର ବିଦ୍ୟୁତ୍ ସଂଯୋଗୀକରଣ କରିବାକୁ ଦାବି ହେଉଛି ।

# ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପରେ ଲାଗିବ ଜରୁରୀକାଳିନ ନମ୍ବର

ଜୟପୁର: ଜୟପୁର ସହରରେ ଥିବା ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ବିଦ୍ୟାଳୟ ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ, ଜିଲା ଚିକିତ୍ସାଳୟର ପାଚେରିରେ ଜରୁରିକାଳିନ ନମ୍ବର ଲଗାଯିବ । ଏନେଇ ଆଜି ଜୟପୁର ଏସଡିପିଓ ଅର୍ଚ୍ଚିତା ମିତଲ ଏକ ପ୍ରୟାସ ଆରମ୍ଭ କରିଛନ୍ତି । ଲୋକମାନେ ଅସୁବିଧାରେ ପଡିଲେ କାହାକୁ ଖବର ଦେବେ ସେ ନେଇ ହଇରାଣ ହେଉଛନ୍ତି । ଏନେଇ ଲୋକଙ୍କୁ ସଚେତନ କରିବା ପାଇଁ ଜୟପୁର ଟାଉନ ପୋଲିସ ତରଫରୁ ସମସ୍ତ ଜରୁରିକାଳିନ ନମ୍ବର ନେଇ ଏକ ଛୋଟ ପୋଷ୍ଟର କରାଯାଇଛି । ଆମ୍ବୁଲାନ୍ସ ପାଇଁ ୧୦୮, ଅଗ୍ନିଶମ ବିଭାଗ ୧୦୧, ସାଇବର ଅପରାଧ ୧୯୩୦, ଶିଶୁ ସହାୟତା ହେଲ୍ପଲାଇନ୍ ୧୦୯୮, ମହିଳା ସହାୟତା ହେଲ୍ପଲାଇନ ୧୮୧ ନମ୍ବର ସହ ଜୟପୁର ଟାଉନ ଥାନାର ୯୪୩୮୯୧୬୯୩୦ ନମ୍ବର ରହିଛି । ଜୟପୁର ବାସୀ କ'ଣ ଅସୁବିଧାର ସମ୍ମୁଖିନ ହେଲେ ତୁରନ୍ତ ଏହି ନମ୍ବରରେ କଲ କରି ସୂଚନା ଦେଲେ ଟିମ୍ ପହଂଚି ଉଦ୍ଧାର କରିବା ସହ ସୁରକ୍ଷା ପ୍ରଦାନ କରିବେ ବୋଲି ଏସଡିପିଓ ଅର୍ଚ୍ଚିତା ମିତଲ ସୂଚନା ଦେଇଛନ୍ତି ।

# ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପାଇଲେ ପ୍ରଧାନଶିକ୍ଷୟିତ୍ରୀ

ଜୟପୁର: ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୨ ଜଣ ଶିକ୍ଷୟତ୍ରୀ ଅବସର ନେଇଥିବାରୁ ପୁର୍ଣାଙ୍ଗ ପେନସନ ପ୍ରଦାନ କରାଯାଇଛି କ୍ଷ ଜୟପୁର ଅନ୍ତର୍ଗତ ଯମୁନା ଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ସୁଷମା ନାୟକ ଓ ଜାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ସବିତା କୁମାରୀ ଆଣ୍ଡ୍ରସେନ ଆଜି ଅର୍ଥାତ୍ ୩୧.୦୮.୨୦୨୬ ରିଖ ଦିନ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ଅବସର ଗ୍ରହଣ ଦିନ ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁରଙ୍କ କାର୍ଯ୍ୟାଳୟ ଦ୍ୱାରା ପୁର୍ଣାଙ୍ଗ ପେନସନ୍ ପ୍ରଦାନ କରାଯାଇଛି । ଉକ୍ତ ପୁର୍ଣାଙ୍ଗ ପେନସନ୍ ୨୯ ତାରିଖ ଦିନ ହିସାବ ନିୟନ୍ତ୍ରକ ଭୁବନେଶ୍ୱର ମଞ୍ଜୁର କରିଥିବା ଶଶୀଭୂଷଣ ଦାଶ ବରିଷ୍ଠ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଜୟପୁର ସୂଚନା ଦେଇଛନ୍ତି । ଶ୍ରୀ ଦାଶ୍ କହିଛନ୍ତି ଯେ, ଗତ ମେ ୨୦୨୫ ରିଖ ଠାରୁ ଯେଉଁ ମାନେ ଚାକିରିରୁ ଅବସର ଗ୍ରହଣ କରୁଛନ୍ତି ସେମାନଙ୍କୁ ଲଗାତାର ଭାବେ ପ୍ରତି ମାସରେ ପୁର୍ଣାଙ୍ଗ ପେନସନ ପ୍ରଦାନ କରାଯାଉଛି । ଅବସର ଗ୍ରହଣ କରିବାକୁ ଯାଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ କେମିତି ପୁର୍ଣାଙ୍ଗ ପେନସନ୍ ପାଇବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛିକ୍ଷ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ କହିଛନ୍ତି ଯେ, ଏଥି ମଧ୍ୟରେ ପୁରୁଣା ବକେୟା ରହିଯାଇଥିବା ପେନସନ୍ ଗୁଡିକ ମଧ୍ୟ ଚୂଡାନ୍ତ ହୋଇ ସାରିଛି କ୍ଷ ଯେଉଁ ମାନଙ୍କର ଚାକିରି କାଳରେ କିଛି ଅସୁବିଧା ଓ ମନ୍ତବ୍ୟ ରହିଛି ମାତ୍ର ହାତ ଗଣତି ୨ ରୁ ୩ ଜଣଙ୍କର ପେନସନ୍ ନିମନ୍ତେ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇସାରିଛି । ପ୍ରାୟ ଦେଢ଼ ବର୍ଷ ହେବ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପେନସନ୍ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ଏହାକୁ ନେଇ ଶିକ୍ଷକ ମହଲରେ ଖୁସିର ବାତାବରଣ ଖେଳିଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ବହୁ ମାତ୍ରାରେ ପ୍ରଶଂସା କରୁଥିବା ଜଣାପଡିଛି । ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢ଼ି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ. ଗୋପାଳ, କନିଷ୍ଠ ସହାୟକ ସାନ୍ତୁନୁ ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ସମ୍ବଲପୁରରେ 'ପ୍ରଗତି-୨୦୨୬' କ୍ୟାରିୟର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର: ଶିକ୍ଷା ମନ୍ତ୍ରଣାଳୟ ଓ ଆଇଆଇଟି କାନପୁରର ମିଳିତ ପ୍ରୟାସରେ ଚାଲିଥିବା ସାଥୀ ପକ୍ଷରୁ ସମ୍ବଲପୁର ଜିଏମ୍ ହାୟର ସେକେଣ୍ଡାରୀ ସ୍କୁଲ୍‌ସ୍ଥିତ ସାଥୀ କେନ୍ଦ୍ରରେ 'ପ୍ରଗତି-୨୦୨୬' କ୍ୟାରିୟର କାଉନସେଲିଂ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଦୁଇ ଘଂଟିଆ ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଦୀୟମାନ କ୍ୟାରିୟର ସୁଯୋଗ, ପ୍ରଯୁକ୍ତିବିଦ୍ୟା, ବ୍ୟକ୍ତିତ୍ୱ ବିକାଶ ଓ ଭବିଷ୍ୟତ ଶିକ୍ଷାଗତ ଚ୍ୟାଲେଞ୍ଜର ମୁକାବିଲା ସମ୍ପର୍କରେ ଜାଣିଥିଲେ । କାର୍ଯ୍ୟକ୍ରମରେ ଓଏଚପିସିର ଦିଗଟି ଇଆଇ ମନୋଜ କୁମାର ମହାରଣା, ୟୁଥ୍ ରେଡ଼କ୍ରସ୍ ସମ୍ବଲପୁରର କନଭେନର ସେକ୍ରେଟାରୀ ପବିତ୍ର ମୋହନ ବେହେରା, ଆକାଶବାଣୀ ସମ୍ବଲପୁରର ପ୍ରୋଗ୍ରାମ୍ ଏକ୍‌ଜିକ୍ୟୁଟିଭ୍ ସୁଭାଗ୍ୟ କୁମାର ରଥ ଓ ବୌଦ୍ଧ ପଂଚାୟତ କଲେଜର ବଟାନି ବିଭାଗ ମୁଖ୍ୟ ଡ. ପ୍ରବୀର କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିମାନଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟପ୍ରକାଶ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ । ଅତିଥିମାନେ ଷ୍ଟିମ୍ ଶିକ୍ଷା, ନାଗରିକ ଦାୟିତ୍ୱ, ସରକାରୀ ସେବାରେ କ୍ୟାରିୟର ସୁଯୋଗ, ଯୋଗାଯୋଗ ଦକ୍ଷତା, ବୈଜ୍ଞାନିକ ଚିନ୍ତାଧାରା ଓ ଦକ୍ଷତା ବିକାଶ ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ପରେ ଆୟୋଜିତ ପ୍ରଶ୍ନୋତର ଅଧିବେଶନରେ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତି, କ୍ୟାରିୟର ଚୟନ ଓ ପ୍ରଯୁକ୍ତିଗତ ପରିବର୍ତନ ସମ୍ପର୍କରେ ପ୍ରଶ୍ନ କରିଥିଲେ । ସାଥୀ ଅଧିନରେ ଚାଲିଥିବା ପ୍ରଗତି ଛାତ୍ରଛାତ୍ରୀଙ୍କୁ କ୍ୟାରିୟର ସୁଯୋଗ, ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ସଠିକ୍ ନିଷ୍ପତି ନେବାରେ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ ହେଉଛି ।

# ଦୁଷ୍କର୍ମ ମାମଲାରେ ଦୋଷୀକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର: ୨୦୨୫ ମସିହାରେ ବୈପାରୀଗୁଡା ଥାନା କେରାପୁଟ ଗ୍ରାମରେ ଘଟିଥିବା ଦୁଷ୍କର୍ମ ମାମଲାର ବିଚାର କରି ୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଆଜି ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟ ର ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁଶ୍ରୀ ପ୍ରଜ୍ଞା ନଳିନୀ ମିଶ୍ର କେରାପୁଟ ଗ୍ରାମର ୨୨ ବର୍ଷୀୟ ସୁଦର୍ଶନ ନାୟକକୁ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪(୨)(ଏମ) ସେକ୍ସନ ଆଇନର ଧାରାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ୧୫ ହଜାର - ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଟଙ୍କା ଅନାଦେୟ ଦୋଷୀକୁ ୬ ମାସ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି ଅଦାଲତ । ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ପର୍ଯ୍ୟାପ୍ତ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ଘଟଣା ଅନୁଯାଇ ୦୩/୧୦/୨୦୨୫ ଦିନ ଅଭିଯୁକ୍ତ ପୀଡିତାଙ୍କୁ ସନ୍ଧ୍ୟା ୫ଟା ବେଳେ ତୁମ ବାପା କୋରାପୁଟ ଥାନାରେ ଅଛନ୍ତି କହି ପୀଡ଼ିତାଙ୍କୁ ବାଇକ ରେ ବସାଇ କୋରାପୁଟ ଚନ୍ଦନ ପୋଖରୀକୁ ନେଇ ସେଠାରେ ପୀଡ଼ିତାଙ୍କ ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲା ଅଭିଯୁକ୍ତ ଓ ରାତି ସାରା ବୁଲାଇ ବାରମ୍ବାର ଦୁଷ୍କର୍ମ କଲା ପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ୦୪/୧୦/୨୦୨୫ ସକାଳ ୭ଟା ସମୟରେ ତାଙ୍କ ଘର ପାଖରେ ଛାଡି ପଳାଇଲା କ୍ଷ ତା'ପରେ ପୀଡିତା ଜୟପୁର ମହିଳା ଥାନାରେ ଏକ ଅଭିଯୋଗ କରିଥିଲେ କ୍ଷ ଅଭିଯୋଗକୁ ମହିଳା ପୋଲିସ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା କ୍ଷ ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତ ସୁଦର୍ଶନ ଓରଫ ଦୀନବନ୍ଧୁ ନାୟକକୁ ଗିରଫ କରି କୋର୍ଟ ଚାଲଣ କରି ତା' ବିରୁଦ୍ଧରେ ଚାର୍ଜସିଟ ଦାଖଲ କରିଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁରେଶ କୁମାର ହଡ଼ପ ମାମଲାର ପରିଚାଳନା କରିଥିଲେ ।

ପ୍ରତ୍ୟେକ କାର୍ଯ୍ୟ ଓ ଆଚରଣର ସୀମା ଅଛି । ସୀମାତୀତ ହେଲେ ଭଲ ମଧ୍ୟ ମନ୍ଦ ହୋଇଯାଇପାରେ । ଅତିଦାନ କରି ବଳି ମଧ୍ୟ ପାତାଳକୁ ଗଲା ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୦୦)

ପ୍ରଜାତନ୍ତ୍ର
ତା ୨।୦୯।୨୦୨୬ ■ ବୁଧବାର

# ଯୁଦ୍ଧ ହେଲାଣି ଛଅମାସ

ଇରାନ-ଆମେରିକା ଯୁଦ୍ଧ ହେବାର ଛଅମାସ ବିତିଗଲାଣି, କିନ୍ତୁ ଏଯାଏ ଶାନ୍ତି ପ୍ରତିଷ୍ଠା ହେବାର କୌଣସି ସୂଚନା ମିଳିପାରି ନାହିଁ । ପାକିସ୍ତାନର ମଧ୍ୟସ୍ଥତାରେ ଗତ ଜୁନମାସରେ ହୋଇଥିବା ବୁଝାମଣାର ସମୟ ଯଦିଓ ପୂର୍ବରୁ ପୂରଣ ହୋଇଯାଇଛି । ଜୁନ୍‌ରେ ଯେଉଁ ସହମତି ସୃଷ୍ଟି ହୋଇଥିଲା ତାହା ଅନୁସାରେ ଉଭୟ ଦେଶ ୬୦ ଦିନରେ ବା ଅଗଷ୍ଟ ୧୭ ତାରିଖ ମଧ୍ୟରେ ସ୍ଥାୟୀ ଯୁଦ୍ଧ ବିରତି ସନ୍ଧି କରିନେବାର ଥିଲା, କିନ୍ତୁ ପରିତାପର ବିଷୟ ଯେ ଏବେଯାଏ ଉତ୍ତେଜନାମୂଳକ ପରିସ୍ଥିତି ଜାରି ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶାନ୍ତି ପ୍ରତିଷ୍ଠା ଲାଗି କୌଣସି ବ୍ୟଗ୍ରତା ନାହିଁ କି ଇରାନ ଏବେ କୌଣସି ପ୍ରକାରର ବୁଝାମଣା ଲାଗି କଥାବାର୍ତ୍ତା କରିବାକୁ ଚାହୁଁଛି । ମଝିରେ ମଝିରେ ପାକିସ୍ତାନ, କତର ଭଳି କେତେକ ଦେଶ ଯୁଦ୍ଧ ବିରତି ଲାଗି ପ୍ରୟାସ କରୁଛନ୍ତି, କିନ୍ତୁ ଏମାନଙ୍କ ଉଦ୍ୟମ ପ୍ରତି ଯୁଦ୍ଧରତ ଦୁଇ ଦେଶ ଆଦୌ ଧ୍ୟାନ ଦେଉନାହାନ୍ତି । କେବେ ଇରାନର ମନୋମୁଖୀ ଆଚରଣ ତ କେବେ ଆମେରିକା କି ଇସ୍ରାଏଲର ଜିଦ୍ ଯୋଗୁଁ ବୁଝାମଣା ହୋଇପାରୁ ନାହିଁ । ସମଗ୍ର ଭାବେ ଯଦି ଦେଖାଯାଏ, ତେବେ ଆମେରିକା ଏ ଯୁଦ୍ଧରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛି । ବିଶେଷକରି ଆମେରିକା ରାଷ୍ଟ୍ରପତି ନିଜର ଉଦ୍ଦେଶ୍ୟ ସାଧନ କରିବାରେ ବିଫଳ ହୋଇଛନ୍ତି ।

ଆମେରିକା ନା ବର୍ତ୍ତମାନର ଇରାନ ଶାସନକୁ ଧ୍ୱସ୍ତ କରିପାରିଛି ନା, ହୋର୍ମୁଜ ଜଳମାର୍ଗକୁ ପୂରା ଖୋଲିପାରିଛି । ଅଶୋଧିତ ତୈଳ ଅଭାବ ହେଉ କି ଆମଦାନୀ ନେଇ ଏବେ ମଧ୍ୟ ଅସନ୍ତୁଳନ ଜାରି ରହିଛି । ଇରାନ ଉପରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧ ଲାଗିଛି ଓ ତାହାର ଧନ ମଧ୍ୟ ରୋକିଦିଆଯାଇଛି । ନା ଆମେରିକାର ନୌସୈନିକଙ୍କ ଘେରାବନ୍ଦୀ ସମାପ୍ତ ହୋଇଛି ନା, ଆମେରିକାର ଆକ୍ରମଣାତ୍ମକ ଆଚରଣ ହ୍ରାସ ପାଇଛି । ଉଭୟ ଦେଶ ପରସ୍ପର ବିରୁଦ୍ଧରେ ସବୁପ୍ରକାରର ଦାଓପେଞ୍ଚ କରିଚାଲିଛନ୍ତି । ଅସୁବିଧାରେ ପଡ଼ିଥିବା ଅନେକ ଦେଶମାନଙ୍କ ଚିନ୍ତା ନା ଇରାନକୁ ଅଛି ନା ଆମେରିକାକୁ । ଏ ଯୁଦ୍ଧ ଏକପ୍ରକାର ଅହଂର ଲଢ଼େଇରେ ପରିଣତ ହୋଇଯାଇଛି । ଆମେରିକା ଚାହୁଁଛି ଇରାନ ପରାଜୟ ସ୍ୱୀକାର କରି ପଛକୁ ହଟିଯାଉ, କିନ୍ତୁ ଇରାନର ସ୍ୱଭାବରେ ପରାଜୟ ମାନିବାର ପ୍ରବୃତ୍ତି ନାହିଁ । ଆମେରିକା ଭଳି ମହାଶକ୍ତି ବିରୁଦ୍ଧରେ ଇରାନ ସୈନ୍ୟ-କୂଟନୈତିକ-ଆର୍ଥିକ ଆକ୍ରମକ କୌଶଳ ବିଶ୍ୱରେ ଭୂ-ରାଜନୀତିକୁ ବହୁ ପରିମାଣରେ ବଦଳାଇ ଦେଇଛି । ଆମେରିକାର ହାକିମାତିକୁ ଗତ ଛଅମାସ ଭିତରେ ଅନେକାଂଶରେ ବହୁତ ବଡ଼ ଚାଲେଞ୍ଜ ମିଳିଛି । ତାହା ସଂକ୍ରାନ୍ତରେ ଅନେକ ଭ୍ରମ ଦୂର ହେଲାଣି ଏବଂ ଏକ ଗମ୍ଭୀର ତଥା ଦାୟିତ୍ୱସଂପନ୍ନ ଦେଶ ଭାବେ ତାହାର ପରିଚୟ ଅନେକମାତ୍ରାରେ ପ୍ରଭାବିତ ହୋଇଛି ।

ଯୁଦ୍ଧରେ କୌଣସି ପ୍ରକାରେ ବିଜୟ ହାସଲ କରିବା ପାଇଁ ଆମେରିକା ଯେତେ ପ୍ରକାରର କୌଶଳ ଅବଲମ୍ବନ କଲା, ତାହା ଫଳରେ କେତେକ ନକାରାତ୍ମକ ଶକ୍ତିମାନେ ମଧ୍ୟ ବଳ ପାଇଲେ । ଆତଙ୍କବାଦର ସହାୟତା ନେଉଥିବା ଦେଶମାନଙ୍କର ଦୁଃସାହସ ବଢ଼ିଲା । ଏ ଯୁଦ୍ଧ ଯୋଗୁଁ ଚୀନ ଓ ରୁଷିଆର ମଧ୍ୟ ଶକ୍ତି ବଢ଼ିଲା । ଯୁଦ୍ଧ ଶେଷ ନ ହେବା ଯୋଗୁଁ ଇସ୍ରାଏଲର ଦୃଢ଼ତା ମଧ୍ୟ ପ୍ରଭାବିତ ହୋଇଛି । ଆମେରିକା କେବେ ବି ଭାବିନଥିଲା ଯେ ହୋର୍ମୁଜ ଜଳମାର୍ଗକୁ ଇରାନ ବଡ଼ ହତିଆର ଭାବେ ବ୍ୟବହାର କରିବ । ଦୁନିଆର ସାମୁଦ୍ରିକ ତୈଳ ପରିବହନର ୨୦ ପ୍ରତିଶତରୁ ଅଧିକ ହୋର୍ମୁଜ ବାଟ ଦେଇ ଯାଉଛି । ମାର୍ଚ୍ଚ ମାସରୁ ଯେପରି ଭାବେ ଅଶୋଧିତ ତୈଳ ଦର ବଢ଼ିଛି, ତାହା ଫଳରେ ବିଶ୍ୱର ଅନେକ ଦେଶ ଏଯାଏ ନିଜକୁ ସମ୍ଭାଳି ପାରିନାହାନ୍ତି । ମଝିରେ ମଝିରେ କୌଣସି ପ୍ରକାରେ ବହୁତ ଉତ୍ତେଜନା ଭିତରେ ହୋର୍ମୁଜ ବାଟ ଦେଇ ତୈଳ ପରିବହନ ହେଉଛି । ବିଗତ ୬ ମାସ ମଧ୍ୟରେ ପହିବହନରେ ୩୦ ପ୍ରତିଶତରୁ କମ୍ ରହିଛି । ଏକ ତଥ୍ୟ ଅନୁସାରେ ଆନ୍ତର୍ଜାତିକ ସାମୁଦ୍ରିକ ସଂଗଠନ ଅନୁସାରେ, ଫେବୃଆରୀ ୨୮ରୁ ପ୍ରାୟ ୬୫ ଜାହାଜ ଦୁର୍ଘଟଣା ହେଲାଣି ଓ ୧୭ରୁ ଅଧିକ ନାବିକଙ୍କ ମୃତ୍ୟୁ ଘଟିଲାଣି । ଯୁଦ୍ଧ ପୂର୍ବରୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୬ ଡଲାର ଥିଲା ଓ ଅଗଷ୍ଟ ୨୭ରେ ତାହା ୮୭ ଡଲାର ହୋଇଥିଲା । ❐❐

# ବିପର୍ଯ୍ୟୟରୁ ଶିକ୍ଷା

ଭୟାବହ ବନ୍ୟା ବିଭୀଷିକା ନେପାଳରେ ହଜାର ହଜାର ଲୋକଙ୍କ ଜୀବନ ଓ ଜୀବିକା ଉଜାଡ଼ି ଦେଇଛି । ଏହା କୌଣସି ବାଦଲ ଫଟା ବର୍ଷା କି ବନ୍ୟା ନଥିଲା । ଉପର ମୁଣ୍ଡରେ ଆକସ୍ମିକ ଭୂସ୍ଖଳନ ଗ୍ଲେସିଅର ତରଳିବା କାରଣରୁ ଅଚାନକ ବନ୍ୟା ଅଭାବନୀୟ କରୁଣ ପରିଣତି ସୃଷ୍ଟି କଲା । ଆମମାନଙ୍କର ଅନିୟନ୍ତ୍ରିତ ମାତ୍ରାଧିକ ପରିବେଶ ଓ ପ୍ରକୃତି ବିରୋଧୀ କାର୍ଯ୍ୟକଳାପ ତମାମ ସମସ୍ତଙ୍କ ପାଇଁ ଏକ ପ୍ରାକୃତିକ ଅଘଟଣର ଚେତାବନୀ । ହିମାଳୟ ପାର୍ବତ୍ୟ ଅଞ୍ଚଳ ପାଦଦେଶରେ ରାଜ୍ୟ ଗୁଡ଼ିକରେ ପ୍ରାକୃତି ବିପର୍ଯ୍ୟୟ କ୍ରମାଗତ ଘଟି ଚାଲୁଛି । କିଛି ଦିନ ତଳେ ଓଡ଼ିଶାର କଳିଙ୍ଗା ଘାଟି, କୋରାପୁଟ, ରାୟଗଡ଼ା ପର୍ବତମାଳାରେ ଭୂସ୍ଖଳନ ଆମମାନଙ୍କୁ ଚେତାଇ ଦେଇଛି ।

ଚଳିତ ମୌସୁମୀ ବର୍ଷା ଓଡ଼ିଶାର ଅନେକ କ୍ଷତି କରିଛି । ଚାଷବାସ କ୍ଷତିଗ୍ରସ୍ତ ସହ ଭିତ୍ତିଭୂମି ମଧ୍ୟ ନଷ୍ଟ ହୋଇଛି । ଜଳବାୟୁ ଅସ୍ୱାଭାବିକ ପରିବର୍ତ୍ତନ ପ୍ରଭାବରୁ ସହରାଞ୍ଚଳ ମଧ୍ୟ ମୁକ୍ତ ନୁହେଁ । ଭବିଷ୍ୟତ ଭାରତ ଗଠନରେ ସହରୀ ସଭ୍ୟତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଅପରପକ୍ଷରେ ଦ୍ରୁତ ସହରୀକରଣ ହିଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟକୁ ଡାକି ଆଣୁଛି । ଗୃହ ନିର୍ମାଣ ବେଳେ ଉପଯୁକ୍ତ ଦୂରଦର୍ଶୀ ଯୋଜନା ଅଭାବରୁ ସଂପ୍ରତି ଭାରତର ଦୁଇ ତୃତୀୟାଂଶ ଆବାସିକ କୋଠା, ବନ୍ୟା ସଙ୍କଟ ପ୍ରବଣ ରାସ୍ତାଘାଟ କଥା ନକହିଲେ ଭଲ । ମେଟ୍ରୋ ସହର କଥା ଦୂରରେ ଥାଉ କଟକ-ଭୁବନେଶ୍ୱର ପରି ଓଡ଼ିଶାର ବିଭିନ୍ନ ସହରରେ ଘଣ୍ଟାଏ ବର୍ଷାରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଉଛି । ଏଥିପାଇଁ ଜଳବାୟୁର ଅସ୍ୱାଭାବିକତା ତୁଳନାରେ ମାନବୀକୃତ ବନ୍ୟା ଅଧିକ ଦାୟୀ । ଏକଥା ଉଣା ଅଧିକେ ଆମେ ସମସ୍ତେ ହୃଦୟଙ୍ଗମ କଲୁଣି ।

ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ବିଶ୍ୱ ଶିଖର ସମ୍ମିଳନୀରେ ବିଭିନ୍ନ ସଂକଳ୍ପ ପାରିତ ହେଉଛି । ଅପରପକ୍ଷରେ ବିଭିନ୍ନ ବିକାଶର ପ୍ରକଳ୍ପ ମଞ୍ଜୁରୀ ବେଳକୁ ସେ ସଂକଳ୍ପ ପାଶୋରା ହୋଇଯାଉଛି । ମାନବୀୟ ବିଶୃଙ୍ଖଳା ଓ ବିକାଶ ଆଳରେ ମାନବକୃତ ଏହି ଆମ୍ଭମାନଙ୍କର ନିଜ ଗୋଡ଼ରେ କୁରାଢ଼ି ମାରିବା ପରି ଅସଚେତନତା ବିଭିନ୍ନ ବିପର୍ଯ୍ୟୟର କାରଣ । ଓଡ଼ିଶାର ଅନେକ ପାହାଡ଼ ଖୋଳା ହୋଇଯାଉଛି, ସବୁଜିମା ଉଜୁଡ଼ି ଯାଉଛି, ପାହାଡ଼ ସହିତ ଲାଗିଥିବା ଜଳସ୍ରୋତ ଓ ଝରଣାକୁ ଆମେ ଅବରୋଧ କରୁଛୁ ଯାହାର ପରିଣାମ ଆମେ ଜାଣିଛେ ତଥାପି ସଚେତନତା ହେଉନାହୁଁ କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏହି ବିପର୍ଯ୍ୟୟରୁ ଆମେ କ'ଣ ଶିଖିଲେ । ଅନ୍ତତଃ ସବୁଜିମାର ପର୍ବତର କଥାଟିକେ ଶୁଣିବା, ଗଛ ଲଗାଇବା, ଜଳସ୍ରୋତକୁ ନଷ୍ଟ କରିବା ନାହିଁ, ଆଖପାଖର ପରିବେଶକୁ ସୁରକ୍ଷା ଦେବା ।

ଡ଼ଃ. ଅରୁନ୍ଧତୀ ଦେବୀ
କଟକ

# ଆମ ପାଇଁ ଶେଷ ସୁଯୋଗ

**ହେମନ୍ତ କୁମାର କର**

ହିମାଳୟ କୋଳରେ ଶାନ୍ତ ନେପାଳ ଭୂମି ଗତ ୨୬ ଅଗଷ୍ଟ, ୨୦୨୬ ରେ ହଠାତ୍ ଆର୍ତ୍ତନାଦ କରି ଉଠିଲା । ବିନା ବର୍ଷାରେ ଭୋଟେକୋଶୀ ନଦୀ ଗର୍ଜନ କରି ଫୁଲି ଉଠିଲା । ସତେ ଯେମିତି କୌଣସି ଅଦୃଶ୍ୟ ଦାନବ ହିମ ଶିଖରକୁ ଭାଙ୍ଗି ଚୂରମାର କରିଦେଲା । ନଦୀ ତଟବର୍ତ୍ତୀ ଇଲାକାରେ ପ୍ରଳୟର ଏକ ଲମ୍ବା କଳା ଚାଦର ମାଡ଼ି ଯାଇଥିଲା । ଘର, ପୋଲ, ହାଇଡ୍ରୋ ପାଓ୍ୱାର ପ୍ଲାଣ୍ଟ ସବୁ କାଗଜ ଡଙ୍ଗା ପରି ଭାସିଗଲା । ଚିମୁରେ ଓ ସ୍ୟାଫ୍ରୁବେସୀ ବଜାର ନିମିଷକ ମଧ୍ୟରେ କାଦୁଅ ତଳେ ପୋତି ହୋଇଗଲା । ଏହି ଦୃଶ୍ୟ କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏହା ଥିଲା ହିମାଳୟ ଛାତିରୁ ଆସିଥିବା ଏକ ଚେତାବନୀର ଅଶ୍ରୁ ।

ସୃଷ୍ଟିର ପ୍ରାରମ୍ଭରୁ ଅୟୁତ ଅୟୁତ ବର୍ଷ ଧରି ପ୍ରକୃତି ରାଜ କରୁଥିଲା । ବସନ୍ତରେ ରାଶି ରାଶି ଫୁଲ, ବର୍ଷାରେ ନଈର ଗୀତ, ଶରତରେ ନୀଳ ଆକାଶ, ଶୀତରେ କୁହୁଡ଼ିର ଚାଦର- ସବୁକିଛି ହେଉଥିଲା ନିର୍ଦ୍ଧାରିତ ସମୟରେ । କିନ୍ତୁ ଗତ ଶହେ ବର୍ଷ ମଧ୍ୟରେ ସେଇ କାଳର ଗତି ନୂଆ ମୋଡ଼ ନେଇଛି । ବର୍ଷା ସମୟରେ ଖରା ଜଳୁଛି, ଶୀତ ବେଳେ ବନ୍ୟା ଆସୁଛି, ଗ୍ରୀଷ୍ମ ଅସ୍ୱାଭାବିକ ଭାବେ ଦୀର୍ଘ ହେଉଛି, ଆଉ ଶୀତ ଦିନ ହ୍ରାସ ପାଉଛି । ସମୟର ଏଇ ବିଶୃଙ୍ଖଳା, ଋତୁର ଏଇ ଅସାମଞ୍ଜସ୍ୟର ବୈଜ୍ଞାନିକ ନାମ ହେଲା ଜଳବାୟୁ ପରିବର୍ତ୍ତନ ।

ଜଳବାୟୁ ପରିବର୍ତ୍ତନ କାହିଁକି ହୁଏ, ତାହା ଜାଣିବାକୁ ହେଲେ ଆମକୁ ପୃଥିବୀର ବାୟୁମଣ୍ଡଳକୁ ବୁଝିବାକୁ ହେବ । ପୃଥିବୀର ବାୟୁ ମଣ୍ଡଳରେ ପ୍ରାକୃତିକ ଭାବେ କିଛି ଗ୍ୟାସ ରହିଛି, ଯାହାକୁ ଗ୍ରୀନ ହାଉସ୍ ଗ୍ୟାସ କୁହାଯାଏ । ଏମାନଙ୍କ ମଧ୍ୟରେ କାର୍ବନ ଡାଇଅକ୍ସାଇଡ, ମିଥେନ, ନାଇଟ୍ରସ ଅକ୍ସାଇଡ ମୁଖ୍ୟ । ଏମାନଙ୍କ କାମ ହେଲା ସୂର୍ଯ୍ୟଙ୍କ ତାପକୁ ଭିତରକୁ ଆସିବାକୁ ଦେବା ଓ ତାକୁ ବାହାରକୁ ଯିବାକୁ ନଦେବା । ଏଇଥିପାଇଁ ପୃଥିବୀ ବାସ ଯୋଗ୍ୟ ଥିଲା । କିନ୍ତୁ ଶିଳ୍ପ ବିପ୍ଳବ ପରେ ମଣିଷ କୋଇଲା, ପେଟ୍ରୋଲ ଓ ପ୍ରାକୃତିକ ଗ୍ୟାସ ପୋଡିବା ଆରମ୍ଭ କଲା । ଫଳରେ ବାୟୁ ମଣ୍ଡଳରେ କାର୍ବନ ଡାଇଅକ୍ସାଇଡର ପରିମାଣ ବୃଦ୍ଧି ପାଇବାରେ ଲାଗିଛି । ୧୭ ଶତାବ୍ଦୀରେ ଯାହା ୨୮ ପିପିଏମ ଥିଲା, ତାହା ଆଜି ୪୨ ପିପିଏମ ଟପିସାରିଛି । ଏହି ଅତିରିକ୍ତ ଗ୍ୟାସ ବାୟୁ ମଣ୍ଡଳରେ ଗୋଟିଏ ମୋଟା କାଚ ଛାତ ତିଆରି କରିଦେଲା । ସୂର୍ଯ୍ୟଙ୍କ ଆଲୋକ ଭିତରକୁ ଆସୁଛି କିନ୍ତୁ ତାତି ବାହାରକୁ ଯାଇ ପାରୁନାହିଁ । ଏଇଥିପାଇଁ ପୃଥିବୀ ଦିନକୁ ଦିନ ଉତ୍ତପ୍ତ ହେବାରେ ଲାଗିଛି । ଆଇପିସିସି ରିପୋର୍ଟ କହୁଛି ଯେ ଯଦି ତାପମାତ୍ରା ବୃଦ୍ଧି ୨ ଡିଗ୍ରୀ ଟପିଯାଏ, ତେବେ ଏହାର ପ୍ରଭାବ ଅପୂରଣୀୟ ହୋଇଯିବ । ଏଇ ତାତି କେବଳ ଗରମ ଆଣୁନାହିଁ, ବରଂ ପବନ, ବର୍ଷା ଓ ସମୁଦ୍ର ସ୍ରୋତର ସମ୍ପୂର୍ଣ୍ଣ ଚକ୍ରକୁ ଓଲଟପାଲଟ କରିଦେଉଛି ।

ଏଇ ତାତିର ପ୍ରଥମ ଆଞ୍ଚ ଲାଗିଲା ମେରୁରେ । ଉତ୍ତର ଆଉ ଦକ୍ଷିଣ ମେରୁର ବରଫ ହେଉଛି ପୃଥିବୀର ସଫେଦ ମୁକୁଟ । ସେ ମୁକୁଟ ଆଜି ତରଳି ତରଳି ଝରୁଛି । ନାସାର ତଥ୍ୟ ଅନୁସାରେ ଗତ ୩ ଦଶନ୍ଧିରେ ଗ୍ରୀନଲ୍ୟାଣ୍ଡ ଓ ଆଣ୍ଟାର୍କଟିକାରୁ ପ୍ରାୟ ୮ ଟ୍ରିଲିୟନ ଟନ୍ ବରଫ ତରଳି ସାରିଲାଣି । ଏଇ ତରଳିଥିବା ଲୁହ ପ୍ରତିବର୍ଷ ସମୁଦ୍ରକୁ ଉଚ୍ଚା କରୁଛି । ଗତ ଶତାବ୍ଦୀରେ ସମୁଦ୍ର ଜଳସ୍ତର ୨ ସେମି ବଢ଼ିସାରିଛି ଏବଂ ୨୧ ସୁଦ୍ଧା ଏହା ଆଉ ଅଧ ମିଟର ବଢ଼ିପାରେ । ମାଳଦ୍ୱୀପ, ଟୁଭାଲୁ, କିରିବାତି ଭଳି ଦ୍ୱୀପ ରାଷ୍ଟ୍ର ଆଜି ଅସ୍ତିତ୍ୱ ସଂକଟରେ ଅଛନ୍ତି । ବାଂଲାଦେଶର ସୁନ୍ଦରବନର ଗାଁ ଗୁଡିକ ପ୍ରତିଦିନ ସମୁଦ୍ର ଆଡକୁ ଦୁଇ ପାଦ ପଛକୁ ହଟୁଛନ୍ତି । ଲୁଣା ପାଣି ପଶି ଚାଷ ଜମି ନଷ୍ଟ ହେଉଛି । ଲକ୍ଷ ଲକ୍ଷ ଲୋକ ନିଜ ମାଟି ଛାଡି ଜଳବାୟୁ ଶରଣାର୍ଥୀ ହେଉଛନ୍ତି । ଜାତିସଂଘର ଆକଳନ ଅନୁଯାୟୀ ୨୦ ସୁଦ୍ଧା ଏଇ ସଂଖ୍ୟା ୨ କୋଟି ଟପିଯିବ । ବିଶ୍ୱର ଅନ୍ୟ ଅଞ୍ଚଳର ସ୍ଥିତି ମଧ୍ୟ ସମାନ ଭୟାବହ । ଆଫ୍ରିକାର ସାହାରା ମରୁଭୂମି ପ୍ରତିବର୍ଷ ୪ କିମି ଦକ୍ଷିଣ ଆଡକୁ ବଢୁଛି । କେନିଆ, ଇଥିଓପିଆ, ସୋମାଲିଆରେ ପାଞ୍ଚ ବର୍ଷ ହେଲା ଠିକ୍ ଭାବେ ବର୍ଷା ହେଉନାହିଁ । ଫଳରେ ଦୁର୍ଭିକ୍ଷ ଆସିଲାଣି । ନଈ ଶୁଖିଗଲାଣି, ପଶୁପାଳନ ଠପ ହୋଇଗଲାଣି । ଅନ୍ୟପଟେ ଅଷ୍ଟ୍ରେଲିଆରେ ଜଙ୍ଗଲ ନିଆଁ ଏବେ ସାଧାରଣ କଥା ହୋଇଯାଇଛି । ୨୦୧୯-୨୦ ନିଆଁରେ ୩ କୋଟି ହେକ୍ଟର ଜଙ୍ଗଲ ପୋଡିଗଲା ଏବଂ କୋଟି କୋଟି ପଶୁପକ୍ଷୀ ମଲେ । ଆମେରିକାରେ ହରିକେନ୍ ଓ ଟର୍ନେଡୋର ତୀବ୍ରତା ବଢିଛି । ସମୁଦ୍ର ପାଣି ତାତି ଯିବାରୁ ଏଇ ଝଡ଼ ଗୁଡିକ ଅଧିକ ଶକ୍ତି ସଂଗ୍ରହ କରୁଛନ୍ତି । ୨୦୧୭ ମସିହାର ହରିକେନ୍ ହାର୍ଭେ ମାତ୍ର ଗୋଟିଏ ରାଜ୍ୟରେ ୧୨ ଲକ୍ଷ କୋଟି ଟଙ୍କାର କ୍ଷତି କରିଥିଲା । ୟୁରୋପରେ ତାତି ଲହର ଏବେ ପ୍ରତିବର୍ଷର ଘଟଣା । ୨୦୨୫ ମସିହାରେ ସ୍ପେନ ଓ ପର୍ତ୍ତୁଗାଲରେ ତାପମାତ୍ରା ୪୬ ଡିଗ୍ରୀ ଟପିଥିଲା । ରାସ୍ତା ତରଳିଲା, ରେଳ ଲାଇନ ବଙ୍କିଲା । ଏସିଆରେ ପାକିସ୍ତାନରେ ୨୦୨୨ ବନ୍ୟାରେ ଦେଶର ଏକ ତୃତୀୟାଂଶ ବୁଡିଗଲା । ଚୀନରେ ଇଆଙ୍ଗସି ନଈ ଶୁଖିଲା । ଭାରତରେ ଏକ ପଟେ ଅତିବୃଷ୍ଟି ତ ଅନ୍ୟପଟେ ଅନାବୃଷ୍ଟି । କିନ୍ତୁ କାହିଁକି ଏମିତି ହେଉଛି ? ଏହାର କାରଣ ଗୋଟିଏ-ମଣିଷର ଅସୀମ ଲୋଭ ଓ ଅବିବେଚନା । ଆମେ ଭାବିଲୁ ପ୍ରକୃତିର ଭଣ୍ଡାର ଅସୀମ । ବିକାଶ ନାଁ'ରେ ଆମେ କୋଇଲା ପୋଡିଲୁ, ତେଲ ଜାଳିଲୁ, ଗଛ କାଟିଲୁ । ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୧ କୋଟି ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି । ଆମାଜନ ଭଳି ଫୁସଫୁସ ମଧ୍ୟ ଆଜି ବିପନ୍ନ । ଆମେ ପ୍ଲାଷ୍ଟିକ ତିଆରି କଲୁ ସୁବିଧା ପାଇଁ, କିନ୍ତୁ ସେଇ ପ୍ଲାଷ୍ଟିକ ଆଜି ସମୁଦ୍ରେ ଭାସି କଇଁଛ ଓ ମାଛଙ୍କ ମୃତ୍ୟୁର କାରଣ ସାଜିଛି । ପ୍ରତିବର୍ଷ ପ୍ରାୟ ୧.୧ କୋଟି ଟନ୍ ପ୍ଲାଷ୍ଟିକ ସମୁଦ୍ରରେ ମିଶୁଛି ।

ରାସାୟନିକ ସାର ପକାଇଲୁ, ଯାହା ମାଟିର ଉର୍ବରତା ନଷ୍ଟ କଲା । ଏସି ଲଗାଇଲୁ, ଗାଡି ବଢାଇଲୁ । ଆମେ ପ୍ରତିଦିନ ନୂଆ ଜିନିଷ କିଣୁ, ବ୍ୟବହାର କରୁ, ଆଉ ଫିଙ୍ଗିଦେଉ । ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥାର ଏକ ରିପୋର୍ଟ ଅନୁଯାୟୀ ପୃଥିବୀରେ ଉତ୍ପାଦିତ ଖାଦ୍ୟର ତୃତୀୟାଂଶ ନଷ୍ଟ ହୋଇ ଯାଉଛି । ପ୍ରତି ନଷ୍ଟ ହେଉଥିବା ଖାଦ୍ୟ ପଛରେ ହଜାର ଲିଟର ଜଳ ଓ ଟନ୍ ଟନ୍ କାର୍ବନ ଲୁଚି ରହିଛି । ଏଇ ଫିଙ୍ଗିବାର ସଂସ୍କୃତି ହିଁ ଆଜି ପୃଥିବୀକୁ ଡଷ୍ଟବିନ୍ କରିଦେଇଛି । ଆମେ ଭାବୁ ମୁଁ ଗୋଟିଏ ଲୋକ, ମୋ କାର୍ଯ୍ୟରେ କିଛି ଫରକ ପଡିବ ନାହିଁ । କିନ୍ତୁ ୮୦ କୋଟି ଲୋକ ଯେତେବେଳେ ସମାନ ଭୁଲ କରନ୍ତି, ତାହା ଆଉ ଛୋଟ ରହେନା । ତେବେ କଣ ଏଇରୁ ମୁକ୍ତି ନାହିଁ ? ନିଶ୍ଚିତ ଅଛି । କାରଣ ପ୍ରକୃତି ଏବେ ବି ଆଶା ଛାଡିନାହିଁ । ସେ ଆମକୁ ଶେଷ ସୁଯୋଗ ଦେଉଛି । ପ୍ରଥମ ପଦକ୍ଷେପ ସ୍ୱରୂପ ଆମେ ପ୍ରକୃତି ଉପରେ ଯେଉଁ ଅତ୍ୟାଚାର କରି ଆସିଛୁ, ଯେଉଁ ଲୋଭରେ ଜଙ୍ଗଲ କାଟିଛୁ, ନଦୀ ଜଳକୁ ପ୍ରଦୂଷିତ କରିଛୁ, ତାହାକୁ ଖୋଲାଖୋଲି ସ୍ୱୀକାର କରିବାକୁ ପଡ଼ିବ । ଯେତେବେଳେ ଯାଏ ଆମେ ନିଜ ଦାୟିତ୍ୱ ନ ମାନିବା, ସେତେବେଳେ ଯାଏ ସମାଧାନର ରାସ୍ତା ଖୋଲିବ ନାହିଁ । ଆତ୍ମ ସମାଲୋଚନା ହିଁ ପରିବର୍ତ୍ତନ ପାଇଁ ବାଟ ଦେଖାଏ । ଦ୍ୱିତୀୟରେ ଆମକୁ ଶକ୍ତିର ଉତ୍ସ ବଦଳାଇବାକୁ ପଡ଼ିବ । ସୂର୍ଯ୍ୟ ଆମକୁ ମାଗଣାରେ ଶକ୍ତି ଦେଉଛନ୍ତି ।

ଭାରତ ସରକାରଙ୍କ ଲକ୍ଷ୍ୟ ଅନୁସାରେ ୨୦୩୦ ସୁଦ୍ଧା ୫ ଲକ୍ଷ ମେଗାୱାଟ୍ ନବୀକରଣୀୟ ଶକ୍ତି ଉତ୍ପାଦନ କରିବାର ଅଛି । କୋଇଲା ଓ ତେଲର ନିଶା ଛାଡ଼ି ଆମକୁ ସୌର ଶକ୍ତି, ପବନ ଶକ୍ତି ଓ ଜଳ ବିଦ୍ୟୁତ୍ ଆପଣାଇବାକୁ ପଡ଼ିବ । ଇଲେକ୍ଟ୍ରିକ ଯାନବାହନ ଓ ସାଧାରଣ ପରିବହନକୁ ପ୍ରୋତ୍ସାହନ ଦେବାକୁ ପଡିବ । ତୃତୀୟ ପଦକ୍ଷେପ ହେଉଛି ଜଙ୍ଗଲ ସୃଷ୍ଟି ଓ ଜୈବ ବିବିଧତା ରକ୍ଷା । । ଉପକୂଳବର୍ତ୍ତୀ ରାଜ୍ୟର ସମୁଦ୍ର ତଟରେ ମ୍ୟାଙ୍ଗ୍ରୋଭ ଜଙ୍ଗଲ ତିଆରି କରିବାକୁ ପଡ଼ିବ । ସେଇଟା ହେଉଛି ପୃଥିବୀର ରକ୍ଷା କବଚ । ବାତ୍ୟା ଆସିଲେ ମ୍ୟାଙ୍ଗ୍ରୋଭ ପ୍ରଥମେ ମାଡ଼ ସହେ ଓ ଗାଁ କୁ ରକ୍ଷା କରେ । ଚତୁର୍ଥରେ ଆମେ ନଦୀକୁ ମାତାର ସମ୍ମାନ ଦେବା । ତା ମଧ୍ୟକୁ ଅଳିଆ, ଆବର୍ଜନା ଫିଙ୍ଗିବା ନାହିଁ । ପ୍ଲାଷ୍ଟିକ ବ୍ୟବହାର କମାଇବା । ବଜାରକୁ ଯିବା ବେଳେ କପଡ଼ା ବ୍ୟାଗ୍ ଧରିବା । ଖାଦ୍ୟ ନଷ୍ଟ କରିବା ନାହିଁ । ସାଧାରଣ ଯାତାୟାତ ବ୍ୟବହାର କରିବା । ଘରେ ଘରେ ବିଜୁଳି ସଂଚୟ କରିବା । ପଞ୍ଚମ ତଥା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଲା- ଆନ୍ତର୍ଜାତିକ ସହଯୋଗ । ଜଳବାୟୁ କୌଣସି ଦେଶର ସୀମା ମଧ୍ୟରେ ଆବଦ୍ଧ ନୁହେଁ, ଏହା ଏକ ବିଶ୍ୱ ସମସ୍ୟା । ତେଣୁ ୨୦୧୫ ମସିହା ପ୍ୟାରିସ୍ ଚୁକ୍ତି ଭଳି ଆନ୍ତର୍ଜାତୀୟ ବୁଝାମଣା ନିହାତି ଜରୁରୀ । ପୁନଶ୍ଚ, ସମୃଦ୍ଧ ରାଷ୍ଟ୍ରମାନଙ୍କୁ ଗରିବ ଦେଶକୁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବାକୁ ହେବ । କାରଣ ଯିଏ ସବୁଠୁ କମ୍ ପ୍ରଦୂଷଣ କରେ, ସେ ହିଁ ସବୁଠାରୁ ଅଧିକ କ୍ଷତି ସହେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଶିକ୍ଷା । ସ୍କୁଲ ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ପାଠ ରହିବା ଦରକାର । ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିଖାଇବାକୁ ପଡ଼ିବ କି' ପ୍ରକୃତି ଆମର ଶତ୍ରୁ ନୁହେଁ, ସେ ଆମର ମାତା ସଦୃଶ । ଯେତେବେଳେ ତୁମେ ଗୋଟିଏ ଚାରା ରୋପଣ କରୁଛ, ତୁମେ ଭବିଷ୍ୟତର ଫୁସଫୁସରେ ପ୍ରାଣ ଭରୁଛ । ଯେତେବେଳେ ତୁମେ ନଳକୂପ ବନ୍ଦ କରୁଛ, ତୁମେ ଗୋଟିଏ ଜୀବନ ବଞ୍ଚାଉଛ ।

ଶେଷରେ ଗୋଟିଏ କଥା ମନେ ରଖିବାକୁ ହେବ-ପୃଥିବୀକୁ ଆମର ଆବଶ୍ୟକତା ନାହିଁ, ଆମକୁ ପୃଥିବୀର ଆବଶ୍ୟକତା ଅଛି । ଯଦି ମଣିଷ ଲୋପ ପାଇଯାଏ, ପୃଥିବୀ ପୁଣି ଥରେ ସବୁଜିମାରେ ପରିଣତ ହେବ, ନଈ ପୁଣି ସ୍ୱଚ୍ଛ ହୋଇ ଯିବ । କିନ୍ତୁ ଯଦି ପୃଥିବୀ ନଥାଏ, ମଣିଷ ବାସ କରିବ କେଉଁଠି ? ଆମେ ଯଦି ଆଜି ଜାଗ୍ରତ ହେବା, କାଲି ଆମ ଭବିଷ୍ୟତ ବଂଶଧର ଏକ ସୁନ୍ଦର ପୃଥିବୀ ପାଇବେ । ନଚେତ୍ ସେମାନଙ୍କୁ ଆମ ଫଟୋ ଦେଖାଇ କହିବାକୁ ପଡିବ- 'ଦେଖ, ଏଇଠି ଥିଲା ବରଫ, ଏଇଠି ଥିଲା ଜଙ୍ଗଲ, ଏଇଠି ଥିଲା ଗୋଟିଏ ସୁନ୍ଦର ଘର, ଯାହାକୁ ଆମେ ନିଜ ହାତରେ ନଷ୍ଟ କରିଦେଲୁ ।'

କଳିଙ୍ଗ ନଗର-୧, ଭୁବନେଶ୍ୱର
ମୋ: ୯୮୬୧୫୬୭୨୧୧୦

# କର୍ମବୀର ବିଜୟ ମିଶ୍ର


**ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର**

ରାୟଗୁରୁ ବିଜୟ କିଶୋର ମିଶ୍ର ଅଗଷ୍ଟ ୨୧,୨୦୨୬ରେ ଇହଧାମ ଛାଡ଼ି ଅନ୍ୟପୁରକୁ ଚାଲିଗଲେ । ଏହା ନିଶ୍ଚିତକୋଇଲି ତଥା ପାଞ୍ଚ/ଛଅଟି ପଞ୍ଚାୟତବାସୀଙ୍କର ଅପୂରଣୀୟ କ୍ଷତି ଘଟିଛି । ଜମିଦାର ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ଜଣେ ସାଧାରଣ ଦରଦୀ ମଣିଷ ଭାବରେ ସମସ୍ତଙ୍କ ନିକଟରେ ପହଞ୍ଚିଯାଉଥିଲେ । ସେବା ଯେପରି ତାଙ୍କ କର୍ମମୟ ଜୀବନର ମୁଖ୍ୟ ଧାରା ଥିଲା । ଜୀବନର ଶେଷ ପର୍ଯ୍ୟନ୍ତ ଅନ୍ୟକୁ ସାହାଯ୍ୟ ଓ ସହଯୋଗ କରିବା ତାଙ୍କର ବ୍ରତ ଥିଲା । ଆଜିର ସମାଜରେ ଏପରି ଜଣେ ବ୍ୟକ୍ତିଙ୍କ ସାନିଧ୍ୟ ମିଳିବା ବିରଳ । ଯିଏ ଜୀବନଯାକ ହାତରୁ ଖାଇ ପର ପାଇଁ ଡେଇଁବା ବ୍ୟକ୍ତି ବିଶେଷ ।

ରାୟଗୁରୁ ନାରାୟଣ ମିଶ୍ର (ନାଲୁବାବୁ)ଙ୍କର କନିଷ୍ଠ ପୁତ୍ର ଥିଲେ । ଇଂରେଜ ଅମଳରେ ତାଙ୍କ ଜମିଦାରୀ ଥିଲା । ଖଣ୍ଡସାହି ବାଲିଆପଦା ପଞ୍ଚାୟତର ବୋଧଙ୍ଗ ଗ୍ରାମରେ ଜନ୍ମିତ ନାରାୟଣଙ୍କ ବଡ଼ପୁତ୍ର ଡିଭିଓ ଥିବା ବେଳେ ବିଜୟ ଥିଲେ ପିତାଙ୍କ ଭଳି ମାମଲତକାର । ରକ୍ଷଣଶୀଳ ଜମିଦାର ପରିବାରକୁ 'ରାୟଗୁରୁ' ଉପାଧି ମିଳିଥିଲା । ଯାହାର ସତ୍‌ବ୍ୟବହାର ବିଜୟ ମିଶ୍ର କରିଥିଲେ । ଜଗନ୍ନାଥ ବିଦ୍ୟାପୀଠ, ଖଣ୍ଡସାହିରେ ପଢୁଥିବା ବେଳେ ପିତା ହଠାତ୍ ସ୍ୱର୍ଗାରୋହଣ କଲେ । ବିଜୟଙ୍କ ପାଠପଢ଼ା ବନ୍ଦ । ଯୁବ ବୟସରୁ ଗାଁର ଉନ୍ନତି ପାଇଁ ଯୁବକ ସଂଘ ଗଢ଼ି, ବହୁଲୋକଙ୍କୁ ସାମିଲ କରି ରାସ୍ତାଘାଟ ତିଆରି, ଗରିବ ଲୋକଙ୍କୁ ଆର୍ଥିକ ଓ କାୟିକ ସାହାଯ୍ୟ କରିବା ଆରମ୍ଭ କଲେ । ନେତୃତ୍ୱ ନେବା ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ବର୍ଷରେ ଥରେ ମନ୍ତ୍ରୀ ବା ଏମ୍.ଏଲ୍.ଏ.ଙ୍କୁ ନିଜ ଅଂଚଳକୁ ଆଣି ଦୁଃସ୍ଥ ଲୋକଙ୍କର ଉପକାର କରିବା ଥିଲା ତାଙ୍କ କାମ ।

ଅବିଭକ୍ତ ବାଲିଆପଦା (ଖଣ୍ଡସାହି)ର ସରପଞ୍ଚ ଭାବେ କାର୍ଯ୍ୟକରି ପ୍ରାୟ ଦଶଖଣ୍ଡ ଗାଁର ଉନ୍ନତି ପାଇଁ କାର୍ଯ୍ୟ କରୁଥିଲେ । ପ୍ରତ୍ୟେକ ଲୋକର ଘରେ କୌଣସି ବିପଦ ପଡ଼ିଲେ, ସେ ଖବର ପାଇବା କ୍ଷଣି ପହଞ୍ଚୁଥିଲେ । ଘରବାଲା ଜଣାଉ ବା ନ ଜଣାଉ ନିଜ ବ୍ୟବସ୍ଥାରେ ଆବଶ୍ୟକୀୟ ସାହାଯ୍ୟ-ସହଯୋଗ କରୁଥିଲେ ।

ଜନକଲ୍ୟାଣ ପାଇଁ ରାଜନୀତି କରିବା ଜରୁରୀ ମନେକରି କଂଗ୍ରେସ ପରେ ବିଜୁ ଜନତା ଦଳରେ ଯୋଗଦେଇ ତତ୍କାଳୀନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଅତ୍ୟନ୍ତ ବିଶ୍ୱସ୍ତ ସହଯୋଗୀ ଭାବରେ ଦୀର୍ଘବର୍ଷ ଦଳ ତଥା ନିଜ ପଞ୍ଚାୟତବାସୀଙ୍କର ଉପକାର କରିଥିଲେ । ନୂତନ ଭାବେ ଗଠିତ ପଞ୍ଚାୟତ ସରପଡ଼ାର ପ୍ରଥମ ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକପ୍ରିୟତାର ପ୍ରମାଣ ଦେଇଥିଲେ ।



ବିଜୟ ମିଶ୍ରଙ୍କ ସେବା ମଧ୍ୟରୁ ଶବଦାହ କରିବା ଏକ ବିଶେଷଗୁଣ । ଜ୍ଞାତି ପରିଜନ ବ୍ୟତୀତ ବ୍ରାହ୍ମଣ ପରିବାର ଓ ଅନ୍ୟାନ୍ୟ ଜାତିର ଶବ ସଂସ୍କାର କରିବାର ଆଗ୍ରହ ଶେଷପର୍ଯ୍ୟନ୍ତ ଦେଖା ଯାଇଥିଲା । କମ୍ ସମୟ ଓ ଅଳ୍ପ ଜାଳେଣିରେ ଶବ ସଂସ୍କାର କରିବାର ତରିକା ତାଙ୍କୁ ଜଣାଥିଲା । ଶହଶହ ଶବଦାହ କରି ଜୀବନରେ ସେ ବହୁ ପ୍ରଶଂସା ଭାଜନ ହୋଇପାରିଛନ୍ତି । କୌଣସି ସାଂଗଠନିକ କାର୍ଯ୍ୟ ହେଲେ ବିଜୟ ଅଶିତୀବର୍ଷରେ ମଧ୍ୟ ଆଗରେ ଠିଆ ହେଉଥିଲେ । ନିଶ୍ଚିନ୍ତକୋଇଲି ବଜାର କମିଟିର ପ୍ରଥମ ସଂପାଦକ ଭାବରେ ଦୀର୍ଘବର୍ଷ କାର୍ଯ୍ୟ କରି ବ୍ୟବସାୟୀମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିଥିଲେ । ପ୍ରାୟ ଚାରିଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ତାଙ୍କ ନେତୃତ୍ୱରେ ସଂଗଠିତ ହୋଇ ଅନେକ ସମାଜସେବା କାର୍ଯ୍ୟରେ ମନୋବୃତ୍ତି ପୋଷଣ କରିଛନ୍ତି ।

ସ୍ୱାଭିମାନ ବିଜୟଙ୍କ ଗୋଟେ ବଡ଼ ଗୁଣ ଥିଲା । ରାୟଗୁରୁ ବଂଶରେ ଜନ୍ମଲାଭ କରି କେବେ କାହାକୁ ହାତପାତି ନାହାନ୍ତି । ନିଜ ଅଂଶର ଜମି ବିକ୍ରି କରି ପିତାଙ୍କ ଅମଳରୁ ରହିଥିବା ପୂଜା ପାର୍ବଣକୁ ଏଯାବତ ଯଥାରୀତି ପାଳନ କରିଆସିଛନ୍ତି । ତାଙ୍କ ଘରେ ମା' ବନଦୁର୍ଗାଙ୍କ ଦୁର୍ଗୋତ୍ସବ ଷୋଳଦିନ ଧରି ମହାସମାରୋହରେ ପାଳନ କରାଯାଏ । ଯାହା ଜାତିଧର୍ମ ନିର୍ବିଶେଷରେ ସମସ୍ତେ ମିଳିତ ହୋଇଥାନ୍ତି । ପରମ୍ପରାକୁ ରକ୍ଷା କରି ସମସ୍ତ କାର୍ଯ୍ୟ କରିବା ତାଙ୍କର ଧର୍ମ ଓ କର୍ମ ଥିଲା । ସନ୍ତାନ ସନ୍ତତି ନଥିଲେ ବି ଦୁଃଖ ନଥିଲା କି ଅବସୋସ ନଥିଲା । ମୋର ଅନୁଜପ୍ରତୀକ ଥିଲେ । ମୋ ସହିତ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ରାଜନୀତି, ସମାଜସେବା ଓ ସଂଗଠନ ସହିତ ସଂପୃକ୍ତ ଥିଲେ । ତାଙ୍କ ନିଧନ ଆମ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି । ଈଶ୍ୱର ତାଙ୍କ ଆତ୍ମାର ସଦ୍‌ଗତି ଦିଅନ୍ତୁ, ଏତିକି ପ୍ରାର୍ଥନା ।

ଭୁବନେଶ୍ୱର

# ଜଗନ୍ନାଥ ସଂସ୍କୃତିର ଆଦର୍ଶ

**ଅନନ୍ତ ଚରଣ ସ୍ୱାଇଁ**

ଆଜି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ମାନବ ସଭ୍ୟତା ଅଭୂତପୂର୍ବ ଅଗ୍ରଗତି ହାସଲ କରିଛି । ତଥାପି ବିଶ୍ୱ ଆଜି ମାନସିକ ଅଶାନ୍ତି, ସାମାଜିକ ବିଭାଜନ, ନୈତିକ ଅବକ୍ଷୟ, ହିଂସା, ଯୁଦ୍ଧ, ଆତଙ୍କବାଦ ଓ ଅସହିଷ୍ଣୁତାର ଗଭୀର ସଙ୍କଟ ଦେଇ ଗତି କରୁଛି । ଏପରି ସମୟରେ ଶ୍ରୀଜଗନ୍ନାଥ ସଂସ୍କୃତି କେବଳ ଏକ ଧାର୍ମିକ ପରମ୍ପରା ନୁହେଁ; ଏହା ମାନବଜାତି ପାଇଁ ଶାନ୍ତି, ସମତା, ନୈତିକତା ଓ ସମୃଦ୍ଧିର ଏକ ଚିରନ୍ତନ ଜୀବନଦର୍ଶନ ।

ଜଗନ୍ନାଥ ସଂସ୍କୃତି ଶିଖାଏ ଯେ ସତ୍ୟ, ନ୍ୟାୟ, ସେବା, ସମତା, ସଂଯମ, ଶୃଙ୍ଖଳା ଓ କରୁଣା ଉପରେ ପ୍ରତିଷ୍ଠିତ ଜୀବନ ହିଁ ପ୍ରକୃତ ସଫଳ ଜୀବନ । ଯେତେବେଳେ ଏହି ମୂଲ୍ୟବୋଧ ବ୍ୟକ୍ତିର ଚରିତ୍ରରେ ପ୍ରତିଫଳିତ ହୁଏ, ସେତେବେଳେ ବ୍ୟକ୍ତିଜୀବନରେ ଶାନ୍ତି, ପରିବାରରେ ସୁଖ ଏବଂ ସମାଜରେ ସମନ୍ୱୟ ସ୍ଥାପିତ ହୁଏ ।

ସମତା ହେଉଛି ଜଗନ୍ନାଥ ସଂସ୍କୃତିର ସର୍ବୋଚ୍ଚ ଆଦର୍ଶ । ଜାତି, ବର୍ଣ୍ଣ, ଧନ, ପଦବୀ କିମ୍ବା ସାମାଜିକ ସ୍ଥିତି ଆଧାରରେ ଏଠାରେ କୌଣସି ଭେଦଭାବର ସ୍ଥାନ ନାହିଁ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସମସ୍ତଙ୍କ ପାଇଁ ସମାନ । ଏକ ପାତ୍ରରେ ବସି ମହାପ୍ରସାଦ ସେବନ କରିବା କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ବରଂ ସାମାଜିକ ସାମ୍ୟ ଓ ଭାଇଚାରାର ଜୀବନ୍ତ ପ୍ରତୀକ । ଯେଉଁଠାରେ ସମତା ଥାଏ, ସେଠାରେ ବିଭେଦ କମେ, ବିଶ୍ୱାସ ବଢ଼େ ଏବଂ ଶାନ୍ତି ଓ ସମୃଦ୍ଧିର ମଜବୁତ ଭିତ୍ତି ଗଢ଼ିଉଠେ । ସେବାଭାବ ଜଗନ୍ନାଥ ସଂସ୍କୃତିର ଅନ୍ୟତମ ମୂଳସ୍ତମ୍ଭ । ରଥଯାତ୍ରାରୁ ଆରମ୍ଭ କରି ଶ୍ରୀମନ୍ଦିରର ପ୍ରତ୍ୟେକ ନୀତିରେ ସେବାର ମହିମା ପ୍ରତିଫଳିତ । ଗଜପତି ମହାରାଜଙ୍କ ଛେରାପହଁରା ଏହି ଆଦର୍ଶର ଶ୍ରେଷ୍ଠ ଉଦାହରଣ । ସୁବର୍ଣ୍ଣ ଝାଡୁରେ ରଥ ପରିଷ୍କାର କରି ସେ ବାର୍ତ୍ତା ଦିଅନ୍ତି— ସେବା ସମ୍ମୁଖରେ ପଦମର୍ଯ୍ୟାଦାର କୌଣସି ମୂଲ୍ୟ ନାହିଁ ।

ଜଗନ୍ନାଥ ସଂସ୍କୃତି ବୈଷ୍ଣବ, ଶୈବ, ଶାକ୍ତ, ବୌଦ୍ଧ, ଜୈନ ଓ ଆଦିବାସୀ ପରମ୍ପରାର ଏକ ଅନନ୍ୟ ସମନ୍ୱୟ । ଏହା ଆମକୁ ଶିଖାଏ ଯେ ମତ ଭିନ୍ନ ହୋଇପାରେ, କିନ୍ତୁ ମାନବତା ଏକ ଓ ଅଭିନ୍ନ । ରଥଯାତ୍ରାରେ ମହାପ୍ରଭୁଙ୍କ ମନ୍ଦିରରୁ ବାହାରି ସମସ୍ତଙ୍କ ନିକଟକୁ ଆସିବା ବିଶ୍ୱବନ୍ଧୁତ୍ୱ ଓ ସର୍ବଜନୀନତାର ଅଦ୍ୱିତୀୟ ବାର୍ତ୍ତା ବହନ କରେ ।

ଜଗନ୍ନାଥ ଦର୍ଶନ କର୍ମ, କର୍ତ୍ତବ୍ୟ ଓ ନିଷ୍କାମ ସେବାକୁ ଜୀବନର ସର୍ବୋଚ୍ଚ ଆଦର୍ଶ ଭାବେ ସ୍ଥାନ ଦେଇଛି । ଫଳର ଆଶା ନ ରଖି ସତ୍ୟନିଷ୍ଠାର ସହିତ କର୍ତ୍ତବ୍ୟ ପାଳନ କରିବା, ସମାଜ ପ୍ରତି ଦାୟିତ୍ୱବାନ ରହିବା ଓ ନୈତିକତାକୁ ଅନୁସରଣ କରିବା ହିଁ ପ୍ରକୃତ ଧର୍ମ ।

ଜଗନ୍ନାଥ ସଂସ୍କୃତି ନାରୀ ସମ୍ମାନ ଓ ପାରିବାରିକ ସଂହତିକୁ ମଧ୍ୟ ସମାନ ଗୁରୁତ୍ୱ ଦେଇଛି । ଲକ୍ଷ୍ମୀ ପୁରାଣରେ ମା' ଲକ୍ଷ୍ମୀଙ୍କୁ ଅସମ୍ମାନ କରିବାର ପରିଣାମ ମାଧ୍ୟମରେ ସ୍ପଷ୍ଟ କରାଯାଇଛି ଯେ ନାରୀର ମର୍ଯ୍ୟାଦା ରକ୍ଷା ସମାଜର ସ୍ଥାୟୀ କଲ୍ୟାଣର ମୂଳ ଆଧାର । ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ମା' ଲକ୍ଷ୍ମୀଙ୍କ ପାରିବାରିକ ସମ୍ପର୍କ ସହଯୋଗ, ସମ୍ମାନ ଓ ସହଭାଗିତାର ଜୀବନ୍ତ ଦୃଷ୍ଟାନ୍ତ ।

ଏହି ସଂସ୍କୃତି ଆମକୁ ବୁଝାଏ ଯେ ପ୍ରକୃତ ସମୃଦ୍ଧି କେବଳ ଧନସମ୍ପତ୍ତିରେ ନୁହେଁ; ସୁସ୍ଥ ଶରୀର, ଶାନ୍ତ ମନ, ନୈତିକ ଚରିତ୍ର, ସୁସମ୍ପର୍କ, ସାମାଜିକ ସମ୍ମାନ ଓ ଆଧ୍ୟାତ୍ମିକ ସନ୍ତୋଷର ସମନ୍ୱୟରେ ନିହିତ । ଅର୍ଥ ଓ ଧର୍ମର ସନ୍ତୁଳନ ହିଁ ସ୍ଥାୟୀ ସମୃଦ୍ଧିର ମୂଳମନ୍ତ୍ର ।

ଆଜିର ପ୍ରତିଯୋଗିତାମୂଳକ ଓ ଭୋଗବାଦୀ ସମାଜରେ ଜଗନ୍ନାଥ ସଂସ୍କୃତି ସଂଯମ, ସନ୍ତୋଷ, କର୍ତ୍ତବ୍ୟନିଷ୍ଠା ଓ ସାମୂହିକ ମଙ୍ଗଳର ପଥ ପ୍ରଦର୍ଶନ କରେ । ସତ୍ୟନିଷ୍ଠା ବିଶ୍ୱାସ ସୃଷ୍ଟି କରେ, ବିଶ୍ୱାସ ସହଯୋଗ ବଢ଼ାଏ ଏବଂ ସହଯୋଗ ସ୍ଥାୟୀ ସମୃଦ୍ଧିର ଦ୍ୱାର ଉନ୍ମୋଚନ କରେ । ତେଣୁ ଜଗନ୍ନାଥ ସଂସ୍କୃତିର ଆଦର୍ଶବାଦ କେବଳ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ନୁହେଁ, ବରଂ ସମଗ୍ର ମାନବଜାତି ପାଇଁ ଶାନ୍ତି, ନୈତିକତା ଓ ସ୍ଥାୟୀ ବିକାଶର ଏକ ଚିରନ୍ତନ ପଥପ୍ରଦର୍ଶକ । ଯଦି ଆମେ ଏହି ଆଦର୍ଶଗୁଡ଼ିକୁ ନିଜ ଜୀବନରେ ଧାରଣ କରିପାରିବା, ତେବେ ବ୍ୟକ୍ତିଜୀବନରେ ଶାନ୍ତି, ପରିବାରରେ ସୁଖ, ସମାଜରେ ସମନ୍ୱୟ ଏବଂ ରାଷ୍ଟ୍ରଜୀବନରେ ସ୍ଥାୟୀ ସମୃଦ୍ଧି ସୁନିଶ୍ଚିତ ହେବ ।

କନ୍ଦରପୁର, କେନ୍ଦ୍ରାପଡ଼ା
ମୋ.: ୭୩୮୧୦୪୬୪୭୭

## ସଂପାଦକଙ୍କୁ ପତ୍ର

# ଧର୍ମଘଟର ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ କାହିଁକି ?

ମହାଶୟ,

କୋଣାର୍କ ଅଞ୍ଚଳରେ ଗତ ଦୁଇ ମାସ ଧରି ଅନେକ ଉପଭୋକ୍ତାଙ୍କ ଘରେ ନିୟମିତ ଭାବେ ବିଦ୍ୟୁତ ମିଟର ରିଡିଂ ହୋଇନାହିଁ । ଜଣାପଡୁଛି ଯେ, ମିଟର ରିଡିଂ କର୍ମଚାରୀମାନଙ୍କ ଧର୍ମଘଟ ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଛି । କର୍ମଚାରୀମାନଙ୍କ ନିଜସ୍ୱ ଦାବି ଓ ସମସ୍ୟା ଥାଇପାରେ ଏବଂ ସେମାନେ ନିଜ ଅଧିକାର ପାଇଁ ଆନ୍ଦୋଳନ କରିବା ମଧ୍ୟ ସେମାନଙ୍କ ଅଧିକାର । କିନ୍ତୁ ଏହି ଧର୍ମଘଟର ପରିଣାମରେ,ସାଧାରଣ ବିଦ୍ୟୁତ ଉପଭୋକ୍ତା କାହିଁକି ଆର୍ଥିକ ଓ ମାନସିକ ଭାବେ ଅସୁବିଧା ଭୋଗିବେ ? ଏହା ଏବେ ଏକ ବଡ଼ ପ୍ରଶ୍ନ ।

ମିଟର ରିଡିଂ ନହୋଇଥିବା ସତ୍ତ୍ୱେ ବର୍ତ୍ତମାନ ପୂର୍ବ ମାସର ବିଲ୍‌କୁ ଆଧାର କରି ନୂଆ ବିଦ୍ୟୁତ ବିଲ୍ ପ୍ରସ୍ତୁତ କରାଯାଉଛି । ଏପରି ବିଲ୍‌ରେ ଉପଭୋକ୍ତାଙ୍କ ପ୍ରକୃତ ବିଦ୍ୟୁତ ବ୍ୟବହାରର ସଠିକ୍ ହିସାବ ପ୍ରତିଫଳିତ ହେବ କି ନାହିଁ, ସେନେଇ ସ୍ୱାଭାବିକ ଭାବେ ସନ୍ଦେହ ସୃଷ୍ଟି ହେଉଛି । ଆଜି ଯଦି ପୂର୍ବ ବିଲ୍ ଆଧାରରେ ବିଲ୍ ଜାରି କରାଯାଉଛି, ତେବେ ଆସନ୍ତା ଦିନରେ ପ୍ରକୃତ ମିଟର ରିଡିଂ ହେବା ପରେ ବକେୟା ବ୍ୟବହାରର ହିସାବ ଏକାଥରକେ ଯୋଗ ହୋଇ ବଡ଼ ରାଶିର ବିଲ୍ ଆସିବାର ଆଶଙ୍କା ରହିଛି । ଦୁଇ କିମ୍ବା ତିନି ମାସର ବିଦ୍ୟୁତ ବିଲ୍ ଏକାଥରକେ ପୈଠ କରିବା ଦିନମଜୁରିଆ, ନିମ୍ନ ଆୟବର୍ଗ ଓ ମଧ୍ୟବିତ୍ତ ପରିବାର ପାଇଁ ସହଜ ହେବ ନାହିଁ । ତା'ପରେ ଯଦି ବିଳମ୍ବିତ ପୈଠ ପାଇଁ ଅତିରିକ୍ତ ଶୁଳ୍କ ବା ସୁଧ ଯୋଗ ହୁଏ, ତେବେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ଆହୁରି ବଢ଼ିବ । ଏଠାରେ ମୂଳ ପ୍ରଶ୍ନ ହେଉଛି ଧର୍ମଘଟ କର୍ମଚାରୀ ଓ ବିଦ୍ୟୁତ ବିଭାଗ ମଧ୍ୟରେ ଥିବା ଏକ ସମସ୍ୟା । ତାହାର ଆର୍ଥିକ ପରିଣାମ ସାଧାରଣ ଉପଭୋକ୍ତା କାହିଁକି ବହନ କରିବେ ? ଜନସାଧାରଣ ନା ଧର୍ମଘଟ କରିଛନ୍ତି, ନା ବିଲ୍ ପ୍ରସ୍ତୁତିରେ ବିଳମ୍ବ କରିଛନ୍ତି । ତେବେ ଏହି ବିଳମ୍ବ ପାଇଁ ଯଦି ଆଗାମୀ ଦିନରେ ସେମାନଙ୍କୁ ଏକାଥରକେ ବଡ଼ ରାଶିର ବିଲ୍ ପୈଠ କରିବାକୁ ପଡ଼େ, ତାହା କେତେଦୂର ନ୍ୟାୟସଙ୍ଗତ ?

ଆହୁରି ଚିନ୍ତାର ବିଷୟ ହେଉଛି ଆଗାମୀ ମାର୍ଚ୍ଚ ମାସ । ସେହି ସମୟରେ ବକେୟା ବିଦ୍ୟୁତ ବିଲ୍ ପରିଶୋଧ ପାଇଁ ଯଦି ବିଭାଗ ପକ୍ଷରୁ କଠୋର ଅଭିଯାନ ଚାଲେ କିମ୍ବା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାର ପରିସ୍ଥିତି ଉପୁଜେ, ତେବେ ଏହାର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡ଼ିବ । ବିଶେଷକରି ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ସମୟରେ ବିଦ୍ୟୁତ ବିଚ୍ଛିନ୍ନ ହେଲେ ସେମାନଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେବ । ମିଟର ରିଡିଂ ନହେବାରେ ଉପଭୋକ୍ତାଙ୍କ କୌଣସି ଦୋଷ ନଥିବାରୁ, ଏହି ସମୟର ବିଳମ୍ବ ପାଇଁ ଉପଭୋକ୍ତାଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ବୋଝ ନ ପଡ଼ିବା ନିଶ୍ଚିତ କରାଯିବା ଦରକାର ।

ବିଦ୍ୟୁତ ବିଭାଗ ଓ ମିଟର ରିଡିଂ କର୍ମଚାରୀଙ୍କ ମଧ୍ୟରେ ଯେଉଁ ସମସ୍ୟା ରହିଛି, ତାହାର ସମାଧାନ କରିବା ସରକାର ଓ ବିଭାଗର ଦାୟିତ୍ୱ । ସେହି ସମସ୍ୟାର ମୂଲ୍ୟ ସାଧାରଣ ଲୋକଙ୍କୁ ଦେବାକୁ ପଡ଼ିବା ଉଚିତ ନୁହେଁ । ଜନସେବାର ନାମରେ ଯଦି ଜନସାଧାରଣଙ୍କ ଉପରେ ହିଁ ସମସ୍ତ ଭାର ଲଦି ଦିଆଯାଏ, ତେବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିବ—ବିଦ୍ୟୁତ ବ୍ୟବସ୍ଥା କାହା ପାଇଁ, ଏବଂ ଏହାର ଦାୟିତ୍ୱ କାହାର ?

ମାନସ କୁମାର କର
କୋଟାଙ୍ଗ,କୋଣାର୍କ





# ଯନ୍ତ୍ରଣାର ଦାଉରେ କନ୍ଧମାଳ; ପ୍ରବାସରେ ମାସକରେ ଗଲାଣି ୧୧ ଜୀବନ

ଘୁ.ଉଦୟଗିରି : ରୋଜଗାର ପାଇଁ ବାହାର ରାଜ୍ୟ ଖଟିବାକୁ ଯାଇଥିବା ଓଡ଼ିଆ ଶ୍ରମିକଙ୍କ ଜୀବନ ଦୀପ ଲିଭିଯାଉଛି । ଏହି ତାଲିକାରେ ଦେଖିଲେ ଏବେ ପ୍ରବାସରେ ମାସକ ଭିତରେ କନ୍ଧମାଳ ଜିଲ୍ଲାର ୧୧ ଜଣ ଶ୍ରମିକ ପ୍ରାଣ ହରାଇଲେଣି ।

ଚଳିତ ଅଗଷ୍ଟ ୨୩ ତାରିଖରେ ଆନ୍ଧ୍ରପ୍ରଦେଶର ଅଙ୍ଗୁଲ ଜିଲ୍ଲା ଅନ୍ତର୍ଗତ ମେଜରମେଣ୍ଟା ଠାରେ ଅଟୋ ଓଲଟି ଘଟିଥିବା ଦୁର୍ଘଟଣାରେ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଇଦ୍ରଗଡ଼ ପଞ୍ଚାୟତ ରିସାଭୂମି ଗ୍ରାମର ମୁରଲୀ ନାୟକ (୫୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ପରିବାର ଲୋକେ ବହୁ କଷ୍ଟରେ ଶବକୁ ଗାଁ'କୁ ଆଣି ସତ୍କାର କରିଛନ୍ତି । ନିଜ ପରିବାରର ଭରଣପୋଷଣ ଓ ପିଲାମାନଙ୍କ ପାଠପଢ଼ା ପାଇଁ ମୁରଲୀ ଅନ୍ୟ ଶ୍ରମିକଙ୍କ ସହ ଆନ୍ଧ୍ରପ୍ରଦେଶ ଯାଇଥିଲେ । ସେଠାରେ ମୂଲିଆ ଓ ମିସ୍ତ୍ରୀ ଭାବେ ଘର ନିର୍ମାଣ କାମ କରୁଥିଲେ । ଅଞ୍ଚଳବାସୀଙ୍କ ସୂଚନା ଅନୁଯାୟୀ, ମୁରଲୀ ପ୍ରାୟ ୪୦ ପ୍ରତିଶତ ଦିବ୍ୟାଙ୍ଗ ଥିଲେ । ତଥାପି ଆର୍ଥିକ ଅନାଟନ ଯୋଗୁଁ ପରିବାର ପାଇଁ ବାହାର ରାଜ୍ୟରେ ଦାଦନ ଖଟିବାକୁ ବାଧ୍ୟ ହୋଇଥିଲେ । ଏବେ ତାଙ୍କ ମୃତ୍ୟୁ ପରେ ପରିବାରର ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଛି ।

ପୂର୍ବରୁ ଗତ ୨୭ ତାରିଖରେ ଘୁ.ଉଦୟଗିରି ବ୍ଲକ୍ ରଟିଙ୍ଗିଆ ପଞ୍ଚାୟତର କଲିନାଜୁ ଗ୍ରାମର ସାଗର ପ୍ରଧାନ (୩୪) କେରଳର ଏର୍ଣ୍ଣାକୁଲମ୍ ଜିଲ୍ଲା ଅନ୍ତର୍ଗତ ପେରୁମ୍ବାଭୁର ଠାରେ ପ୍ରାଣ ହରାଇଥିଲେ । ସେହିପରି ଏହାର ଦିନକ ପରେ ତଥା ଜୁଲାଇ ୨୮ରେ ଘୁ.ଉଦୟଗିରି ବ୍ଲକ୍ କତିଙ୍ଗିଆ ପଞ୍ଚାୟତର ରିଶୁଗୁଡ଼ା ଗ୍ରାମର ପୂର୍ବତନ ନାଏବ ସରପଞ୍ଚଙ୍କ ପୁଅ ତରୁଣ ପ୍ରଧାନ (୪୨)ଙ୍କ ମୃତ୍ୟୁ ଘଟିଥିଲା । ସେହିଦିନ ଦାରିଙ୍ଗବାଡ଼ି ବ୍ଲକ ଗୁମିକିଆ ପଞ୍ଚାୟତ ଅନ୍ତର୍ଗତ ପାଟାମାହା ଗ୍ରାମ ବାସିନ୍ଦା ବିଶପ ଦିଗାଲ(୪୫) କେରଳର କୁରପୁମ୍ପଡି ଥାନା ରାଇମଙ୍ଗଲମ୍ ପଞ୍ଚାୟତର ପୁଲବାରି ଗ୍ରାମର ଏକ ଘରୋଇ କମ୍ପାନିରେ କାମ କରୁଥିବା ବେଳେ ସେଠାରେ କୂଅରେ ପଡ଼ି ପ୍ରାଣ ହରାଇଥିଲେ ।



ଜୁଲାଇ ୩୦ରେ ହାଇଦ୍ରାବାଦରେ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମର ବୁଡାଗୁଡ଼ା ସାହିର ପୁଅ ସୀମାଞ୍ଚଳ ନାୟକ(୧୯)ଙ୍କ ମୃତ୍ୟୁ ହୋଇଥିଲା । ଅଗଷ୍ଟ ୩ରେ କ.ନୂଆଗାଁ ବ୍ଲକ୍ ଥାନାସାହି/ସିର୍ତିଗୁଡ଼ାର କସ୍ତୁରୀ ପ୍ରଧାନ (୨୯) ତାମିଲନାଡୁର କୋଏମ୍ବାଟୁରର ଅନୁରରେ ପ୍ରାଣ ହରାଇଥିଲେ । ଏହାପରେ ଏବେ ମାସକ ଭିତରେ ଟିକାବାଲି ବ୍ଲକ୍ ଗଦଗୁଡ଼ା ଗ୍ରାମର ଶୁଭଦେବ ପ୍ରଧାନ (୩୫) କେରଳରେ, ଚକାପାଦ ବ୍ଲକ ଅନ୍ତର୍ଗତ ବାପଲମେଣ୍ଡି–'ବି' ପଞ୍ଚାୟତର ବାହାଡ଼ା ସାହିର ବେଣୁଧର ନାୟକ (୪୪), କୋଟଗଡ଼ ବ୍ଲକ ଗୁଗୁରୁମାହା ପଞ୍ଚାୟତ ଅନ୍ତର୍ଗତ ବ୍ରହାମାହା ସାହିର ମୋତା ମଲିକ (୪୬) କେରଳର ଏର୍ଣ୍ଣାକୁଲମ୍ ଜିଲ୍ଲା କଲନସେରି ଠାରେ , ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ମାଲିକାପଡ଼ି ଗ୍ରାମ ପଞ୍ଚାୟତର ନେଡିମାହା ଗ୍ରାମର ସାମନ୍ତ ପ୍ରଧାନ (୨୭) ଆନ୍ଧ୍ରପ୍ରଦେଶରେ, ଅଗଷ୍ଟ ୨୪ ତାରିଖରେ ରାଇକିଆ ବ୍ଲକ କୋରଡ଼ା ପଞ୍ଚାୟତ ତେନ୍ତୁଳିଆ ଗ୍ରାମର ପ୍ରତାପ ପ୍ରଧାନ (୨୫) ତାମିଲନାଡୁରେ ଓ ରାଇକିଆ ବ୍ଲକ ଇଦ୍ରଗଡ ପଞ୍ଚାୟତ ର ମୁରଲୀ ନାୟକ (୫୫)ଙ୍କ ଆନ୍ଧ୍ରରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

ସବୁଠାରୁ ଚିନ୍ତାଜନକ ବିଷୟ ମାତ୍ର ଏକ ମାସରେ କନ୍ଧମାଳର ୧୧ ଦାଦନ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ । ପ୍ରବାସରେ ଅକାଳରେ ଶ୍ରମିକଙ୍କ ମୃତ୍ୟୁ ଯୋଗୁଁ ଏସବୁ ପରିବାର ଏବେ ବେସାହାରା ହୋଇଛନ୍ତି । ଆର୍ଥିକ ଅନାଟନରେ ଛନ୍ଦି ହୋଇଛନ୍ତି । ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଜିଲ୍ଲାର ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ରୋଜଗାର ସୃଷ୍ଟି, ଶ୍ରମିକଙ୍କ ପଞ୍ଜୀକରଣ, ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ସୁରକ୍ଷା ଏବଂ ମୃତ୍ୟୁ ପରେ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରଭାବୀ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

## ପିଇବା ପାଣି ପାଇଁ ହାଣ୍ଡି,ବାଲଟି ଧରି ରାସ୍ତାରେ ବସିଲେ ସିତାପୁର ଗ୍ରାମବାସୀ

କଲ୍ୟାଣସିଂହପୁର: ସ୍ୱାଧୀନତାର ପ୍ରାୟ ୮୦ ବର୍ଷ ପରେ ପିଇବା ପାଣି ମୁନ୍ଦାଏ ନିମନ୍ତେ ଗାଁ ଲୋକ ରାସ୍ତାରେ ଧାରଣା ଦେବା କଥା ଯେପରି ଉଦ୍‌ବେଗଜନକ ସେଭଳି ବ୍ୟବସ୍ଥାର ଅପାରଗତାର ସ୍ପଷ୍ଟ ପ୍ରତିବିମ୍ବ ଅଟେ । ଗାଁକୁ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଅଧୀନ ନାରାୟଣପୁର ପଞ୍ଚାୟତର ସିତାପୁର ଗାଁର ଲୋକମାନେ ଆଜି ରାସ୍ତା ଉପରେ ଧାରଣା ଦେଇଛନ୍ତି ।

ସୂଚନାନୁସାରେ, ଉକ୍ତ ଗ୍ରାମରେ ୧୫ଟି ପରିବାରର ୧୦୦ଜଣ ଲୋକ ରହୁଛନ୍ତି । ସେମାନଙ୍କ ନିମନ୍ତେ ଦୁଇଟି ନଳକୂପ ରହିଛି । କିନ୍ତୁ ଉକ୍ତ ନଳକୂପରୁ ପିଇବା ଯୋଗ୍ୟ ପାଣି ବାହାରୁନାହିଁ । ଗାଁଲୋକ ଉପାୟଶୂନ୍ୟ ହୋଇ ଉକ୍ତ ପାଣି ବ୍ୟବହାର କରି ଝାଡାବାନ୍ତି, କିଡନି ଓ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି ।

ଦୂଷିତ ଜଳବ୍ୟବହାର କରି ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଗ୍ରାମବାସୀ ଗୋବିନ୍ଦ ଟାକ୍ରିୟା, ପଦ୍ମନାଭ ହିଆଲ, ସମିତ୍ର ଟାକ୍ରିୟା, କାହ୍ନୁ ବିବର, ଗୋବର୍ଦ୍ଧନ କରକରିଆ, ଦାମଦର ହିମିରିକା ପ୍ରମୁଖ କହିଛନ୍ତି, ଗାଁର ଏହି ମୌଳିକ ସମସ୍ୟା ସମ୍ପର୍କରେ ସେମାନେ ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି, କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ।



ସୋମବାର ପୁଣି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରହିଥିଲା । ଏହି ଅବସରରେ ଗାଁଲୋକ ନିଜର ଅସନ୍ତୋଷ ପ୍ରକଟ କରିବାକୁ ଉଦ୍ୟମ କରିଥିଲେ । କଲ୍ୟାଣସିଂହପୁର ଠାରୁ ରାୟଗଡ଼ା ଯାଇଥିବା ମୁଖ୍ୟ ରାସ୍ତା ୪୫ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ । ଗ୍ରାମର ମହିଳା ପୁରୁଷମାନେ ଏକତ୍ରିତ ହୋଇ ହାଣ୍ଡି, ବାଲଟି, ଡେକଚି ଧରି ପୂର୍ବାହ୍ଣ ୯ଟାରୁ ୧୦ଟା ଯାଏଁ ରାସ୍ତା ଅବରୋଧ କରି ରହିଥିଲେ । ସେହି ସମୟରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଆସୁଥିବା ଖବର ପୁଲିସ ଜାଣି ଥାନା ଅଧିକାରୀ ଅଜିତ ପରିଡା ସିତାପୁର ଛକରେ ପହଞ୍ଚିଥିଲା । ସେହିଠାରେ ଲୋକଙ୍କୁ ବୁଝାସୁଝା କରି ଆବଶ୍ୟକ ପଦକ୍ଷେପର ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତାରୁ ହଟିଥିଲେ ।

## ଶ୍ରେଣୀଗୃହ ଅଭାବ: ବାରଣ୍ଡାରେ ଚାଲିଛି ପାଠପଢ଼ା

ଦେବଗଡ଼ : ସରକାର ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ବିକାଶ ଏବଂ ଛାତ୍ରଛାତ୍ରୀମାନେ କେମିତି ସଠିକ ଭାବେ ବିଦ୍ୟାଳୟରେ ପାଠ ପଢିପାରିବେ ସେ ନେଇ ଯୋଜନା ପରେ ଯୋଜନା କରୁଛନ୍ତି । ଶିକ୍ଷା ଭିତ୍ତିଭୂମିର ଅଭାବ ଯୋଗୁଁ ଦୁର୍ଗମ ଅଂଚଳରେ ବିପର୍ଯ୍ୟସ୍ତ ହୋଇପଡିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବାରୁ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି ।ଏଭଳି ସ୍ଥିତିରେ ଚାଲିଛି ବିଦ୍ୟାଳୟରେ ଶିକ୍ଷାଦାନ । ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକର ସରୁଆଳୀ ଫଂଚାୟତର ପାଉଡ଼ିଭୂୟାଁ ଅଧ୍ୟୁଷିତ ଅଂଚଳର ଖୁଣ୍ଟାଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ।ବାରକୋଟ ବ୍ଲକର ଖୁଣ୍ଟାଡ଼ିହି ଗ୍ରାମରେ ଗ୍ରାମାଂଚଳରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ସରକାରୀ ପ୍ରାଥମିକବିଦ୍ୟାଳୟ ସ୍ଥାପନା କରାଯାଇଥିଲା । ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଫଂଚମ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ୩୮ ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି । ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ରହିଛନ୍ତି ୨ଜଣ ଶିକ୍ଷକ । ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ବିଦ୍ୟାଳୟରେ ରହିଛି ମାତ୍ର ଗୋଟିଏ ଶ୍ରେଣୀଗୃହ ।



ତେବେ ଶ୍ରେଣୀଗୃହ ଅଭାବ ଯୋଗୁଁ ମାଟି ଚଟାଣ ଉପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବାରଣ୍ଡାରେ ପାଠପଢୁଛନ୍ତି । ଦୀର୍ଘ ବର୍ଷ ପୂର୍ବେ ବିଦ୍ୟାଳୟ ନିର୍ମାଣ କରାଯାଇଥିବାବେଳେ ଶ୍ରେଣୀ କୋଠରୀ ପ୍ଲାଷ୍ଟର ହୋଇନାହିଁ । ଚଟାଣର ମଧ ପ୍ଲାଷ୍ଟର ହୋଇନାହିଁ, ଯାହା ଫଳରେ ଚଟାଣର ମେଟାଲ ବର୍ତ୍ତମାନ ବାହାରକୁ ବାହାରିପଡିଛି । ବିଦ୍ୟାଳୟରେ କବାଟ ଝରକା ଥିବାବେଳେ ତାହା ବି ନଷ୍ଟ ହେବାକୁ ବସିଲାଣି । ବିଶେଷ କରି ବର୍ତ୍ତମାନ ବର୍ଷା ହେଉଥିବାବେଳେ ବିଦ୍ୟାଳୟରେ ବର୍ଷା ପାଣି ପଶୁ ଥିବା ହେତୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି ।ସେହିପରି ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯାଇଥିଲା । ତାହା ବି ଅଧପନ୍ତରିଆ ଅବସ୍ଥାରେ ପଡିରହିଥିବାବେଳେ ନିର୍ମାଣ କାର୍ଯ୍ୟ ଶେଷ ହୋଇନପାରି ବର୍ତ୍ତମାନ ନଷ୍ଟ ହେବାକୁ ବସିଲାଣି । ଅନ୍ୟପଟେ ବିଦ୍ୟାଳୟରେ ନାହିଁ ପାଚେରୀ ।ଏଭଳି ନାହିଁ ନଥିବା ଅବ୍ୟବସ୍ଥା ମଧ୍ୟରେ ଚାଲିଛି ବିଦ୍ୟାଳୟ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି । ଏସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କୁ ଯୋଗାଯୋଗ କରିବାରୁ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ନିୟମର ଖୋଲା ଉଲଂଘନ କରି : ଗାଡ଼ି ସୋରୁମ୍, ପରିବହନ ଅଧିକାରୀ ଲୁଚାଉଛନ୍ତି ତଥ୍ୟ

ରାୟଗଡ (ପିପିଏସ୍): ରାୟଗଡ଼ ଜିଲ୍ଲା ଏକ ଗରିବ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା । ଏଠାକାର ଲୋକ ଅଧିକାଂଶ ଅତ୍ୟନ୍ତ ଗରିବ ଶ୍ରେଣୀର ବସବାସ କରନ୍ତି । ତଥାପି କିଛି ଲୋକ ନିଜର ଆବଶ୍ୟକ ମେଣ୍ଟାଇବା ପାଇଁ ବହୁ କଷ୍ଟେ ମଷ୍ଟେ କାର ଖଣ୍ଡିଏ କିଣି ହନ୍ତସନ୍ତ ହେଉଥିବା ଅନେକ ଉଦାହରଣ ରହିଛି । ଏଠାରେ କିଛି ବର୍ଷ ହେବ ଗୋଟିଏ ପରେ ଗୋଟିଏ କରି ମାଳ ମାଳ କାର ସୋରୁମ୍ ଖୋଲୁଥିବା ବେଳେ ତାହା ବିକ୍ରୟ ପାଇଁ ସୋରୁମ୍ ନା ସର୍ଭିସ ସେଣ୍ଟର ତାହା ଠିକ ଭାବେ ଜାଣିବା ଗ୍ରାହକଙ୍କ ପାଇଁ କଷ୍ଟ କର ହୋଇ ପଡିଛି । କାରଣ ଉକ୍ତ ସ୍ଥାନରେ ବିକ୍ରି ସହ ସର୍ଭିସିଂ ମଧ କରାଯାଉଛି । କିନ୍ତୁ ଅନେକ ସମୟରେ କାରର ଛୋଟିଆ ଛୋଟିଆ ସମସ୍ୟା ହେଲେ ଗ୍ରାହକଙ୍କୁ ଜୟପୁର କିମ୍ବା ବ୍ରହ୍ମପୁର, ବିଶାଖାପାଟଣା, ଭୁବନେଶ୍ୱର ଅଧିକ ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡୁଛି ।

ଉଦାହରଣ ସ୍ୱରୂପ ରାୟଗଡ ଚାନ୍ଦିଲି ଥାନା ଅନ୍ତର୍ଗତ କତାପେଟା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଟାଟା ମୋଟର, ଲଙ୍କେଶ୍ୱରୀ ଲେଖା ରହିଥିବା ଏକ ବ୍ୟବସାୟିକ ସ୍ଥଳ ରହିଛି । ସେଠାରେ ଅନେକ ସମୟରେ ଟାଟା କାର ରଖାଯାଇ ବିକ୍ରି କରାଯିବା ସହ ମାସିକ ଥରେ ସର୍ଭିସ ଦିଆଯାଉଛି । ଅନ୍ୟ ସମୟରେ ଗାଡ଼ିର ଛୋଟିଆ ସମସ୍ୟା ହେଲେ ଗ୍ରାହକଙ୍କୁ ଅଧିକ ଖର୍ଚ୍ଚାନ୍ତ ହୋଇ ଜୟପୁର ଯିବାକୁ ନିର୍ଦ୍ଦେଶ ଦିଆଯାଉଛି । ଗ୍ରାହକ ଜୟପୁର ନିଜ କାର ନେଇ ଯିବା ହେଉ କିମ୍ବା କତାପେଟା କର୍ମଚାରୀଙ୍କ ସହାୟତାରେ ଜୟପୁର ପଠେଇଲେ ବି ଗାଡି ତୁରନ୍ତ ମରାମତି ହେବା ପ୍ରଶ୍ନ ଉଠୁନାହିଁ । କାରଣ ଗାଡିର ପ୍ରକୃତ ସମସ୍ୟା ଧରିବାରେ ବିଳମ୍ବ ଘଟାଇ କେବଳ ଚେଷ୍ଟାରେ ଦିନ ପରେ ଦିନ ଏକ୍ସପେରିମେଂଟ କରି ସମୟ ଅତିବାହିତ କରୁଥିବା ଭଳି ଅଭିଯୋଗ ରହିଥିବା ବେଳେ କିଛି ଦିନ ପୂର୍ବରୁ ଜଣେ ଗ୍ରାହକ ରାୟଗଡ କତାପେଟା କର୍ମଚାରୀଙ୍କ ଅବଗତରେ ଗାଡିରେ ଅଳ୍ପ ଟଙ୍କା ରଖି ଜୟପୁର ସର୍ଭିସିଂ ପାଇଁ ଦେଇଥିଲେ । ଜୟପୁର ସର୍ଭିସିଂରୁ ଗାଡି ଫେରିପାଇବା ବେଳେ ଗ୍ରାହକଙ୍କ ଟଙ୍କା ନଥିବା ଜାଣି ଗାଡି ହସ୍ତାନ୍ତର କରିଥିବା କର୍ମଚାରୀଙ୍କୁ ପଚାରିବାରୁ ସେ ଆଉ କିଛି ଉତ୍ତର ଦେଇପାରିଲେ ନାହିଁ । ଯାହାକି ସେଠାରେ ଚୋରି ଭଳି ସଙ୍ଗିନ ଅଭିଯୋଗ ମଧ ଆସୁଛି । କେବଳ ସେତିକି ନୁହେଁ ରାୟଗଡ଼ରେ କାର କ୍ରୟ କିମ୍ବା ସର୍ଭିସିଂ କେନ୍ଦ୍ର କରିଥିଲେ ବି ରାୟଗଡ ଠିକଣା ରେ ବିଲ ପ୍ରଦାନ ନ କରି ଜୟପୁର ଠିକଣାରେ ବିଲ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି ଯଦ୍ୱାରାକି ଏହି ସଂସ୍ଥା ସରକାରୀ ନିୟମ ଅନୁଯାୟୀ ଖୋଲା ଯାଇଛି ନା ନାହିଁ ଗ୍ରାହକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି । ଅପର ପକ୍ଷେ ଏଭଳି ସ୍ଥିତିରେ ଟାଟା ମୋଟର ,ଲଙ୍କେଶ୍ୱରୀ ବିକ୍ରୟକେନ୍ଦ୍ର କିମ୍ବା ସର୍ଭିସିଂ କେନ୍ଦ୍ର ହୋଇଥିଲେ ବି ସରକାରଙ୍କ ନିୟମ ଅନୁଯାୟୀ ବ୍ୟବସାୟିକ ସ୍ଥଳ ନିମନ୍ତେ ଆବଶ୍ୟକୀୟ ସ୍ଥାନର ସୀମା, ପ୍ରମାଣ ପତ୍ର, ନିଜସ୍ୱ କୋଠା କିମ୍ବା ଭଡାସୁତ୍ର ଅବଧି ସୀମା, ଗାଡି ରହିବା ସ୍ଥାନ ସୀମା, ଗୋଦାମ ଗୃହ ସୀମା, ରିସେପସନ ସୀମା, ସର୍ଭିସିଂ ଗୃହ ସୀମା, ଗାଡି ପାର୍କିଂଗ ସୀମା, ବ୍ୟବସାୟ ଭିତ୍ତିକ ବିଦ୍ୟୁତ ସଂଯୋଗ(୩ ଫେଜ), କେତେ କର୍ମଚାରୀ କାର୍ଯ୍ୟରତ, ପରିବେଶ ପ୍ରଦୂଷଣ ବିଭାଗ ପ୍ରମାଣ ପତ୍ର, ଅଗ୍ନିନିର୍ବାପକ ପ୍ରମାଣ ପତ୍ର, ଫଂଚାୟତ କାର୍ଯ୍ୟଳୟ ଅନୁମତି, ଏଭଳି ଅନେକ ନିୟମର ଖୋଲା ଉଲଂଘନ କରି ବେନିୟମରେ ଗ୍ରାହକଙ୍କୁ ଠକୁଥିବା ଅନୁମାନ ହେଉଛି । କାରଣ ଗୋଟିଏ କୋଠାର ଖୋଲା ସ୍ଥାନରେ ନୂଆ ବିକ୍ରୟ ନିମନ୍ତେ କାର ରଖିବା,ଗ୍ରାହକଙ୍କ ଅପେକ୍ଷା ଚେୟାର ଟେବୁଲ,କର୍ମଚାରୀଙ୍କ କାର୍ଯ୍ୟାଳୟ,ମାସିକ ଥରେ ସର୍ଭିସିଂ ଭଳି ସମସ୍ତ କାର୍ଯ୍ୟ ଗୋଟିଏ ସ୍ଥାନରେ ହିଁ କରାଯାଉଛି । ଏପରି ଯାନବାହାନ ବିକ୍ରୟ କିମ୍ବା ସର୍ଭିସିଂ ସେଣ୍ଟର ପରିବହନ ବିଭାଗ ଅଧୀନରେ ଆସୁଛି । ଯାହାକି ଏଭଳି ବ୍ୟବସାୟ ଆରମ୍ଭ ସମୟରେ ପରିବହନ ବିଭାଗ ଅଧିକାରୀ,ଅଗ୍ନିବିଭାଗ ଅଧିକାରୀ,ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସମେତ ବ୍ୟବସାୟ ସହ ସମ୍ପର୍କିତ ଅଧିକାରୀ ବ୍ୟକ୍ତିଗତ ଭାବେ ଗ୍ରସ୍ତ କରି ଅନୁମତି ପ୍ରଦାନ କରିବା ନିୟମ ରହିଛି । ସମସ୍ତ ଅବ୍ୟବସ୍ଥାକୁ ଅନୁଧ୍ୟାନ କଲେ ବେନିୟମରେ ବ୍ୟବସାୟ ଚାଲିଥିବା ସନ୍ଦେହକୁ ଦ୍ୱିଗୁଣିତ କରିଛି । ଏଭଳି ବେନିୟମ ବ୍ୟବସ୍ଥାକୁ ନେଇ ସନ୍ଦେହ ହେବାରୁ ଜଣେ ଗ୍ରାହକ ଆଞ୍ଚଳିକ ପରିବହନ ବିଭାଗରେ ସୂଚନା ଆଇନ ଅଧିକାର ବଳରେ ସୂଚନା ମାଗିବାରୁ ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ପ୍ରଦାନ ନକରି ଲଙ୍କେଶ୍ୱରୀ ମୋଟର୍ସ କର୍ମକର୍ତ୍ତାଙ୍କୁ ଡାକି ସେ କହିବା ପ୍ରକାରେ ଏହି ସୂଚନା ସବୁ ବ୍ୟକ୍ତିଗତ ବୋଲି ଲେଖିଦେଲେ ଯାହାକି ଉକ୍ତ କେନ୍ଦ୍ରଟି ବେନିୟମରେ ଚାଲିଥିବା ସ୍ପଷ୍ଟ ବାରି ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।




କିଛି ବର୍ଷ ହେବ ମାଳ ମାଳ କାର ସୋରୁମ ଖୋଲିବାରେ ଲାଗିଛି ରାୟଗଡ଼ା ଜିଲ୍ଲାରେ । ପରିବହନ ଅଧିକାରୀ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାଗୁଡ଼ିକ ର ମିଲିଭଗତରେ କୋଟି କୋଟି ଟଙ୍କାର ଲାଞ୍ଚ କାରବାର ହେଉଛି ବୋଲି ସ୍ଥାନୀୟ ବୁଦ୍ଧିଜିବୀ ଓ ବରିଷ୍ଠ ସାମ୍ବାଦିକ ଦୀପକ ପୃଷ୍ଟି ମତ ଦେଇଛନ୍ତି । ରାୟଗଡ଼ା ଜିଲ୍ଲା ସୀମାନ୍ତକୁ ଲାଗିଛି ଆନ୍ଧ୍ର ପ୍ରଦେଶ ଯେଉଁଠାରୁ ଶହ ଶହ ଗାଡ଼ି ରାୟଗଡ଼ା ପରିବହନ କାର୍ଯ୍ୟାଳୟରେ ବେନିୟମ ଭାବେ ପଞ୍ଜୀକୃତ ହେଉଛି ଯାହାକି ସାରା ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । କିଛି ମାସ ପୂର୍ବେ ସରକାରୀ ନୀତିନିୟମକୁ ଦଳି ମକଚି ଗୋଟିଏ ପାସେଞ୍ଜର ବସ୍ ର ପଞ୍ଜୀକରଣ ହୋଇଥିଲା ରାୟଗଡାରେ । ତାହା କିଛିଦିନ ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ଚାଲିବା ପରେ ସମ୍ପୂର୍ଣ୍ଣ ଜଳିଯାଇ ଥିଲା ଯେଉଁଥିରେ ଏହିଜିଲ୍ଲାର ମୁନିଗୁଡା ବ୍ଲକ୍ ର ଜଣେ ଇଞ୍ଜିନିୟର ଙ୍କ ଅତି ଦୁଃଖଦ ମୃତ୍ୟୁ ହୋଇଥିଲା । ଠିକ୍ ସେମିତି ସରକାରୀ ପ୍ରାବଧାନ ଥିବା ନିୟମଗୁଡିକର ଉଗ୍ର ଉଲ୍ଲଂଘନ କରି ଗାଡ଼ି ସେଲ୍ସ ସର୍ଭିସ କେନ୍ଦ୍ରଗୁଡ଼ିକ ଖୋଲିଥିବାରୁ ସେଥିରେ ଦୁର୍ଘଟଣା ହେବାର ଅନେକ ନଜିର ରହିଛି ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜିବୀ ଓ ଶ୍ରମିକ ନେତା ଯୋଗେଶ୍ୱର ଦାସ । ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ ଯଦି ଏସବୁକୁ ନଜର ଅନ୍ଦାଜ୍ କରନ୍ତି, ତେବେ ରାୟଗଡାରେ ମଧ୍ୟ ଏଭଳି ଦୁର୍ଘଟଣା ଗୁଡିକୁ ଆଡ଼େଇ ଦେଇ ହେବନାହିଁ ବୋଲି କହିଛନ୍ତି ରାୟଗଡ଼ା ନାଗରିକ ମଞ୍ଚର ସଭାପତି ଡଃ ବାଦଲ କୁମାର ତା ।

# ବହୁ ଚର୍ଚ୍ଚିତ ଜାତମୁଣ୍ଡିଆ- ସୁବର୍ଣ୍ଣପୁର ସେତୁ ପାଲଟିଛି ମରଣ ଯନ୍ତା

**■ମରାମତି କାର୍ଯ୍ୟ ନିମ୍ନମାନର, ୨ ମାସ ନପୂରୁଣୁ ୧୨ ସ୍ଥାନରେ ଫାଟ ■ଭୟଭୀତ ଜନସାଧାରଣ, ବଢୁଛି ଦୁର୍ଘଟଣା**



ବାଙ୍କୀ, (ପିପିଏସ୍) : କଟକ ଜିଲ୍ଲା ବାଙ୍କୀ ପୂର୍ତ୍ତ ବିଭାଗ ଅନ୍ତର୍ଗତ ବହୁ ଚର୍ଚ୍ଚିତ ଜାତମୁଣ୍ଡିଆ- ସୁବର୍ଣ୍ଣପୁର ସେତୁ ମରାମତି କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ହେତୁ ମରାମତି କାର୍ଯ୍ୟର ୨ ମାସ ନପୁରୁଣୁ ଏହି ସେତୁର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଫଳରେ ଯାତାୟାତ କରୁଥିବା ବାଟୋଇ ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ପ୍ରକାଶ ଥାଉକି ଏହି ଚର୍ଚ୍ଚିତ ସେତୁ ନିର୍ମାଣ ପରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ ସେତୁର ଉଭୟ ପାର୍ଶ୍ୱରେ ବାଡ଼ ମଧ୍ୟ ଫାଟି ରଡ୍ ଦେଖାଯାଉଥିଲା। ବିଭିନ୍ନ ଗଣ ମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହେବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ସେତୁ ମରାମତି କାର୍ଯ୍ୟ ପାଇଁ ଏକ ଘରୋଇ ଠିକା କଂପାନୀକୁ ଦିଆଯାଇଥିଲା। ଉକ୍ତ ଠିକା ସଂସ୍ଥା କଂପାନୀ ନିଜ ମନ ଇଚ୍ଛାରେ କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ଠିକା ସଂସ୍ଥା କଂପାନୀ ଅତି ନିମ୍ନମାନର କାର୍ଯ୍ୟ କରିଥିବା ହେତୁ ଏହି ସେତୁର ମରାମତି ୨ ମାସ ନପୂରୁଣୁ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ମହାନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏହି ସେତୁ ଉପରେ ଲୋକଙ୍କ ଭିଡ଼ ଜମୁଥିବା ବେଳେ ପ୍ରତେକ ଦିନ ଶହ ଶହ ଛୋଟ ବଡ଼ ଯାନ ବାହନ ଯାତାୟାତ କରୁଛି।

କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ବଡମ୍ବା, ଆଠଗଡ଼, ଢେଙ୍କାନାଳ, ଅନୁଗୁଳ ସଂଯୋଗ କରୁଥିବା ଏହି ସେତୁ ଯାତାୟାତ ର ମୁଖ୍ୟ ସେତୁ। ଅନ୍ୟପଟେ ମରାମତି କାର୍ଯ୍ୟ ସମୟରେ ବାଙ୍କୀ ପୂର୍ତ୍ତ ବିଭାଗ ଅଧିକାରୀ ମାନେ କାର୍ଯ୍ୟ କୁ ସଠିକ୍ ତଦନ୍ତ କରି ନଥିବାରୁ ଠିକା ସଂସ୍ଥା କଂପାନୀ ନିଜ ମନମାନିରେ କାର୍ଯ୍ୟ କରିଥିବାରୁ ସେତୁ ଉପରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ଗର୍ତ୍ତ ସୃଷ୍ଟି ହୋଇଗଲାଣି। ଫଳରେ ଭବିଷ୍ୟତରେ ଯଦି ଏଭଳି ଏହି ସେତୁର ଫାଟ ସୃଷ୍ଟି ହୁଏ ତେବେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନି ହେବାର ସମ୍ଭାବନା ରହିଛି ବୋଲି ଜନମାନସରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ସେତୁ କାର୍ଯ୍ୟ ମରାମତି ପାଇଁ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁର କରାଯାଇଥିବା ବେଳେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା କଂପାନୀ ଏଭଳି ନିମ୍ନ ମାନର କାର୍ଯ୍ୟ କରିଥିବାରୁ ଏହି ସେତୁ ମରାମତି କାର୍ଯ୍ୟର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ବାଟୋଇ ଓ ଜନସାଧାରଣ ଦାବି କରିଛନ୍ତି। ବାରମ୍ବାର ଖବର ପ୍ରସାରଣ ହେଉଥିଲେ ମଧ୍ୟ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ, ଜିଲ୍ଲାପାଳ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ଓ ସଚିବ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏଭଳି ଘଟଣା ସମ୍ପର୍କରେ ଜିଲ୍ଲା ପୂର୍ତ୍ତ ବିଭାଗ ଅଧିକାରୀ ଜ୍ୟୋତି ରଞ୍ଜନ ପତିଙ୍କୁ ପଚାରି ବୁଝିବାକୁ ଉଦ୍ୟମ କରିଥିଲେ ମଧ୍ୟ ଫୋନ ନ ଉଠାଇବାରୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ଆୟୁଷ୍ମାନରେ ମିଶିବ ନାହିଁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା




ଭୁବନେଶ୍ୱର: ସାମ୍ବାଦିକମାନଙ୍କ ପାଇଁ ରାଜ୍ୟରେ ଚାଲୁଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଆୟୁଷ୍ମାନ ଭାରତ ଯୋଜନାରେ ମିଶିବ ନାହିଁ। ପୂର୍ବପରି ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରହିବେ। ଏନେଇ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଯେଉଁ ସାମ୍ବାଦିକମାନେ ନୂଆକରି ଏହି ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ହେବାକୁ ଚାହୁଁଛନ୍ତି, ସେମାନେ ନିୟମ ଅନୁଯାୟୀ ଆବେଦନ କରିପାରିବେ। ଏହାଦ୍ୱାରା ଯୋଗ୍ୟ ସାମ୍ବାଦିକମାନେ ପୂର୍ବପରି ଯୋଜନାର ସ୍ୱାସ୍ଥ୍ୟ ବୀମା ସୁବିଧା ପାଇପାରିବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ସାମ୍ବାଦିକ ମହଲରେ ସ୍ୱାଗତ କରାଯାଇଛି।

# ଗୁରୁ ଦିବସ ପାଳନ ନିମନ୍ତେ ବରିଷ୍ଠ କଳାକାର ସଂଘର ପ୍ରସ୍ତୁତି ବୈଠକ



ବ୍ରହ୍ମପୁର,(ପିପିଏସ): କଳା ଓ କଳାକାର ହିତୈଷୀ ମହାମଞ୍ଚ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ଏବଂ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ'ର ମିଳିତ ଆନୁକୂଲ୍ୟରେ ଗୁରୁ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସୁବାରାଓ ଛକ ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍‌ଙ୍କ ସ୍ୱାଗତ ଭାଷଣ କ୍ରମରେ ଚଳିତ ସେପ୍ଟେମ୍ବର ୫ତାରିଖ ପୂର୍ବାହ୍ନ ୧୦ଘଟିକାରେ ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲ୍ ପରିସରରେ ରାଜ୍ୟସ୍ତରୀୟ ଗୁରୁ ପୂଜନ ମହୋତ୍ସବ ଆୟୋଜନ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ମୃତ୍ୟୁଞ୍ଜୟ ତ୍ରିପାଠୀ, ଅଭିରାମ ରାଉଳ, ବଳଦେବ ସାହୁ, ସରୋଜ କୁମାର ପଣ୍ଡା, ଅନିଲ କୁମାର ପାତ୍ର ପ୍ରମୁଖ କର୍ମକର୍ତ୍ତା ବୈଠକରେ ଅଂଶ ଗ୍ରହଣ କରି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ନିମନ୍ତ୍ରିତ ଚାଳିଶି ଜଣ ସଂସ୍କୃତି କ୍ଷେତ୍ରର ଗୁରୁଙ୍କୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ସହିତ ଗୁରୁ ମା' ନାରାୟଣୀ ନାଟ୍ୟ ସଂଘ, ଭାଲିଆଖୋଳା ପ୍ରଯୋଜିତ ତଥା ଗୁରୁ ନୀଳାଞ୍ଚଳ ମିଶ୍ର ନିର୍ଦ୍ଦେଶିତ ଲୋକନାଟକ ଭାରତ ଲୀଳା ପ୍ରଦର୍ଶନ ମାଧ୍ୟମରେ ଆପ୍ୟାୟିତ କରାଯିବା ନେଇ ସ୍ଥିର କରିଥିଲେ। ସଭାପତି ସାମନ୍ତ ନଟରାଜ ଡ଼ା.ତିରୁପତି ସାହୁ ଭିଡିଓ କନଫରେନ୍ସ ଯୋଗେ ଗୁରୁମାନଙ୍କ ଅଭୂତପୂର୍ବ ସମ୍ମାନ ପ୍ରଦର୍ଶନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହେନ୍ଦ୍ର କୁମାର ସାହୁ, ଚିତ୍ତ ରଂଜନ ଦଳେଇ, ଦେବେନ୍ଦ୍ର ପ୍ରସାଦ ଶର୍ମା, ହରିହର ବରଡ଼, ବି. ପ୍ରସାଦ ରାଓ, ଡଃ.ବିଜୟ ଚନ୍ଦ୍ର ମହାରଣା, ଗୀତା ସ୍ୱାଇଁ, ବନ୍ଦନା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ କଳାପ୍ରାଣ କୈଳାସ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କେନ୍ଦ୍ରାପଡ଼ାର ୧୦୮ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା- ବାରାଣସୀ ଯାତ୍ରା



କେନ୍ଦ୍ରାପଡ଼ା,(ପିପିଏସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ୨୦୨୬-୨୭ ଅଧୀନରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୮ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରାରେ ବାହାରିଛନ୍ତି। ଏହି ତୀର୍ଥଯାତ୍ରା ୦୨ ସେପ୍ଟେମ୍ବରରୁ ୦୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଅପରାହ୍ନ ୪ଟାରେ କେନ୍ଦ୍ରାପଡ଼ା ସଂସ୍କୃତି ଭବନଠାରେ ଆୟୋଜିତ ଫ୍ଲାଗ୍-ଅଫ୍ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂହ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଆଜି ତୀର୍ଥଯାତ୍ରୀମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡି ଯୋଗେ ସେମାନଙ୍କ ନିଜ ନିଜ ବ୍ଲକ୍‌ରୁ କେନ୍ଦ୍ରାପଡ଼ା ସଂସ୍କୃତି ଭବନକୁ ଅଣାଯାଇଥିଲା। ସଂସ୍କୃତି ଭବନଠାରେ ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଇଥିଲା। ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ପଠାଯାଇଛି। ଭୁବନେଶ୍ୱରରେ ରାତ୍ରି ରହଣି ପରେ ଅଯୋଧ୍ୟା– ବାରାଣସୀ ଅଭିମୁଖେ ଯାତ୍ରା କରିବେ। କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଉଥିବା ମୋଟ ୧୦୮ ଜଣ ତୀର୍ଥଯାତ୍ରୀଙ୍କ ମଧ୍ୟରେ ୬୩ ଜଣ ପୁରୁଷ ଓ ୪୫ ଜଣ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ଜଣ ଏକକ ତୀର୍ଥଯାତ୍ରୀ ଥିବାବେଳେ ୨୪ ଜଣ ଦମ୍ପତି ଅର୍ଥାତ୍ ୪୮ ଜଣ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରୁ ଚୟନ ହୋଇଥିବା ବରିଷ୍ଠ ନାଗରିକମାନେ ଏହି ତୀର୍ଥଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଯାତ୍ରା ମାଧ୍ୟମରେ ସେମାନେ ଅଯୋଧ୍ୟା ଓ ବାରାଣସୀର ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ସ୍ଥଳୀ ପରିଦର୍ଶନର ସୁଯୋଗ ପାଇବେ। ତୀର୍ଥଯାତ୍ରୀମାନଙ୍କ ସୁବିଧା, ସୁରକ୍ଷା ଓ ସୁସ୍ଥ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରା ପୂର୍ବରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଛି।

# ୨୫ କି.ଗ୍ରା. ଗଞ୍ଜେଇ ଜବତ, ୨ ଜଣ କୋର୍ଟଚାଲାଣ



କେନ୍ଦ୍ରାପଡ଼ା, (ପିପିଏସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଓ ଧରପଗଡ଼ ଜାରି ରହିଛି। ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡ଼ା ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ କେଚରପଡ଼ା ଗ୍ରାମରେ ଗଞ୍ଜେଇ ସିଗାରେଟ୍ ଖୋଳ ମଧ୍ୟରେ ଗଞ୍ଜେଇ ଭର୍ତ୍ତି କରି ବେଆଇନ ଭାବେ ବିକ୍ରି କରାଯାଉଥିବା ସମ୍ପର୍କରେ ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଲାସି କରାଯାଇ ୨୫ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ କରାଯାଇ କେଚରପଡ଼ା ଗ୍ରାମର ସୂର୍ଯ୍ୟକାନ୍ତ ବାରିକ (୩୨) ଏବଂ ରଶ୍ମୀକାନ୍ତ ବାରିକ (୪୦)ଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଜିଲ୍ଲାରେ ଅବୈଧ ନିଶାଦ୍ରବ୍ୟର କାରବାର ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଓ ଧରପଗଡ଼ ଜାରି ରହିବ ବୋଲି ସୂଚନା ମିଳିଛି।

# ପିଏମ୍ ବିଶ୍ୱକର୍ମା, ଇ-କମର୍ସ ଓ ମାର୍କେଟିଂ ରଣନୀତି ଉପରେ ସଚେତନତା



କେନ୍ଦ୍ରାପଡ଼ା, (ପିପିଏସ): କେନ୍ଦ୍ରାପଡ଼ା ଜିଲ୍ଲାର ବୋରାରେ ମିଶନ୍ ଶକ୍ତି ସମ୍ମିଳନୀ କକ୍ଷଠାରେ ପିଏମ୍ ବିଶ୍ୱକର୍ମା ଯୋଜନା, ଇ-କମର୍ସ ଓ ମାର୍କେଟିଂ ରଣନୀତି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି। ଗଙ୍ଗାଧର-ଉରଙ୍ଗ, କଟକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କାରିଗର, ଉଦ୍ୟୋଗୀ ଓ ମିଶନ୍ ଶକ୍ତି ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାରିଗର ଓ ଉଦ୍ୟୋଗୀମାନେ ନିଜ ଦକ୍ଷତା ଓ ଉତ୍ପାଦକୁ ଆଧୁନିକ ବଜାର ସହ ଯୋଡ଼ିବା ସହିତ ଡିଜିଟାଲ୍ ମାଧ୍ୟମ ଓ ଇ-କମର୍ସର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ସେ ଉଦ୍ୟମିତାର ବିକାଶ ଓ ନୂତନ ବଜାର ସୁଯୋଗର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଏମ୍, ଡିଆଇସି ପ୍ରଦୀପ କୁମାର ସାହୁ, କଟକର ଯୁଗ୍ମ ନିର୍ଦ୍ଦେଶିକା ନୀତିଶା ମନ, ସହକାରୀ ନିର୍ଦ୍ଦେଶକ ଶ୍ରୀ ବିବେକ, ଖରଗ ଜମାକାନ୍ତ ମାଝୀ, ଉଭେଲ ଟିମ୍ ଲିଡର ସୌଭାଗ୍ୟ ରଞ୍ଜନ ମଲ୍ଲିକ, ମିଶନ୍ ଶକ୍ତି ଆରତୀ ସାହୁଙ୍କ ସମେତ ମାଷ୍ଟର ଟ୍ରେନରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୩୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ପିଏମ୍ ବିଶ୍ୱକର୍ମା ଯୋଜନାର ବିଭିନ୍ନ ସୁବିଧା, ଇ-କମର୍ସ ମାଧ୍ୟମରେ ଉତ୍ପାଦ ବିକ୍ରୟ, ବ୍ୟବସାୟର ସମ୍ପ୍ରସାରଣ, ମାର୍କେଟିଂ ରଣନୀତି ଏବଂ ଡିଜିଟାଲ୍ ବଜାର ସହ ଯୋଡ଼ିହେବାର ସୁଯୋଗ ସମ୍ପର୍କରେ ମାଷ୍ଟର ଟ୍ରେନରମାନେ ବିସ୍ତୃତ ଭାବେ ସଚେତନ କରିଥିଲେ। ସ୍ଥାନୀୟ କାରିଗର ଓ ଉଦ୍ୟୋଗୀମାନେ ନିଜ ଉତ୍ପାଦର ଗୁଣବତ୍ତା ବୃଦ୍ଧି ସହିତ ଡିଜିଟାଲ୍ ମାର୍କେଟିଂ ଓ ଇ-କମର୍ସ ପ୍ଲାଟଫର୍ମର ସୁଯୋଗ ନେଇ ଅଧିକ ବଜାର ସୃଷ୍ଟି କରିବା ଏବଂ ଆୟ ବୃଦ୍ଧି କରିବା ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

# ପାଥପୁର ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଉପଜିଲ୍ଲାପାଳ



ବାଙ୍କୀ, (ପିପିଏସ୍) : ବାଙ୍କୀ-ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ଆଶ୍ରମ ବିଦ୍ୟାଳୟକୁ ବାଙ୍କୀ ଉପଜିଲ୍ଲାପାଳ ଶ୍ରୀମତୀ ମୋନୋସ୍ୱିନୀ ଦାସ ପରିଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା ଓ ଚାଲୁଥିବା ଭିତ୍ତିଭୂମି ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ବିଦ୍ୟାଳୟର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଶିକ୍ଷାଦାନର ମାନ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଛାତ୍ର କଲ୍ୟାଣ, ଛାତ୍ରାବାସର ସୁବିଧା ସୁଯୋଗ ଏବଂ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଜୀବନଯାପନ ପରିସ୍ଥିତି ସମ୍ପର୍କରେ ତଦାରଖ କରିଥିଲେ।

ଉପଜିଲ୍ଲାପାଳ ଶ୍ରୀମତୀ ଦାସ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ସହିତ ସୁସ୍ଥ, ସୁରକ୍ଷିତ, ପରିଷ୍କାର ଓ ଅନୁକୂଳ ପରିବେଶ ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଚାଲୁଥିବା ଭିତ୍ତିଭୂମି କାର୍ଯ୍ୟଗୁଡ଼ିକର ଗୁଣବତ୍ତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତି ନେଇ ମଧ୍ୟ ସେ ତଦାରଖ କରିଥିଲେ। ଏହି ଗ୍ରସ୍ତ ଅବସରରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌଦାମିନୀ ଦାସ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ
# ୩ୟ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ପୂର୍ବତନ ବିଧାୟକ



ଭଦ୍ରକ, (ପିପିଏସ୍): ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ଘୋଷଣା କରାଯିବାର ୫୬୫ ଦିନ ବିତିଯାଇଥିଲେ ମଧ୍ୟ ଆଜିଯାଏ ସୁଫଳ ମିଳିନାହିଁ। ଏଥିପାଇଁ ପୂର୍ବ ସୂଚନା ଅନୁଯାୟୀ ପୂର୍ବତନ ବିଧାୟକ ନରେନ ପଲେଇ ଓ ତାଙ୍କ ସମର୍ଥକମାନେ ଆଜି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଭେଟି ତୃତୀୟଥର ପାଇଁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଁ ୩୬୫ ଦିନରେ ପ୍ରଥମ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲି। ପୁଣି ୪୬୫ ଦିନ ପରେ ଆଉ ଏକ ଦାବିପତ୍ର ଦିଆଯାଇଥିଲା। ଆଜି ୫୬୫ ଦିନ ପରେ ମଧ୍ୟ ତୃତୀୟଥର ପାଇଁ ସରକାରଙ୍କୁ ମନେ ପକାଇଦେବା ପାଇଁ ଏହି ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଉଛି ବୋଲି କହିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ। ସେହିପରି ମୟୂରଭଂଜର ଏକ ସାଧାରଣ ସଭାରେ ଭଦ୍ରକ ମେଡିକାଲ କଲେଜର ପ୍ରତିଷ୍ଠା ପାଇଁ ଏକ ନକ୍ସା ପ୍ରସ୍ତୁତି ହୋଇସାରିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ ପୂର୍ବତନ ବିଧାୟକ ଶ୍ରୀ ପଲେଇ ପୂର୍ତ୍ତ ବିଭାଗରେ ଏ ସଂପର୍କରେ ଅନୁଧ୍ୟାନ କରିଥିଲେ। କିନ୍ତୁ ଏ ବାବଦରେ କୌଣସି ଡିପିଆର ହୋଇନାହିଁ ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଜାଣିଥିଲେ। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ଛାତ୍ରଛାତ୍ରୀ ଆଡମିଶନ ନହେବା ପର୍ଯ୍ୟନ୍ତ ଆମେ ସରକାରଙ୍କ ନିଦ ହଜାଇଦେବୁ। ଆମର କାର୍ଯ୍ୟକ୍ରମ ଜାରି ରଖିବୁ ବୋଲି ସେ କହିଥିଲେ।

# ପୁରୁଣାବଜାର କୋଚିଂ ସେଣ୍ଟରରେ ମୁଶାଏରା ଉଦ୍‌ଯାପିତ

ଭଦ୍ରକ, (ପିପିଏସ୍): ଭଦ୍ରକ ଅଦବୀ ମରକଜ ଆନୁକୂଲ୍ୟରୁ ପୁରୁଣା ବଜାର ସ୍ଥିତ ପିସିସି କୋଚିଂ ସେଂଟର ଠାରେ ଏକ ଜିଲ୍ଲା ସ୍ତରୀୟ କବି ସମ୍ମିଳନୀ ଓ ମୂଶାଏରା ସଭାପତି ପ୍ରଫେସର ନାସିର ବଖସ ଙ୍କ ସଭାପତିତ୍ୱରୁ ଆରମ୍ଭ ହୋଇଥିଲା। ଏବଂ ଏହାକୁ ବରିଷ୍ଠ କବି ତଥା ମାଷ୍ଟର ମୁସ୍ତାକ ଗୌହର ସଂଯୋଜନା କରିଥିଲେ। ଅଦବୀ ମରକଜ ମୁଶାଏରା ପ୍ରତ୍ୟେକ ମାସରେ ଥରେ ଅନୁଷ୍ଠିତ ହୁଏ। ଏହି ମୂଶାଏରାରେ ବିଶିଷ୍ଟ କବି ଅବଦୁଲ ଦୟାନ ଜିଆ, ମୋଇନ ସଫକ, ତୌଫିକ ସାଗର, ମୁଖତାର ନର୍ଶିମ, ସହାବାଜ ସାଦାଫ, କୌସର ନଶିମି, ଶୋଏବ ଅୟାଜ , ସଜ୍ଜାଦ ହସରତ, ମିନହାଜ ନୁରୀ, ସହେବାଜ ନଶିମି, ଇନାୟତ କାଦରୀ ଓ ଅଲିମୁଦ୍ଦିନ ବେକସ ପ୍ରମୁଖ ଯୋଗଦାନ କରିଥିଲେ। ଅଦବୀ ମରକଜର ପ୍ରତିଷ୍ଠାତା ହୋଜୁର ସାନ ସରକାର ବାବାଙ୍କ ଆଶୀର୍ବାଦରୁ ଭଦ୍ରକ ଭାଇଚାରା ମାଟିରେ ଉର୍ଦ୍ଦୁ କବିର ସେବା କରି ଜାତୀୟ ସ୍ତରର କବି ହୋଇ ସୁନାମ କରିଛନ୍ତି। ଉକ୍ତ ମୁଶାଏରାକୁ ମହାପୁରୁଷ ହଜରତ ମହମ୍ମଦଙ୍କ ନାମରେ ସମର୍ପିତ କରାଯାଇଛି। ଏହି ମୁଶାଏରାକୁ ହାଜି ସବବୀର ଅଲ୍ଲୀ, ଇଂ ହବିବୁଲ୍ଲା ଖାନ, ହାଜି ଅବୁ ହୋସେନ, ଇମତିଆଜ ଖାନ, ଇମତୀୟାଜ କମାଲ, ପାରିଷଦ ଶେଖ ଗରିବୁଲ୍ଲା, ସମ୍ବାଦଦାତା ଶେଖ ଅନୱ୍ୱର, ଶେଖ ଇମତୀୟାଜ, ଶିକ୍ଷକ ଶେଖ ମୈରାଜ ଓ ମିର୍ଜା ଇଜ୍ଜାଜ୍ ବେଗ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଗଲେ କଟକ ଜିଲ୍ଲାର ୧୯୭ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ



କଟକ : ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ- କଟକ ବିଧାୟିକା ଇଂ. ସୋଫିଆ ଫିର୍ଦୋସ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କଟକ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଉପନିର୍ଦ୍ଦେଶକ ପର୍ଯ୍ୟଟନ, ଶ୍ରୀମତୀ ସୁଜାତା ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର ସରକାର ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଆଜି ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା । ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ଓ ଦିନ ୩ ଘଟିକା ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ । ପ୍ରକାଶଥାଉକି ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ । କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି।

# ସେପ୍ଟେମ୍ବର ୧୨ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ : କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ୧୨.୦୯.୨୦୨୬ ରିଖ ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

# ଭଦ୍ରକ ସହରରେ ସ୍ୱାସ୍ଥ୍ୟ ବିଭାଗର ହୋଟେଲ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ଉ



ଭଦ୍ରକ, (ପିପିଏସ୍): ଆପଣ ଖାଉଥିବା ଖାଦ୍ୟ ପ୍ରକୃତରେ ସୁରକ୍ଷିତ। ଏହି ପ୍ରଶ୍ନର ବଡ଼ ଉତର ରଖିଛି ଭଦ୍ରକ ପ୍ରଶାସନର କଠିନ ପଦକ୍ଷେପ। ସ୍ୱାସ୍ଥ୍ୟ ବିଭାଗ, ପୌରପାଳିକା ଏବଂ ଟାଉନ ପୋଲିସର ମିଳିତ ସହଯୋଗରେ ଆଜି ଭଦ୍ରକ ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ମିଠା ଦୋକାନଗୁଡ଼ିକରେ ଏକ ଏକଜୁଟ୍ ଚଢ଼ଉ କରାଯାଇଛି। ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ସହରରେ ବେଶ୍ ଚାଂଚଲ୍ୟ ସୃଷ୍ଟି କରିଛି। ନିୟମ ଉଲ୍ଲଂଘନ ଏବଂ ଅପରିଷ୍କାର ପରିବେଶରେ ରୋଷେଇ କରୁଥିବା ୧୦ଟି ହୋଟେଲକୁ ମୋଟା ଅଙ୍କର ଫାଇନ୍ କରାଯାଇଛି।ଗ୍ରାହକଙ୍କୁ ପରଷିବା ପାଇଁ ରଖାଯାଇଥିବା ବାସି ଖାଦ୍ୟ ଜବତ ହେବା ସହ କିଛି ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସାଧାରଣ ଲୋକଙ୍କ ଜୀବନ ଓ ସ୍ୱାସ୍ଥ୍ୟ ସହ ଏଭଳି ଖେଳ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ପ୍ରଶାସନର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଆଗକୁ ଅନ୍ୟ ବ୍ୟବସାୟୀମାନଙ୍କ ପାଇଁ ଏକ କଡ଼ା ଚେତାବନୀ ସାଜିବ। ଭଦ୍ରକ ସହରରେ ଅପମିଶ୍ରିତ ଖାଦ୍ୟକୁ ନେଇ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ। ଏହି ଟିମ ପ୍ରଥମେ ନୂଆ ବଜାର, ବାଇପାସ, ଚରମ୍ପା ଷ୍ଟେସନ ବଜାର ଓ ମୋଟେଲ ଛକ ଠାରେ ମିଠା ନିର୍ମାଣ କରାଯାଉଥିବା ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଚଢ଼ଉବେଳେ ଅନେକ ଦୋକାନରେ ବାସୀ ଖାଦ୍ୟ, ବିଭିନ୍ନ କ୍ଷତିକାରକ ମିଶ୍ରିତ ରଙ୍ଗ, ବାସୀ ମିଠାକୁ ନଷ୍ଟ କରାଯିବା ସହ ଅପରିଷ୍କାର ସ୍ଥାନରେ ଏଗୁଡିକ ପ୍ରସ୍ତୁତ ହେଉଥିବା ନେଇ ଏହି ଟିମ ଚଢ଼ାଉ ବେଳେ ଜାଣିବାକୁ ପାଇଥିଲା। ଏହି ଏନଫୋର୍ସମେଂଟ ଟିମ ଦୋକାନୀ ମାନଙ୍କୁ ତାଗିଦ କରିବା ସହ ମୋଟା ଅଙ୍କର ଫାଇନ ଲଗାଇଛନ୍ତି।ଆଜି ୧୦ ଟିରୁ ଉର୍ଦ୍ଧ୍ୱ ଦୋକାନ ମାନଙ୍କରେ ଚଢ଼ାଉ କରାଯିବା ସହ ପାଖାପଖି ୮ରୁ ୧୦ ହଜାର ଲେଖାଏଁ ଟଙ୍କା ଫାଇନ କରାଯାଇଛି ।ଏହି ଚଢ଼ାଉ ଜାରି ରହିବ। ସମସ୍ତ ଦୋକାନୀ ମାନେ ଗ୍ରାହକ ମାନଙ୍କୁ ଭଲ ଖାଦ୍ୟ ଜିନିଷ ଦେବା ସହ ପରିଷ୍କାର ଓ ପରିଛନ୍ନ ରଖିବା ପାଇଁ କହିଛନ୍ତି ଖାଦ୍ୟ ନିରାପତ୍ତା ଅଧିକାରୀ।ସେହିପରି ଦୋକାନୀ ମାନେ ମଧ୍ୟ ଏହି ଚଢ଼ାଉ କୁ ନେଇ ସେମାନଙ୍କର ଭୁଲ ଥିବା ନେଇ ସ୍ୱୀକାର କରିବା ସହ ଆଗାମୀ ଦିନରେ ଏହାକୁ ସଂଶୋଧନ କରିବା ସହ ପରିଷ୍କାର ଓ ପରିଛନ୍ନ ରଖିବା ପାଇଁ କହିଛନ୍ତି।ଏହି ଚଢ଼ାଉକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଏହାକୁ ସ୍ୱାଗତ କରିବା ସହ ସରକାରଙ୍କର ଏହା ଏକ ଉତମ ପଦକ୍ଷେପ ବୋଲି କହିଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BHADRAK
ee_rwbdk2@yahoo.co.in

"e" Procurement Notice for Building Works Identification Online Tender 7/RWD/BDK-II/2026-27Dtd.31.08.2026

1. Name of the Work :- Building Works as per Annexure
2. Total Number of Works :- 8 Nos
3. Approximate Estimated Cost :- Rs. 77.72 lakhs-77.73 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Type of Tender :- Double Cover
7. Other details : -The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer ,R.W. Division-II, Bhadrak | 7 | 19.09.2026 At 11.30 A.M. | 29.09.2026 up to 1.00 P.M. | 28.09.2026 up to 3.00 P.M. | 29.09.2026 at 3.00 P.M. | Will be intimated latter |

8. Further details can be seen from the e-procurement portal "https://www.tendersorissa.gov.in"
9. Any other changes Corrigendum may be seen only in website "www.tendersorissa.gov.in"

OIPR- 25001/25090/1/26-27/0006

Sd:/-Executive Engineer
R.W.Division-II,Bhadrak


# ରାଜଧାନୀରେ ୯ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସାୟତ୍ତ ଶାସନ ଦିବସ ଅବସରରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ ସହ ସାଧାରଣ ସଭା ମଧ ଅନୁଷ୍ଠିତ ହୋଇଥିଲା। ସାୟତ୍ତ ଶାସନ ଦିବସ ସମାରୋହରେ ମେୟର ଓ କମିସନରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ଜାତୀୟ ଗୀତ ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ସମସ୍ତ କର୍ପୋରେଟର, ବିଏମ୍‌ସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପରେ ୯ଟି



ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଂଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ବିଏମ୍ ସିର ସମସ୍ତ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ, ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ଏକାମ୍ର ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ରାମଚନ୍ଦ୍ର ରଣସିଂହ, ଶ୍ରୀଧର ବେହେରା, ଅଧ୍ୟକ୍ଷା ମହାମାୟା ସାଇଁ, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ପ୍ରମୁଖ ମଂଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ କର୍ପୋରେଟର, ବରିଷ୍ଠ ନାଗରିକ, ବିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। ଏହି ଅବସରରେ ସାଗତ ଅଭିଭାଷଣ ଦେଇ ବିଏମ୍‌ସି କମିସନର ଆଗାମୀ ଦିନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଥିବା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ୫୦ ବର୍ଷ ଆଗକୁ ଭୁବନେଶ୍ୱରକୁ ଏକ ଉନ୍ନତ ବାସୋପଯୋଗୀ ସହର ଭାବେ ଗଢି ତୋଳିବା ପାଇଁ କରାଯାଉଥିବା ବିଭିନ୍ନ ଯୋଜନା, ବିଭାଗୀୟ ସମନ୍ୱୟ ଏବଂ ବିଶେଷ କରି ଡ୍ରେନ ସମସ୍ୟାର ସମାଧାନ ପାଇଁ ବିଏମ୍ ସିର ପଦକ୍ଷେପ ବାବଦରେ ଅବଗତ କରାଇଥିଲେ। ଦୟା ୱେଷ୍ଟ କେନାଲ ଓ ଗଙ୍ଗୁଆ ଭଳି ଜଳ ପ୍ରବାହୀ ଭିତ୍ତିଭୂମିକୁ ଉଦ୍ଧାର ନ କଲେ ଭୁବନେଶ୍ୱର ଭବିଷ୍ୟତ ପିଢି ଆମକୁ କ୍ଷମା ଦେବେ ନାହିଁ। ଏଥିପାଇଁ ସରକାର ନେଉଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରିବା ପାଇଁ ମଞ୍ଚ ଉପରୁ ମେୟର ଶ୍ରୀମତୀ ଦାସ ଅନୁରୋଧ କରିଥିଲେ।

## ଦୁର୍ଘଟଣାରେ ସାମ୍ବାଦିକ ଶିବ ମହାନ୍ତି ଗୁରୁତର



**ଭୁବନେଶ୍ୱର (ପିପିଏସ୍):** ବରିଷ୍ଠ ସମ୍ବାଦିକ ତଥା 'ଦି ନିୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ରିଜିଓନାଲ ଏଡିଟର ଶିବ ମହାନ୍ତି ଦୁର୍ଘଟଣାର ଶିକାର ହୋଇଛନ୍ତି। ମୈତ୍ରୀ ବିହାର ଥାନା ଅନ୍ତର୍ଗତ ଜନତା ମଇଦାନକୁ ସେ ସାନ୍ଧ୍ୟଭ୍ରମଣରେ ଯାଉଥିଲା ବେଳେ ତାଙ୍କୁ ଏକ କାର ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ଶ୍ରୀ ମହାନ୍ତି ନିୟମିତ ଭାବେ ଜନତା ମଇଦାନକୁ ସାନ୍ଧ୍ୟ ଭ୍ରମଣରେ ଯାଆନ୍ତି। ରବିବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ମୁଖ୍ୟ ଫାଟକ ନିକଟରେ ସେ ତାଙ୍କ ଗାଡ଼ି ପାର୍କିଂ କରି ଜନତା ମଇଦାନକୁ ଯାଉଥିଲେ। ଚାଲି ଚାଲି ଯାଉଥିଲା ସମୟରେ ଏକ କାର ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡ, ହାତ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଦୁର୍ଘଟଣା ପରେ ଲୋକେ ରୁଣ୍ଡ ହୋଇଯାଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାସହ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିଟିକୁ ନିଜ ହେପାଜତକୁ ନେଇଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି। ସମ୍ପୃକ୍ତ ଡ୍ରାଇଭର ଜଣଙ୍କ ଏକ ଶିକ୍ଷାନୁଷ୍ଠାନର ଛାତ୍ର ବୋଲି ଜଣାପଡ଼ିଛି। ସେ ଏକ ସମ୍ଭ୍ରାନ୍ତ ପରିବାରର। ତେଣୁ ପୁଲିସ ତାଙ୍କ ନାମ ପ୍ରକାଶ କରିବାକୁ ଅନିଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି।

## କ୍ରେଡାଇ ଭୁବନେଶ୍ୱରର ବୃକ୍ଷରୋପଣ



**ଭୁବନେଶ୍ୱର (ପିପିଏସ୍):** ପରିବେଶ ସୁରକ୍ଷା ଓ ସବୁଜ, ସୁସ୍ଥ ଭବିଷ୍ୟତ ଗଠନ ଲକ୍ଷ୍ୟରେ କ୍ରେଡାଇ ଭୁବନେଶ୍ୱର ପକ୍ଷରୁ କ୍ରେଡାଇ ଓଡ଼ିଶା ରାଜ୍ୟ ମହାସଂଘର ସହଯୋଗରେ ଶନିବାର ତ୍ରିଶୁଳିଆ, କଟକଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। କ୍ରେଡାଇ ଭୁବନେଶ୍ୱର ପକ୍ଷରୁ କ୍ରେଡାଇ ନ୍ୟାସନାଲର ଉପସଭାପତି ତଥା କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ ସ୍ୱଦେଶ କୁମାର ରାଉତରାୟ, କ୍ରେଡାଇ ଓଡ଼ିଶା ରାଜ୍ୟ ମହାସଂଘର ସଭାପତି ଅନିଲ କୁମାର ଅଗ୍ରୱାଲ ଏବଂ କ୍ରେଡାଇ କଟକର ସଭାପତି ପ୍ରୀତି ରଞ୍ଜନ ମହାରଣା ଉପସ୍ଥିତ ରହିଥିଲେ। ଏହି ଅବସରରେ କ୍ରେଡାଇ ଭୁବନେଶ୍ୱରର ସଭାପତି ଶେଖ୍ ମୈରାଜୁଲ ହକ୍ କହିଥିଲେ ଯେ, ସହରୀକରଣ ଓ ରିଅଲ୍ ଇଷ୍ଟେଟ୍ ବିକାଶ ସହିତ ପରିବେଶ ପ୍ରତି ଦାୟିତ୍ୱବୋଧକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ।

## ୨୪ ଲକ୍ଷ ଠକେଇ ଅଭିଯୋଗରେ ଦଲାଲ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବିଭିନ୍ନ ଫଳ ଗୋଦାମକୁ ଫଳ ଯୋଗାଇ ସେମାନଙ୍କଠାରୁ ୨୪ ଲକ୍ଷ ଟଙ୍କା ଆଦାୟ କରି କମ୍ପାନୀକୁ ଠକିଥିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଜଣେ ଦଲାଲଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଭରତପୁର ଦୁର୍ଗାମାଧବ ନଗରରେ ରହୁଥିବା ନୂଆପଲ୍ଲୀ ପାଇକନଗରର ସୁନୀଲ ପରିଡ଼ା। ପୁଲିସ ସୂଚନା ଅନୁସାରେ ଅଭିଯୋଗକାରୀ ଅମର ଯୋଶୀ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଓଗଳପଡ଼ା ଗଡ଼ସାହିରେ ରହୁଥିବା ବେଳେ, "ଫ୍ରୁଟୟୋର୍କ ଇଣ୍ଟରନ୍ୟାସନାଲ ଫୁଡ" କମ୍ପାନୀର (ଫଳ ଯୋଗାଣ କମ୍ପାନୀରେ) ମ୍ୟାନେଜିଙ୍ଗ ହେଡ ଭାବେ କାମ କରନ୍ତି। ସୁନୀଲ ପରିଡ଼ାଙ୍କୁ ଉକ୍ତ କମ୍ପାନୀ ପକ୍ଷରୁ ଓଡ଼ିଶାର କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଆଦି ଜିଲାର ବ୍ୟବସାୟ କାର୍ଯ୍ୟ ପରିଚାଳନା ଓ ତଦାରଖ ପାଇଁ କନସଲଟାଣ୍ଟ ଭାବେ ନିଯୁକ୍ତ କରାଯାଇଥିଲା। ତାଙ୍କୁ କମ୍ପାନୀରୁ ବିଭିନ୍ନ ଫଳ ସାମଗ୍ରୀ ନେଇ ଜିଲାର ବଡ ବଡ ଡିଲରଙ୍କୁ ଯୋଗାଇବା, ସେମାନଙ୍କ ଠାରୁ ବିକ୍ରି ଟଙ୍କା ଆଦାୟ କରି କମ୍ପାନୀରେ ଜମା କରିବା ଦାୟିତ୍ୱ ଦିଆଯାଇଥିଲା। କମ୍ପାନୀର ମ୍ୟାନେଜିଂ ହେଡ ଶ୍ରୀ ଯୋଶୀଙ୍କ ଅଭିଯୋଗ ଅନୁସାରେ, ସୁନୀଲ ପରିଡ଼ା ବିଭିନ୍ନ ଡିଲରଙ୍କଠାରୁ ପ୍ରାୟ ୨୪ ଲକ୍ଷ ଟଙ୍କା ଆଦାୟ କରିଥିଲେ। କିନ୍ତୁ ସେହି ଟଙ୍କା କମ୍ପାନୀରେ ଜମା କରି ନଥିଲେ। ଶ୍ରୀ ଯୋଶୀ ଟଙ୍କା ଜମା କରିବାକୁ କହିବାରୁ ସୁନୀଲ ପରିଡ଼ା ତାଙ୍କୁ ଧମକ ଦେଇଥିଲେ ଏବଂ ଟଙ୍କା ଜମା କରିବାକୁ ମନା କରିଥିଲେ। ଏହା ସହ କମ୍ପାନୀ ପକ୍ଷରୁ 'ଆପଲ୍ ହାଉସ୍' ନାମକ ଏକ ଡିଲରଙ୍କୁ ପ୍ରାୟ ୧ ଲକ୍ଷ ୮୦ ହଜାର ଟଙ୍କାର ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ବକେୟା ଟଙ୍କା ପଇଠ କରିବାକୁ ଆପଲ୍ ହାଉସ୍ ?ର ମାଲିକ ଜିତେନ୍ଦ୍ର ସେନାପତିଙ୍କୁ କୁହାଯିବାରୁ ସେ ଅଭିଯୁକ୍ତ ସୁନୀଲକୁ ଟଙ୍କା ଦେଇଛନ୍ତି ବୋଲି କହିଥିଲେ। ବାରମ୍ବାର ଟଙ୍କା ଦାବି କରିବା ସତ୍ତ୍ୱେ ବକେୟା ଟଙ୍କା କମ୍ପାନୀରେ ଜମା କରାଯାଇ ନଥିଲା କିମ୍ବା ଫେରସ୍ତ ମଧ କରାଯାଇନଥିଲା। ଫଳରେ କମ୍ପାନୀର ଆର୍ଥିକ କ୍ଷତି ହୋଇଥିଲା। ଏନେଇ କମ୍ପାନୀ ପକ୍ଷରୁ ଶ୍ରୀ ଯୋଶୀ ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଆଜି ଠକ ସୁନିଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ସଂଭାବନା ପକ୍ଷରୁ ଶ୍ରଦ୍ଧାଞ୍ଜଳି 'ସ୍ମୃତିରେ ପ୍ରଣବ'

**ଭୁବନେଶ୍ୱର (ପିପିଏସ୍):** ରେ ଆମ୍ବନ ନିଦ୍ରା ପରିହରି, ମାଝିରେ ଶେଷ ଶ୍ରାବଣ ,ଉର୍ମି ଅଧିରା ରୂପସୀ ଚିଲିକା, ଏମିତି ରାତି ସେ ଯେ ଅଭୁଲା ସ୍ମୃତି,ଜୀବନ ଏକ ନାଟକ,ଇନ୍ଦ୍ରଧନୁର ସପ୍ତରଙ୍ଗୁ ଆଦି ଅସଂଖ୍ୟ ମନଛୁଆଁ ଓ ଭାବପୂର୍ଣ୍ଣ ସଂଗୀତରେ ଓଡ଼ିଆ ସଂଗୀତ ଜଗତକୁ ସମୃଦ୍ଧ କରିଥିବା ସଂଗୀତର ସମ୍ମୋହନ ପ୍ରଣବ କିଶୋର ପଟ୍ଟନାୟକ ଆଉ ନାହାନ୍ତି। ତାଙ୍କର ଅବର୍ତମାନରେ ସଂଭାବନା ପକ୍ଷରୁ ସ୍ମୃତିରେ ପ୍ରଣବ ଶୀର୍ଷକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଂଧ୍ୟା ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ, ସଂଗୀତ ଶିଳ୍ପୀ ନିମାକାନ୍ତ ରାଉରାୟ,ସୌରଭ ନାୟକ, ଛନ୍ଦା ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରଣବ ପଟ୍ଟନାୟକଙ୍କ ସଂପର୍କରେ ନିଜ ନିଜର ସ୍ମୃତି ରୋମନ୍ଥନ କରିଥିଲେ। ସଂପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଓ ସଭା ପରିଚାଳନା କରିଥିଲେ। ରାଜଶ୍ରୀ ଶତପଥି,ସତ୍ୟବ୍ରତ ମହାପାତ୍ର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଟ୍ରଷ୍ଟି ସ୍ମୃତି ମହାନ୍ତି। ଅନ୍ୟମାନଙ୍କ ମଧରେ ରେଖା ସାହୁ,ମୀନାକ୍ଷୀ ପଟ୍ଟନାୟକ, ରଶ୍ମିତା ରଥ,ନମିତା ଦାଶ ପ୍ରମୁଖ ପ୍ରଣବ କିଶୋର ପଟ୍ଟନାୟକଙ୍କ ସଂପର୍କରେ ନିଜନିଜର ସ୍ମୃତି ଚାରଣ କରିଥିଲେ।

## ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ 'ସାହିତ୍ୟ ମାସିକୀ'

**ଭୁବନେଶ୍ୱର (ପିପିଏସ୍):** ନାଟକର ଚରିତ୍ରମାନେ ଆମ ପରିବେଶ ଓ ସମାଜରୁ ଆସନ୍ତି। ରଚନା, ମଞ୍ଚସଜ୍ଜା ଓ ନିର୍ଦ୍ଦେଶନା ହିଁ ମଞ୍ଚ ନାଟକକୁ ଗୁରୁତ୍ୱ ଦିଏ। ପରୀକ୍ଷାନିରୀକ୍ଷାର ଜଟିଳତା ନାଟକକୁ ଭାରାକ୍ରାନ୍ତ କରିଥାଏ ବୋଲି ନାଟ୍ୟକାର ଭାବଗ୍ରାହୀ ଦାଶ ମତ ଦେଇଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଜୟଦେବ ଭବନରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' ରେ ଯୋଗ ଦେଇ ଶ୍ରୀ ଦାଶ ମଞ୍ଚକୁ ନାଟକର ପ୍ରୟୋଗଶାଳା ଭାବରେ ଅଭିହିତ କରି ତାଙ୍କ ନାଟ୍ୟ ଯାତ୍ରାର ବିସ୍ତୃତ ବିବରଣୀ ଦେଇଥିଲେ। ରାଜ୍ୟରେ ମଞ୍ଚ ନାଟକର ପ୍ରସାର



ପାଇଁ ସରକାରଙ୍କ ଅନେକ କିଛି କରିବାର ଅଛି ବୋଲି ସେ ପ୍ରକାଶ କରିଥିଲେ। ନାଟ୍ୟକାରଙ୍କ ସହିତ ଡ଼ା. ସୁଶାନ୍ତ ଷଡ଼ଙ୍ଗୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ 'ଏ ମାସର କଥାକାର' ଭାବରେ ଯୋଗ ଦେଇ ଲେଖିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ପରେ ଜୟଶ୍ରୀ ପଟ୍ଟନାୟକ ଓ ଗୀତାଞ୍ଜଳି ଦଳେଇଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ଲେଖା ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା କଲେଜରେ ଜାତୀୟ କ୍ରୀଡ଼ା ଦିବସ

**ଭୁବନେଶ୍ୱର (ପିପିଏସ୍):** ନଳିନୀ ଦେବୀ ଶିକ୍ଷକ ଶିକ୍ଷା ମହିଳା ମହାବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସବିତା ନାୟକଙ୍କ ସହିତ ସମସ୍ତ ସହଯୋଗୀ ଏବଂ ସହକାରୀ ପ୍ରଫେସର, ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଓ ଉପସ୍ଥିତ ଛାତ୍ରୀମାନେ କ୍ରୀଡ଼ା ସମ୍ପର୍କିତ ଶପଥ ପାଠ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ପାୟଲ ପରିଡ଼ା, ସ୍ୱସ୍ତିକା ରଥ ଓ ସ୍ୱାତୀ ସାଗରିକା ଏହି ଦିବସର ମହତ୍ତ୍ୱ ସହିତ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ସମ୍ବନ୍ଧରେ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଛାତ୍ରୀମାନଙ୍କଦ୍ୱାରା ପୁଚି, ଦଉଡିଡିଆଁ, ବ୍ୟାଡମିଟନ୍ ପ୍ରମୁଖ ତଥା ବିଭିନ୍ନ ପ୍ରକାର ବ୍ୟାୟାମର ଅଭ୍ୟାସ କରାଯାଇଥିଲା। ଶାରୀରିକ ଏବଂ ମାନସିକ ସୁସ୍ଥତା ପାଇଁ ମୁକ୍ତ ବ୍ୟାୟାମଶାଳାରେ ମଧ୍ୟ ବ୍ୟାୟାମ ଅଭ୍ୟାସ କରାଯାଇଥିଲା। ସହକାରୀ ପ୍ରଫେସର ଡ. ପ୍ରଭାତ ମଞ୍ଜରୀ ଷଡ଼ଙ୍ଗୀ ଏବଂ ଶାରୀରିକ ଶିକ୍ଷାର ସହକାରୀ ଶିକ୍ଷକମାନଙ୍କର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଜାତୀୟ ସ୍ତରରେ ଓଡ଼ିଆ ନାଟକକୁ ପରିଚିତ କରାଇବାକୁ ଆହ୍ୱାନ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ନାଟକର ସ୍ଥିତି, ସମସ୍ୟା ଓ ନାଟକର ଉନ୍ନତିକୁ ନେଇ କଳିଙ୍ଗ ନାଟ୍ୟସଂଘ ତରଫରୁ ଶତାବ୍ଦୀର କଳାକାର ବିଜୁ ନାଟ୍ୟକେନ୍ଦ୍ର ପ୍ରେକ୍ଷାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ କଳିଙ୍ଗ ନାଟ୍ୟସଂଘର ସଭାପତି ଧୀରେନ୍ଦ୍ରନାଥ ମଲ୍ଲିକ, ନାଟ୍ୟକାର ଫକୀର ସିଂ, ଶ୍ରୀ କଲଚରାଲ ଆସୋସିଏସନର ପ୍ରତିଷ୍ଠାତା ନିର୍ଦ୍ଦେଶକ ସତ୍ୟ ବେହେରା, ନିର୍ଦ୍ଦେଶକ ନରେନ୍ଦ୍ର ମିଶ୍ର ଓ ମୁକୁନ୍ଦ ଶତପଥୀ ଅଂଶଗ୍ରହଣ କରିଥିଲେ। ଦେବଦତ୍ତ ପତିଙ୍କ ପରିଚାଳନାରେ ଅତିଥିମାନେ 'ଜାତୀୟସ୍ତରରେ ଓଡ଼ିଆ ନାଟକର ସ୍ଥିତି' ଉପରେ ଆଲୋଚନା କରିଥିଲେ। ଆମ ଭାଷା, ସାହିତ୍ୟ ଓ ଲୋକକଳାକୁ ସମକାଳୀନ ଓ ଆଧୁନିକ ଢଙ୍ଗରେ ପ୍ରୟୋଗ କଲେ ଜାତୀୟସ୍ତରରେ ଆମ ନାଟକ ଛାପ ଛାଡ଼ିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ ନାଟକ, କଳାକାର, ପାଣ୍ଡୁଲିପି, ନିର୍ଦ୍ଦେଶନା ଓ ପରିବେଷଣରେ ପ୍ରଫେସନାଲିଜିମ ଆଣିଲେ ନାଟକ ନିଶ୍ଚିତ ରୂପେ ଜାତୀୟସ୍ତରରେ ଆଦୃତ ହେବ ବୋଲି



ମତପ୍ରକାଶ ପାଇଥିଲା। ସରକାରୀ ପ୍ରୋତ୍ସାହନ, ମଣ୍ଡପର ଉପଲବ୍ଧତା ଆବଶ୍ୟକ ବୋଲି ଧୀର ମଲ୍ଲିକ ମତବ୍ୟକ୍ତ କରିଥିଲେ। ମଣ୍ଡପର ଅଭାବ ଯୋଗୁ ରାଜଧାନୀ ଭୁବନେଶ୍ୱରରେ ନାଟକ କରିବା ସମ୍ଭବ ହେଉନି। ଭଞ୍ଜକଳା ମଣ୍ଡପ ଉନ୍ନତୀକରଣ ପାଇଁ ବନ୍ଦ ରହିଛି, ତେଣୁ ସରକାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣାକେନ୍ଦ୍ର ତଥା ସଂଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟକୁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ପାଇଁ ସେ ଦାବି କରିଥିଲେ। ପୂର୍ବରୁ ଓଡ଼ିଶା ବାହାରେ ରାଜ୍ୟ ସରକାର ବର୍ଷକୁ ୨ ଥର ଓଡ଼ିଆ ନାଟକ ଉତ୍ସବ ଆୟୋଜନ କରିବା ସରକାର ବିଭିନ୍ନ ରାଜ୍ୟରେ ବର୍ଷକୁ ୨ ଥର ଓଡ଼ିଆ ନାଟକ ଉତ୍ସବ ଆୟୋଜନ କରାଗଲେ ଓଡ଼ିଆ ଅସ୍ମିତା ଓ ତାହାର ଉନ୍ନତିର ପ୍ରଚାରପ୍ରସାର ହୋଇପାରିବ ପ୍ରସ୍ତାବ ଦିଆଯାଇଥିଲା। ନାଟକର ଉନ୍ନତି ପାଇଁ ବିଭିନ୍ନ ନାଟଦଳଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ସହ ଜାତୀୟ ନାଟକ ଉତ୍ସବ କରୁଥିବା ଦଳକୁ ୫ ଲକ୍ଷ ଓ ରାଜ୍ୟ ସ୍ତରୀୟ ତଥା ବାର୍ଷିକ ନାଟକ ଉତ୍ସବ କରୁଥିବା ଦଳକୁ ୩ ଲକ୍ଷ ଟଙ୍କାର ଅନୁଦାନ ଦେବା ପାଇଁ ଦାବି କରାଯାଇଛି। ଉକ୍ତ ଆଲୋଚନାଚକ୍ରରେ ଉତ୍ତରପୁରୁଷର ପ୍ରସନ୍ନ କୁମାର ମିଶ୍ର, ରଙ୍ଗଭୂମିର ପ୍ରଶାନ୍ତ ମହାପାତ୍ର, ଟିମ୍‌ର ଶତ୍ରୁଘ୍ନ ସାମଲ, ଲାବଣ୍ୟର ସତ୍ୟ ଜେନା, ଅଭିଳାଷର ପ୍ରଶାନ୍ତ ବିଶ୍ୱାଳ, ସଂଯୋଗର ରଞ୍ଜନ ନାୟକ ଆଦି ଯୋଗ ଦେଇ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଦାବିକୁ ସମର୍ଥନ କରିଥିଲେ।

## ତାଲା ତାଡ଼ି ଓମ୍‌ଫେଡ୍‌ରୁ ଚୋରି

**ଭୁବନେଶ୍ୱର (ପିପିଏସ୍):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗୁରୁ କେଳୁ ଚରଣ ପାର୍କ ନିକଟସ୍ଥ ସାହୁ ଓମ୍‌ଫେଡ଼ ଷ୍ଟଲରୁ ତାଲା ତାଡି ଚୋରି ହୋଇ ଥିବା ଅଭିଯୋଗ ହୋଇଛି। ଦୋକାନରେ ଥିବା ୨୫ ହଜାର ଟଙ୍କା, ବିକ୍ରି ପାଇଁ ଉଦ୍ଦୀଷ୍ଟ ଖାଦ୍ୟ ସାମଗ୍ରୀ ଗୁଡ଼ିକ ଚୋରି କରି ନେଇଛନ୍ତି। ଏନେଇ ଦୋକାନୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚାନ ମୁତାବକ, ସମ୍ପୃକ୍ତ ଦୋକାନୀ ଜଣଙ୍କ ରବିବାର ରାତି ପ୍ରାୟ ୧୦.୩୦ ସମୟରେ ଦୋକାନ ବନ୍ଦ କରି ଚାଲି ଯାଇଥିଲେ। ହେଲେ କିଛି ଦୁର୍ବୃତ୍ତ ବିଳମ୍ବିତ ରାତିରେ ତାଙ୍କ ଦୋକୋନକୁ ଆସିଥିଲେ। ଦୋକାନର ତାଲା ତାଡ଼ି ଦେଇ ଦୋକାନ ଭିତରେ ପ୍ରବେଶ କରିଥିଲେ। ଦୋକାନ ଭିତରେ ଥିବା ସବୁ ଜିନିଷ ପତ୍ରକୁ ନେଇଯିବା ସହ ନଗଦ ଟଙ୍କାକୁ ବି ଚୋରି କରି ସେଠାରୁ ଚମ୍ପଟ ମାରିଥିଲେ।

## ଆପ୍ ଭୁବନେଶ୍ୱର ଶାଖାର ସାଙ୍ଗଠନିକ ବୈଠକ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିବା ସହ ଭୁବନେଶ୍ୱରରେ ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ସଶକ୍ତ କରିବା ନିମନ୍ତେ ମାର୍ଗ ଦର୍ଶନ କରିଥିଲେ। ଆସନ୍ତା ମାସ ୯ ତାରିଖ ଦିନ ଖଣି ସଂଶୋଧନ ବିଲ୍ ବିରୋଧରେ ହେବାକୁ ଥିବା ଜନ ଆକ୍ରୋଶ ସମାବେଶକୁ ସଫଳ କରିବା ନିମନ୍ତେ ରାଜ୍ୟ ସଭାପତି ଏହି ବୈଠକରେ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ। ଏହି ସାଙ୍ଗଠନିକ ବୈଠକରେ ଭୁବନେଶ୍ୱର ଦାୟିତ୍ୱରେ ଥିବା ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାସ୍ , ଜିଲ୍ଲା ସଭାପତି ଜୟସୂର୍ଯ୍ୟ କାନୁନଗୋ ଉପସ୍ଥିତ ରହି ଆଗାମୀ ଦିନରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ କିଭଳି ଭାବରେ ଦଳ ଶକ୍ତିଶାଳୀ ହେବା ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ପ୍ରତ୍ୟେକ ୱାର୍ଡ଼ରୁ ନିଷ୍ଠାବାନ କାର୍ଯ୍ୟକର୍ତ୍ତାଙ୍କୁ ଚିହ୍ନଟ କରାଯାଇ ସୋମବାର ପ୍ରତି ୱାର୍ଡ଼ରେ ନୂଆ ସଦସ୍ୟ ଯୋଡାଯିବା ସହ ୱାର୍ଡ କମିଟି ଗଠନ କରାଯାଇ ସଂଗଠନକୁ ମଜବୁତ କରାଯିବ ସେ ସଂପର୍କିତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ କିଭଳି ଭାବେ ସମସ୍ତ ୬୭ଟି ୱାର୍ଡ଼ରେ ଦଳର ସାଙ୍ଗଠନିକ ସ୍ଥିତିକୁ ମଜବୁତ୍ କରାଯିବା ସହିତ ନିର୍ବାଚନ ମଇଦାନରେ ପ୍ରାର୍ଥୀ ଦିଆଯିବ ସେ ସମ୍ପର୍କରେ ମଧ୍ୟ ବିଶଦ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଭୁବନେଶ୍ୱର ସାଙ୍ଗଠନ ଜିଲ୍ଲାର ସମସ୍ତ ପଦାଧିକାରୀ କାର୍ଯ୍ୟକର୍ତ୍ତା, ଓ ନେତୃ ମଣ୍ଡଳୀ ଉପସ୍ଥିତ ରହିଥିଲେ।

## 'ଫିର୍ ଭି ଦିଲ୍ ହେ ହିନ୍ଦୁସ୍ତାନୀ'ରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର (ପିପିଏସ୍):** 'ଏମ୍‌ଡି କ୍ରିଏସନ୍‌ସ ଆଣ୍ଡ ଗ୍ରୁପ୍' ପକ୍ଷରୁ ଦେଶଭକ୍ତି ସନ୍ଧ୍ୟା 'ଫିର୍ ଭି ଦିଲ୍ ହେ ହିନ୍ଦୁସ୍ତାନୀ: ସୁରମଇ ଶାମ୍ ବୀର ସହିଦୋଁ କୋ ପ୍ରଣାମ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ବିଜେପି ନେତା ଗୋଲୋକ ମହାପାତ୍ର, କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀର ଡିଆଇଜି(ଜିସି) ସୁଧାଂଶୁ ସିଂହ, ସୀମା ସୁରକ୍ଷା ବାହିନୀର ଡିଆଇଜିର ଦିବାକର କୁମାର, ସନସାଇନ୍ ହସ୍ପିଟାଲର ସିଇଓ ଟନସିଙ୍ଗ୍ ସାମୁଏଲ ଓ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଉପସ୍ଥିତ ରହିଥିଲେ। ଏହି ଅବସରରେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀର ଅବସରପ୍ରାପ୍ତ ଆଇଜି ସୁବ୍ରତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ସହିଦ ସଞ୍ଜୟ କୁମାର ରଥ, ସନ୍ତୋଷ କୁମାର ଜେନା, ମନୋଜ କୁମାର ବେହେରା ଓ ଦୟାନିଧି ବେହେରାଙ୍କ ସମେତ ଅନ୍ୟ ସହିଦମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

କାର୍ଯ୍ୟକ୍ରମ ଉଭୟ ଏକକ ଓ ଯୁଗଳବନ୍ଦୀରେ ସଙ୍ଗୀତ ଓ ସ୍ୱତନ୍ତ୍ର ସୋ' ପ୍ରଦର୍ଶିତ ହୋଇଥିଲା। କଣ୍ଠଶିଳ୍ପୀମାନେ 'ହର୍ କରମ ଅପନା କରେଙ୍ଗେ...', 'ନୈନା ବସରେ ରିମ୍‌ଝିମ...', 'ଲେକର୍ ହମ୍ ଦିୱାନା ଦିଲ୍...' ଭଳି ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ମମତା ଦାଶ ଓ ଅଧ୍ୟକ୍ଷ ମନୋରଞ୍ଜନ ଦାଶ ସଂଯୋଜନା କରିଥିଲେ।

## ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର (ପିପିଏସ୍):** ପରିସ୍ରା କରିବାକୁ ବାରଣ କରିବାରୁ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ ଜ୍ଞାନ ନଗର ଅଞ୍ଚଳର ଅମିତ ବେହେରା ଓରଫ୍ ଦିଲୁ (୨୨)।

ପୁଲିସ ସୂଚନାନୁଯାୟୀ, ବ୍ରଜକିଶୋର ସାହୁଙ୍କର ନାଗେଶ୍ୱର ଟାଙ୍ଗୀରେ ଏକ ତେଜରାତି ଦୋକାନ ରହିଛି। ଗତ ୨୬ ତାରିଖ ରାତିରେ ଦିଲୁ ଦୋକାନ ନିକଟକୁ ଆସି ଦୋକାନ ସମ୍ମୁଖରେ ପରିସ୍ରା କରିଥିଲା। ବ୍ରଜକିଶୋର ତାଙ୍କୁ ସେଠାରେ ପରିସ୍ରା କରିବାକୁ ବାରଣ କରିବାରୁ ଦିଲୁ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ପଳାଇଥିଲା। କିଛି ସମୟପରେ ଦିଲୁ, କାହ୍ନା ଓ ଜଣେ ସହଯୋଗୀ ମିଶି ପୁଣି ଦୋକାନ ନିକଟକୁ ଆସିଥିଲେ। ସେମାନେ ଜୋରଜବରଦସ୍ତି ଦୋକାନ ଭିତରକୁ ପଶି ବ୍ରଜକିଶୋରଙ୍କୁ ଗାଳିଗୁଲଜ କରିବା ସହ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ଦୁଇ ସହଯୋଗୀ ମିଶି ବ୍ରଜକିଶୋରଙ୍କ ଦୁଇ ହାତକୁ ଧରିଥିଲେ ଓ ଦିଲୁ ଥଣ୍ଡା ପାନୀୟ ବୋତଲରେ ତାଙ୍କ ମୁଣ୍ଡକୁ ଜୋରରେ ମାଡ଼ ମାରିଥିଲା। ବୋତଲଟି ଭାଙ୍ଗିଯିବା ପରେ ସେହି ଭଙ୍ଗା ବୋତଲରେ ବ୍ରଜକିଶୋରଙ୍କ ମୁଣ୍ଡ ଓ ପେଟକୁ ଲକ୍ଷ୍ୟ କରି ମାଡ଼ ମାରିବାକୁ ଉଦ୍ୟମ କରିଥିଲା। ଏହି ଆକ୍ରମଣରେ ତାଙ୍କ ମୁଣ୍ଡରେ ରକ୍ତାକ୍ତ ଆଘାତ ହେବା ସହ ଶରୀରର ଅନ୍ୟାନ୍ୟ ସ୍ଥାନରେ ମଧ ଆଘାତ ଲାଗିଥିଲା। ବ୍ରଜକିଶୋରଙ୍କ ଅଭିଯୋଗ କ୍ରମେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ମାମଲା ରୁଜୁ କରି ଦିଲୁକୁ ଗିରଫ କରିଛି।

## ପ୍ରାକୃତିକ କୃଷି ଉପାଦାନର ମାନକୀକରଣ ନେଇ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶାରେ ପ୍ରାକୃତିକ କୃଷିକୁ ଅଧିକ ବ୍ୟାପକ ଓ ସ୍ଥାୟୀ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ତିନିଦିନିଆ ରାଜ୍ୟସ୍ତରୀୟ ହିତଧାରୀ ପରାମର୍ଶ କର୍ମଶାଳା ଆରମ୍ଭ ହୋଇଛି। ଆଇସିଏଆର୍‌କେନ୍ଦ୍ରୀୟ ଉଦ÷ାନକୃଷି ପରୀକ୍ଷଣ କେନ୍ଦ୍ର (ଚେସ) ପରିସରରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଚଳିତ ମାସ ୩୦ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଅଧିବେଶନରେ ଆଇସିଏଆର୍‌ଚେସ୍‌ର ମୁଖ୍ୟ ଡ. ଜିସି ଆଚାର୍ଯ୍ୟ, ଫାଉଣ୍ଡେସନ୍ ଫର୍ ଇକୋଲଜିକାଲ୍ ସିକ୍ୟୁରିଟିର କୃଷି ବିଶେଷଜ୍ଞ ରାଜେଶ ମିଉଲି, ନିର୍ଦ୍ଦେଶିକା ସପ୍ନଶ୍ରୀ ଷଡ଼ଙ୍ଗୀ, ଆର୍‌ସିଓଏନ୍‌ଏଫ୍ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଜଗତ ସିଂହ, ଏନ୍‌ସିଏନ୍‌ଏଫ୍ ଓଡ଼ିଶାର ରାଜ୍ୟ କନଭେନର ଏକାଦଶୀ ନନ୍ଦୀଙ୍କ ସମେତ ଅନ୍ୟ କୃଷି ବିଶେଷଜ୍ଞମାନେ ଉଦ୍‌ବୋଧନ ଦେଇଥିଲେ। ପ୍ରାକୃତିକ କୃଷିରେ ବ୍ୟବହୃତ ଜୈବ-ଉପାଦାନର ଗୁଣବତ୍ତା, ବୈଜ୍ଞାନିକ ଭିତ୍ତି ଓ ମାନକୀକରଣ ସହ ଏହାର ବିକେନ୍ଦ୍ରୀକୃତ ଉତ୍ପାଦନ ଓ ସହଜ ଉପଲବ୍ଧତା ନେଇ ଏଠାରେ ଆଲୋଚନା ହେଉଛି। ପ୍ରଥମ ଦିନରେ ଜୀବାମୃତ, ବୀଜାମୃତ ଭଳି ପ୍ରାକୃତିକ କୃଷି ଉପାଦାନର ବୈଜ୍ଞାନିକ ଭିତ୍ତି, ଗବେଷଣାଲବ୍ଧ ପ୍ରମାଣ ଓ ଗୁଣବତ୍ତା ମାନ ଉପରେ ବିଶେଷଜ୍ଞମାନେ ମତ ରଖିଥିଲେ। ମୃତ୍ତିକା ସମୃଦ୍ଧିକାରୀ ଉପାଦାନ, ବିହନ ଉପଚାର, ଉଦ୍ଭିଦଭିତ୍ତିକ ପ୍ରସ୍ତୁତି ଓ ପରିବେଶ ଅନୁକୂଳ ବିକଳ୍ପ ଉପାଦାନକୁ ନେଇ ଚାରିଟି ବିଷୟଭିତ୍ତିକ ଗୋଷ୍ଠୀରେ ଆଲୋଚନା କରାଯାଇଛି। ପ୍ରାକୃତିକ କୃଷି ଉପାଦାନର ଗୁଣବତ୍ତାରେ ଭିନ୍ନତା, କଞ୍ଚାମାଲ ଓ ଦେଶୀ ଗୋରୁ ଆଧାରିତ ସମ୍ପଦର ଉପଲବ୍ଧତା, ପ୍ରସ୍ତୁତି ପ୍ରକ୍ରିୟାରେ ଅଧିକ ଶ୍ରମ, ଗୁଣବତ୍ତା ନିଶ୍ଚିତକରଣ ଓ ବଜାର ସଂଯୋଗ ଭଳି ସମସ୍ୟାର ସମାଧାନ ନେଇ ମଧ୍ୟ ବିଚାରବିମର୍ଶ ହେଉଛି। ଆଗାମୀ ଦୁଇଦିନରେ କମ୍ୟୁନିଟି ବାୟୋ-ଇନପୁଟ୍ ରିସୋର୍ସ ସେଣ୍ଟର୍ (ସିବିଆରସି) ମାଧ୍ୟମରେ ବିକେନ୍ଦ୍ରୀକୃତ ଉତ୍ପାଦନ, ନିୟାମକ ବ୍ୟବସ୍ଥା, ବଜାର ସଂଯୋଗ ଓ କୃଷକ ନେତୃତ୍ୱାଧୀନ ଶ୍ରେଷ୍ଠ ପ୍ରୟୋଗ ଉପରେ ଆଲୋଚନା ହେବ। ରାଜ୍ୟରେ ପ୍ରାୟ ୨ ହଜାର ସିବିଆରସି ପ୍ରତିଷ୍ଠା ପାଇଁ ରଣନୀତି ଉପରେ ମଧ୍ୟ ମତବିନିମୟ ହେବ। କାର୍ଯ୍ୟକ୍ରମରେ ବୈଜ୍ଞାନିକ, କୃଷି ବିଶେଷଜ୍ଞ, ଗବେଷକ, ପ୍ରାକୃତିକ କୃଷକ, ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଯୋଗ ଦେଇଛନ୍ତି। ରବିବାର କାର୍ଯ୍ୟକ୍ରମ ଶେଷ ହେବା ସହ ଏକ ପ୍ରତିଷ୍ଠାନଗତ ରୋଡମ୍ୟାପ୍ ଏବଂ 'ଓଡ଼ିଶା ଘୋଷଣାନାମାପ୍ରାକୃତିକ କୃଷି ଉପକରଣର ମାନକୀକରଣ ଓ ବ୍ୟାପକ ପ୍ରସାର' ଗ୍ରହଣ ପ୍ରସ୍ତାବ ରହିଛି।

## ନିବେଶ ଆଳରେ ଦୁଇ କୋଟି ଠକେଇ, ଶିକାର ହୋଇଛନ୍ତି ୨୦ରୁ ଊର୍ଦ୍ଧ୍ୱ

**ଭୁବନେଶ୍ୱର (ପିପିଏସ୍):** ନିବେଶ କରିବା ଆଳରେ ଦୁଇ ଭାଇ ମିଶି ଦୁଇ କୋଟି ଟଙ୍କା ଠକି ନେଇଛନ୍ତି । ଖାଲି ଦୁଇ ଭାଇ ନୁହନ୍ତି, ତାଙ୍କ ସହ ମହିଳା ମ୍ୟାନେଜର ମଧ ସାମିଲ୍ ଅଛନ୍ତି। ଅଭିଯୋଗ ପାଇବା ପରେ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଧିଆଖାଲ ଅରବିନ୍ଦ କଲୋନୀର ସ୍ମୃତି ରଞ୍ଜନ ବେହେରା (୩୧)।

ପୁଲିସ ସୂଚନାନୁସାରେ, ସ୍ମୃତି, ତା'ର ଭାଇ ସୌମ୍ୟରଞ୍ଜନ ଓ ମ୍ୟାନେଜର ସୁଚିତ୍ରା ସାମଲ ମିଶି ଇଷ୍ଟ୍ ଏଜ୍ ପ୍ରାଇଭେଟ ଲିମିଟେଡ ନାମକ ଟ୍ରେଡିଂ କମ୍ପାନୀ ପରିଚାଳନା କରୁଥିଲେ। କମ୍ପାନୀରେ ଟଙ୍କା ନିବେଶ କଲେ ନିବେଶ ରାଶି ଉପରେ ପ୍ରତି ମାସରେ ୧୦% ଲାଭ ପାଇବେ ବୋଲି ଦୁଇ ଭାଇ ଓ ସୁଚିତ୍ରା ମିଶି ଚିତ୍ତରଞ୍ଜନ ନାଥଶର୍ମା ଓ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇଥିଲେ।




ବାରମ୍ବାର ଏପରି ଆଶ୍ୱାସନା ଦେଇ ନିବେଶକମାନଙ୍କ ମନରେ ବିଶ୍ୱାସ ସୃଷ୍ଟି କରିଥିଲେ। ନିବେଶ ଟଙ୍କା ସୁରକ୍ଷିତ ରହିବ ଏବଂ ପ୍ରତି ମାସରେ ନିର୍ଦ୍ଧାରିତ ୧୦% ଲାଭ ନିୟମିତ ଭାବେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚିତ୍ତରଞ୍ଜନ ଓ ଅନ୍ୟ ନିବେଶକମାନେ ଚେକ୍, ବ୍ୟାଙ୍କ ଟ୍ରାନ୍ସଫର, ୟୁପିଆଇ ଓ ନଗଦ ଆକାରରେ କମ୍ପାନୀରେ ନିବେଶ କରିଥିଲେ। କେତେକ କ୍ଷେତ୍ରରେ ନିବେଶକ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା କରାଯାଇ ଟଙ୍କା ନିବେଶ କରାଯାଇଥିଲା। ପ୍ରାୟ ୨୦ ଜଣ ନିବେଶକ ମିଶି ୨ କୋଟି ୨୧ ଲକ୍ଷ ଟଙ୍କା ନିବେଶ କରିଥିଲେ। କିନ୍ତୁ ଟଙ୍କା ନେବା ପରେ ଅଭିଯୁକ୍ତମାନେ ପ୍ରତିଶ୍ରୁତି ଅନୁଯାୟୀ ମାସିକ ଲାଭ ଦେଇ ନଥିଲେ। ଅଭିଯୋଗକାରୀ ଓ ଅନ୍ୟ ନିବେଶକମାନେ ଲାଭ ସହ ମୂଳ ଟଙ୍କା ଫେରସ୍ତ ପାଇଁ କହିବାରୁ ସେମାନେ ଟଙ୍କା ଦେଇ ନଥିଲେ। ନିବେଶ ଟଙ୍କା ଟ୍ରେଡିଂ କାରବାରରେ ଅଟକି ରହିଛି ଓ ଶୀଘ୍ର ଟଙ୍କା ମିଳିଯିବ ବୋଲି କହି ଅଧିକ ସମୟ ମାଗିଥିଲେ। ଟ୍ରେଡିଂରୁ ଟଙ୍କା ମିଳିବା ପରେ ନିବେଶ ଟଙ୍କା ସହ ଲାଭ ମଧ ଫେରସ୍ତ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ।

ସେମାନଙ୍କ କଥାରେ ବିଶ୍ୱାସ କରି ନିବେଶକମାନେ ପ୍ରାୟ ୪ ମାସ ଅପେକ୍ଷା କରିଥିଲେ। ଏହାପରେ ମଧ ଅଭିଯୁକ୍ତମାନେ ଫୋନ୍ ମାଧ୍ୟମରେ ବାରମ୍ବାର ଆଶ୍ୱାସନା ଦେଇ ଟଙ୍କା ଫେରସ୍ତ ପାଇଁ ଆହୁରି ସମୟ ମାଗୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ କମ୍ପାନୀର ଅଫିସ୍ ବନ୍ଦ କରିବା ସହ ମୋବାଇଲ୍ ନମ୍ବର୍ ସୁଇଚ୍ ଅଫ୍ କରିଦେଇଥିଲେ। ଚିତ୍ତରଞ୍ଜନ ଓ ଅନ୍ୟ ନିବେଶକମାନେ ମିଶି ଖାରବେଳ ନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲାର ପ୍ରାୟ ୧୫ ମାସ ପରେ ସ୍ମୃତିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସଂପୃକ୍ତ ସ୍ମୃତିର ଭାଇ ସୌମ୍ୟରଞ୍ଜନ ଓ ମ୍ୟାନେଜର ସୁଚିତ୍ରା ସାମଲ ଫେରାର ରହିଛନ୍ତି।






# ୟୁକ୍ରେନ୍ ଉପରେ ରୁଷ୍ ସେନାର ଘନଘନ ବିମାନ ଆକ୍ରମଣ




ନୂଆଦିଲ୍ଲୀ: ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଂଚଳରେ ରୁଷ ସେନା ପକ୍ଷରୁ ସାରାରାତି କରାଯାଇଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏନେଇ ଆଜି (ମଙ୍ଗଳବାର) କହିଛନ୍ତି ଯେ, ଆକ୍ରମଣରେ ଜଣେ ଭାରତୀୟ ନାଗରିକ ସମେତ ମୋଟ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ଅନେକ ଲୋକ ଆହତ ହୋଇଛନ୍ତି। ଲଗାତାର ଷଷ୍ଠ ଦିନ ପାଇଁ କିଭ୍ ଟାର୍ଗେଟ ହେବା ସହିତ, ରାଜଧାନୀ ଏବଂ ଆଖପାଖ ଅଞ୍ଚଳରେ ଯୁଦ୍ଧର ତୀବ୍ରତା ପୁଣି ଥରେ ବୃଦ୍ଧି ପାଉଥିବା ପରି ମନେ ହେଉଛି। ରୁଷ ସେନା ରାତାରାତି କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ଆରମ୍ଭ କରିଛି। ରାଜଧାନୀର ଅନେକ ସ୍ଥାନରେ ବିସ୍ଫୋରଣ ଶୁଣାଯାଇଛି। ୟୁକ୍ରେନୀୟ ଅଧିକାରୀଙ୍କ ଅନୁଯାୟୀ, ଆକ୍ରମଣରେ ଆବାସିକ କୋଠା ଏବଂ ଅନ୍ୟାନ୍ୟ ନାଗରିକ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଅନେକ ସ୍ଥାନରେ ଅଗ୍ନିକାଣ୍ଡ ପରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ କରିବା ପାଇଁ ଜରୁରୀକାଳୀନ ଦଳ ଗୁଡ଼ିକୁ ନିୟୋଜିତ କରାଯାଇଥିଲା।


ଜେଲେନସ୍କି ସୋସିଆଲ ମିଡିଆରେ ଆକ୍ରମଣ ପରେ ପରିସ୍ଥିତି ବର୍ଣ୍ଣନା କରି କହିଛନ୍ତି ଯେ ରୁଷ ବହୁ ସଂଖ୍ୟକ ଜେଟ୍ ଚାଳିତ ଡ୍ରୋନ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବ୍ୟବହାର କରିଛି। ସେ ଆହୁରି କହିଛନ୍ତି ଯେ, ଆକ୍ରମଣରେ ଆବାସିକ କୋଠା ଏବଂ ନାଗରିକ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ୟୁକ୍ରେନୀୟ ରାଷ୍ଟ୍ରପତି କହିଛନ୍ତି ଯେ, ଆକ୍ରମଣରେ ଜଣେ ଭାରତୀୟ ନାଗରିକ ସମେତ ୧୨ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ସେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଏବଂ ପ୍ରିୟଜନଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ଜେଲେନସ୍କି ଏହି ଦାବି ଏପରି ଏକ ସମୟରେ କରିଛନ୍ତି ଯେତେବେଳେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ପ୍ରଧାନମନ୍ତ୍ରୀ ମୋଦି ଝଉଙ ସମ୍ମିଳନୀ ଅବସରରେ ବିଶକେକରେ ସାକ୍ଷାତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ପୁଟିନଙ୍କୁ ଯୁଦ୍ଧ ସମାପ୍ତ କରିବାକୁ ନିବେଦନ କରିଥିଲେ।

# ଟ୍ରମ୍ପଙ୍କ ଚେତାବନୀ; ବ୍ରିକ୍ସ ସମ୍ମିଳନୀ ଭାରତ ପାଇଁ ବଡ଼ କୂଟନୈତିକ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ: ବ୍ରିକ୍ସ ଶିଖର ସମ୍ମିଳନୀରେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହମତି ସୃଷ୍ଟି କରିବା ପାଇଁ ଭାରତ ବ୍ୟାପକ ପ୍ରୟାସ ଆରମ୍ଭ କରିଛି । ସମ୍ମିଳନୀ ଶେଷରେ ସବୁ ଦେଶର ସମ୍ମତିକ୍ରମେ ଏକ ସର୍ବସମ୍ମତ ଜଏଣ୍ଟ ଷ୍ଟେଟମେଣ୍ଟ ଜାରି କରିବାକୁ ଭାରତ ଚାହୁଁଥିବା ବେଳେ, ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଏବଂ ଆମେରିକା ସହ କୂଟନୈତିକ ସନ୍ତୁଳନ ରକ୍ଷା କରିବା ଏବେ ନୂଆଦିଲ୍ଲୀ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତ ନିଜ ଅଧ୍ୟକ୍ଷତାରେ ବ୍ରିକ୍ସକୁ ଆମେରିକା କିମ୍ବା ପାଶ୍ଚାତ୍ୟ ଦେଶଗୁଡ଼ିକ ବିରୋଧରେ କୌଣସି ଆକ୍ରମଣାତ୍ମକ ମଞ୍ଚ ଭାବେ ବ୍ୟବହାର କରିବାକୁ ଦେବାକୁ ଚାହୁଁନାହିଁ । ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ବ୍ରିକ୍ସ ମଞ୍ଚରୁ ଆମେରିକା ବିରୋଧରେ କୌଣସି ନିନ୍ଦା ପ୍ରସ୍ତାବ ଆସୁ ବୋଲି ପସନ୍ଦ କରୁନାହିଁ । ତେଣୁ ଜଏଣ୍ଟ ଷ୍ଟେଟମେଣ୍ଟରେ ବ୍ୟବହୃତ ହେବାକୁ ଥିବା ଶବ୍ଦାବଳୀ ଉପରେ ଭାରତ ବିଶେଷ ସତର୍କତା ଅବଲମ୍ବନ କରୁଛି ।

ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତିକୁ ନେଇ ଇରାନ ଏହି ବୈଠକରେ ଆମେରିକା ଓ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନକୁ କଠୋର ଭାଷାରେ ନିନ୍ଦା କରିବାକୁ ଦାବି କରିପାରେ । ଏଥିସହ ନିଜ ଆଞ୍ଚଳିକ ସୁରକ୍ଷା ପାଇଁ ଅନ୍ୟ ସଦସ୍ୟ ଦେଶଙ୍କ ସମର୍ଥନ ଲୋଡ଼ିପାରେ । ଚୀନ୍ ଏବଂ ରୁଷ ଭଳି ପ୍ରମୁଖ ସଦସ୍ୟ ଦେଶଗୁଡ଼ିକ ଇରାନର ନିକଟତର ହୋଇଥିବାରୁ, ଏହି ବିଷୟରେ ସବୁ ଦେଶକୁ ଗୋଟିଏ ସାଧାରଣ ସହମତିକୁ ଆଣିବା ଭାରତ ପାଇଁ ଆଦୌ ସହଜ ହେବନାହିଁ। ଯଦି ପଶ୍ଚିମ ଏସିଆ ସଙ୍କଟ କିମ୍ବା ଅନ୍ୟାନ୍ୟ ପ୍ରସଙ୍ଗରେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସମ୍ପୂର୍ଣ୍ଣ ସହମତି ପ୍ରକାଶ ନପାଏ, ତେବେ ମିଳିତ ଘୋଷଣାପତ୍ର ଜାରି ହେବାରେ ସମସ୍ୟା ସୃଷ୍ଟି ହୋଇପାରେ । ଏଭଳି ପରିସ୍ଥିତିରେ ଅଧ୍ୟକ୍ଷତା କରୁଥିବା ଦେଶ ପକ୍ଷରୁ ପ୍ରଥା ଅନୁଯାୟୀ ଏକ ଅଲଗା 'ଚେୟାର ସମ୍ମରୀ' ଜାରି କରାଯାଇପାରେ ।

କେବଳ ଭୂ-ରାଜନୀତି ନୁହେଁ, ଆର୍ଥିକ ନୀତିକୁ ନେଇ ମଧ୍ୟ ଭାରତ ଉପରେ ଚାପ ରହିଛି । ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ନିଜ ନିଜ ମଧ୍ୟରେ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମାଇ ସ୍ଥାନୀୟ ମୁଦ୍ରାରେ ବ୍ୟାପାର ବୃଦ୍ଧି କରିବାକୁ ଚେଷ୍ଟା କରୁଛନ୍ତି । ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଚେତାବନୀ ଦେଇସାରିଛନ୍ତି ଯେ, ଡଲାରକୁ ଦୁର୍ବଳ କରୁଥିବା କୌଣସି ପଦକ୍ଷେପରୁ ବ୍ରିକ୍ସ ଦେଶଗୁଡ଼ିକ ଦୂରେଇ ରହିବା ଉଚିତ୍ । ତେଣୁ ଏହି ସମ୍ମିଳନୀରେ ସ୍ଥାନୀୟ ମୁଦ୍ରାର ବ୍ୟବହାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ହେଲେ ତାହା ଆମେରିକାର ଚିନ୍ତା ବଢ଼ାଇପାରେ ।



# ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ପାର୍



କାଠମାଣ୍ଡୁ: ନେପାଳରେ ଭୟାବହ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ମୃତ୍ୟୁସଂଖ୍ୟା ୧ ହଜାର ପାର୍ କରିଛି। ନେପାଳରେ ୯୮୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପଡ଼ୋଶୀ ଚୀନ୍‌ରେ ମଧ୍ୟ ୧୬ ଜଣଙ୍କ ମୃତ୍ୟୁ ସୂଚନା ମିଳିଛି। ଫଳରେ ଦୁଇ ଦେଶରେ ମୋଟ ମୃତ୍ୟୁସଂଖ୍ୟା ୧ ହଜାର ୩ ଜଣରେ ପହଞ୍ଚିଛି।

ନେପାଳ ବିପର୍ଯ୍ୟୟ ବିଭାଗର ସୂଚନା ଅନୁଯାୟୀ, ଏହି ବିପର୍ଯ୍ୟୟରେ ଏବେ ବି ୩୯୧୬ ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ୫୮୩ ଜଣ ବିଦେଶୀ ନାଗରିକ ରହିଥିବା ଜଣାପଡ଼ିଛି। ବନ୍ୟା ଓ ଭୂସ୍ଖଳନ ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି।ପ୍ରତିକୂଳ ପାଣିପାଗ ଓ ଦୁର୍ଗମ ଭୌଗୋଳିକ ପରିସ୍ଥିତି ମଧ୍ୟରେ ଉଦ୍ଧାରକାରୀ ଦଳ ଜୋରଦାର ଅଭିଯାନ ଚଳାଇଛନ୍ତି। ବିପର୍ଯ୍ୟୟ ମଧ୍ୟରୁ ଏଯାବତ୍ ୧୧ ହଜାର ୮୧୪ ଜଣଙ୍କୁ ଉଦ୍ଧାର କରାଯାଇଛି। ବନ୍ୟାରେ ବ୍ୟାପକ ଭାବେ ଘରଦ୍ୱାର, ରାସ୍ତାଘାଟ ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବାରୁ ଅନେକ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିଖୋଜଙ୍କ ସଂଖ୍ୟା ଅଧିକ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

# ନିଖୋଜ ବାପା-ମା', ଆଖିରେ ଲୁହ... ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେବ



ଆଦିଲ୍ଲୀ: ନେପାଳରେ ୨୦୨୬ ଅଗଷ୍ଟ ୨୬ ତାରିଖରେ ହୋଇଥିବା ହଠାତ୍ ବନ୍ୟା ଏବଂ ଭୂସ୍ଖଳନ ବଡ଼ଧରଣର ଧ୍ୱଂସ ଘଟାଇଛି । ଏପର୍ଯ୍ୟନ୍ତ ୯୦୦ରୁ ଅଧିକ ଲୋକଙ୍କ ଶବ ଉଦ୍ଧାର କରାଯାଇଥିବା ବେଳେ ୩୦୦୦ରୁ ଅଧିକ ଲୋକ ଏବେବି ନିଖୋଜ ଅଛନ୍ତି । ଏହି ନିଖୋଜ ବ୍ୟକ୍ତିମାନଙ୍କ ଭିତରେ ୨୪ ବର୍ଷୀୟା ନୀଟ୍ ପିଜି ଛାତ୍ରୀ ତନଓ୍ୱୀଙ୍କ ବାପା-ମା' ମଧ୍ୟ ଅଛନ୍ତି । କୈଳାସ ଯାତ୍ରାକୁ ଯାଇଥିବା ତାଙ୍କ ବାପା-ମା'ଙ୍କର କୌଣସି ଖବର ମିଳିପାରି ନାହିଁ, ଏପରି କଠିନ ପରିସ୍ଥିତିରେ ମଧ୍ୟ ତନଓ୍ୱୀଙ୍କ ସାହସ ଓ ଦୃଢ଼ତା ସମସ୍ତଙ୍କ ପାଇଁ ଏକ ପ୍ରେରଣା ପାଲଟିଛି । ଇନଷ୍ଟାଗ୍ରାମରେ ନିଜର ଭାବବିହ୍ୱଳ କାହାଣୀ ସେୟାର କରି ତନଓ୍ୱୀ ଜଣାଇଛନ୍ତି ଯେ, ପରୀକ୍ଷା ଦେବାକୁ ଯିବାବେଳେ ତାଙ୍କ ହାତ କମ୍ପୁଥିଲା ଏବଂ ଆଖିରୁ ଲୁହ ଥମୁ ନଥିଲା । ଲୁହ ଯୋଗୁଁ କମ୍ପ୍ୟୁଟର ସ୍କ୍ରିନ୍ ରେ ମଧ୍ୟ ତାଙ୍କୁ ସବୁ ଅସ୍ପଷ୍ଟ ଦେଖାଯାଉଥିଲା । ତଥାପି ସେ ହାର ମାନି ନଥିଲେ ଏବଂ ନିଜ ବାପା-ମା'ଙ୍କ ପାଇଁ ନୀଟ୍ ପିଜି ପରୀକ୍ଷା ଦେଇଥିଲେ । ତିନି ଘଣ୍ଟାର ପରୀକ୍ଷା ମଧ୍ୟରୁ ପ୍ରାୟ ଅଧା ସମୟ ସେ କେବଳ କାନ୍ଦିବାରେ କାଟିଥିଲେ । ସ୍କ୍ରିନ୍ ରେ ଦେଖାଯାଉଥିବା ଆଡମିଟ୍ କାର୍ଡର ଫଟୋଟି ତାଙ୍କ ବାପା ହିଁ ଉଠାଇଥିଲେ, ପରୀକ୍ଷା ସମୟରେ ବାରମ୍ବାର ବାପା-ମା'ଙ୍କ କଥା ତାଙ୍କ ମନକୁ ଆସୁଥିଲା ବୋଲି ସେ କହିଛନ୍ତି । ନିଜର ଏଭଳି ସ୍ଥିତି ସତ୍ତ୍ୱେ ସେ କାହିଁକି ପରୀକ୍ଷା ଦେଲେ ସେ ସମ୍ପର୍କରେ ତନଓ୍ୱୀ କହିଛନ୍ତି, 'ମୋତେ କେବଳ ଏତିକି ଜଣାଥିଲା ଯେ, ମୋ ବାପା ଚାହୁଁଥିଲେ ମୁଁ ଏହି ପରୀକ୍ଷା ଦିଏ ଏବଂ ମୋତେ ମୋର ବାପା-ମା'ଙ୍କ ପାଇଁ ଏହା କରିବାକୁ ହିଁ ପଡ଼ିବ ।' ତନଓ୍ୱୀଙ୍କ ମା' ଅନାଘା ଅନ୍ନମଦେବରା ଏବଂ ବାପା ଭେଙ୍କଟରାମ ଅନ୍ନମଦେବରା ଅନ୍ୟ ୬୭ ଜଣଙ୍କ ସହ ଏକ ଗ୍ରୁପ୍ରେ କୈଳାସ ଯାତ୍ରାକୁ ବାହାରିଥିଲେ । ନେପାଳରେ ବିପର୍ଯ୍ୟୟ ପରଠାରୁ ଟ୍ରାଭେଲ୍ ଗ୍ରୁପ୍ କିମ୍ବା ଆୟୋଜକ ସଂସ୍ଥାର କୌଣସି ବ୍ୟକ୍ତିଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ବନ୍ୟା ଯୋଗୁଁ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବାବେଳେ, ବାପା-ମା'ଙ୍କ ସୁରକ୍ଷିତ ଫେରିଆସିବେ ବୋଲି ତନଓ୍ୱୀ ଦୃଢ଼ ଆଶା ରଖିବାବା ସହ ସମସ୍ତଙ୍କଠାରୁ ପ୍ରାର୍ଥନା ଲୋଡ଼ିଛନ୍ତି । କହିରଖୁ କି, ଦେଶର ୧,୧୧୧ଟି ପରୀକ୍ଷା କେନ୍ଦ୍ରରେ ଭଳି ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ କୋର୍ସରେ ନାମଲେଖା ପାଇଁ ଏହି ନୀଟ୍ ପିଜି ପରୀକ୍ଷା ହୋଇଥିଲା । ୨.୬୩ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଏହି ପରୀକ୍ଷା ଏକ ସିଙ୍ଗଲ୍ ସିଫ୍ଟରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ କରାଯାଇଥିଲା । ତେବେ ଜୟପୁରର ସୀତାପୁରରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଦୁଇଟି କେନ୍ଦ୍ରର ପରୀକ୍ଷା ବାତିଲ ହୋଇଥିବା ବେଳେ ତାହା ଆଗାମୀ ସେପ୍ଟେମ୍ବର ୫, ୨୦୨୬ରେ ହେବ ।

# ପୁଣି ପରସ୍ପରକୁ ଆକ୍ରମଣ କଲେ ଆମେରିକା ଓ ଇରାନ



ତେହରାନ: ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ପୁନର୍ବାର ପରସ୍ପର ଉପରେ ଆକ୍ରମଣ କରିଛନ୍ତି। ଆମେରିକା ସେନା ହର୍ମୁଜ ପ୍ରଣାଳୀରେ ଥିବା ଇରାନୀ ରକେଟ୍ ଲଞ୍ଚରଗୁଡ଼ିକ ଉପରେ ଆକ୍ରମଣ କରିଛି। କିଛି ଦିନର ଅସ୍ତ୍ରବିରତି ପରେ ଆମେରିକା ପୁଣି ଥରେ ଇରାନ ଉପରେ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇରାନ ଏହି ଆକ୍ରମଣକୁ ଘାତକ ବୋଲି କହି ପ୍ରତିଶୋଧ ସ୍ୱରୂପ ଜୋର୍ଡାନରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ଦ୍ୱାରା ପୁଣି ଥରେ ଯୁଦ୍ଧ ଆଶଙ୍କା ଘନେଇଛି।

ଆମେରିକାର କେନ୍ଦ୍ରୀୟ କମାଣ୍ଡ ମୁଖପାତ୍ର ଟିମ୍ ହକିନ୍ସଙ୍କ ଅନୁଯାୟୀ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସର ସୈନିକମାନେ ହର୍ମୁଜ୍ ପ୍ରଣାଳୀରେ ରକେଟ୍ ବ୍ୟବହାର କରି ସମୁଦ୍ର ମାଇନ୍ସ ବିଛାଇବାକୁ ପ୍ରସ୍ତୁତ ହେଉଥିଲେ। ତେଣୁ ଆମେରିକୀୟ ସେନା ରକେଟ୍ ଲଞ୍ଚରଗୁଡ଼ିକୁ ଟାର୍ଗେଟ କରିଥିଲା। ଗତ ସପ୍ତାହରେ, ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀରେ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପଥରୁ ମାଇନ୍ସ ସଫା କରିବା ସମାପ୍ତ କରିଥିଲା। ଇରାନୀ ଗଣମାଧ୍ୟମ ଲାରାକ ଦ୍ୱୀପ ନିକଟରେ ବିସ୍ଫୋରଣ ହୋଇଥିବା ନେଇ ସୂଚନା ଦେଇଛି। ଇରାନୀ ରିଭଲ୍ୟୁସନରୀ ଗାର୍ଡ କହିଛି ଯେ ଏହି ଆକ୍ରମଣରେ ଆମର କିଛି ସେନ୍ୟ ଏବଂ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଆମେରିକାର ଆକ୍ରମଣ ପରେ ଜୋର୍ଡାନରେ ଥିବା ଆମେରିକୀୟ ଘାଟିକୁ ଇରାନ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଜୋର୍ଡାନ ସେନା ଅନୁଯାୟୀ ସୋମବାର ପ୍ରତ୍ୟୁଷରେ ଏହାର ବାୟୁମଣ୍ଡଳରେ ପ୍ରବେଶ କରିଥିବା ୮ ଇରାନୀ କ୍ଷେପଣାସ୍ତ୍ରକୁ ଗୁଳି କରି ଖସାଇ ଦିଆଯାଇଛି। ଇରାନୀ ରିଭଲ୍ୟୁସନରୀ ଗାର୍ଡର ମୁଖପାତ୍ର ଜେନେରାଲ ହୋସେନ୍ ମୋହେବି ଆମେରିକାର ଆକ୍ରମଣକୁ ବଡ ଭୁଲ୍ ବୋଲି କହିଛନ୍ତି। ଆମେରିକା ଜୁଲାଇ ୨୯ରେ ଇରାନ ଉପରେ ଆକ୍ରମଣ କରିଥିଲା।


# ମଣିଷଠୁ ଅଧିକ ବୁଦ୍ଧିମାନ ହୋଇଯିବ ଏଆଇ: ମସ୍କ



ନୂଆଦିଲ୍ଲୀ: ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀ ଏଲନ ମସ୍କ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ନେଇ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଏଆଇ ବହୁତ ଶୀଘ୍ର ମଣିଷ ଭଳି ଚିନ୍ତା କରିବାର ସାମର୍ଥ୍ୟ ପାଇବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଏହା କମ୍ପ୍ୟୁଟର ଓ ଇଣ୍ଟରନେଟ ସମ୍ବନ୍ଧିତ କାମରେ ମଣିଷକୁ ପଛରେ ପକାଇ ଦେବ। ଏହା ଫଳରେ ଇଣ୍ଟରନେଟ ଓ ହ୍ୟାକିଂ କ୍ଷେତ୍ରରେ ବିପଦ ବୃଦ୍ଧି ପାଇବ। କମ୍ପ୍ୟୁଟରର ଦୁର୍ବଳତା ଖୋଜି ଏଆଇ ତା'କୁ ସହଜରେ ହ୍ୟାକ କରିଦେବ। ତେବେ ଏଆଇର ଏହି ସୁପରହ୍ୟୁମାନ କ୍ଷମତା ଏବେ କେବଳ ଡିଜିଟାଲ ଦୁନିଆରେ ସୀମିତ ରହିବ। କଳକାରଖାନାରେ ଉତ୍ପାଦନ, ବାସଗୃହ ନିର୍ମାଣ ଆଦି ତୃଣମୂଳସ୍ତରର କାର୍ଯ୍ୟରେ ଏଆଇ ମଣିଷର ସ୍ଥାନ ନେଇପାରିବ ନାହିଁ। ତେଣୁ 'ଦ ମ୍ୟାଟ୍ରିକ୍ସ' ଚଳଚ୍ଚିତ୍ର ଭଳି ରୋବୋଟଙ୍କ ଦୁନିଆ ବିଷୟରେ ଲୋକଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ। ସାମାଜିକ ଗଣମାଧ୍ୟମରେ ଏକ ପ୍ରଶ୍ନର ଉତ୍ତର ଦେଇ ଏଲନ ମସ୍କ ଏହା କହିଛନ୍ତି।

**ପୁଣି ବିଶ୍ୱ ଦେଖିଲା ପାକିସ୍ତାନର ହୀନ ବୁଦ୍ଧି**

# ବ୍ରିକ୍ସ ସମ୍ମିଳନୀ ଗ୍ରୁପ ଫଟୋରୁ ହଟାଇଲା ମୋଦୀଙ୍କ ଫଟୋ



ନୂଆଦିଲ୍ଲୀ: ପାକିସ୍ତାନ ପୁଣି ଥରେ ନିଜର ଛୋଟ ଚିନ୍ତାଧାରାକୁ ବିଶ୍ୱକୁ ଦେଖାଇଛି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏସସିଓ ସମ୍ମିଳନୀ ୨୦୨୬ ର ଗ୍ରୁପ୍ ଫଟୋରୁ ହଟାଇ ସୋସିଆଲ ମିଡିଆରେ ସମାନ ଫଟୋ ସେୟାର କରିଛି। ପାକ୍ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ ଏହି ଫଟୋକୁ ତାଙ୍କ ଢ ହ୍ୟାଣ୍ଡେଲରେ ସେୟାର କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀ ଗ୍ରୁପ୍ ଫଟୋକୁ ଠିକ୍ ସେହିପରି ସେୟାର କରିଥିଲେ। ପିଏମ ମୋଦୀଙ୍କ ହ୍ୟାଣ୍ଡେଲରୁ ସେୟାର ହୋଇଥିବା ଫଟୋରେ ଶାହାବାଜ ମଧ୍ୟ ଅଛନ୍ତି। ପାକିସ୍ତାନର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଆଜି (ମଙ୍ଗଳବାର) ଟ୍ୱିଟରରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ଦୁଇଟି ଚିତ୍ର ଅଛି । ଏହି ଫଟୋ ଗୁଡ଼ିକ ଏସସିଓ ଶିଖର ସମ୍ମିଳନୀରେ ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦୀ କ୍ରପ୍ ହୋଇଛନ୍ତି। ଏହି ଫଟୋ ଅଧା କାଟି ଦିଆଯାଇଥିଲା । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଏହି ଛୋଟ କାର୍ଯ୍ୟ ବିଶ୍ୱ ସାମ୍ନାକୁ ଆସିଛି। ପାକ୍ ପିଏମଓ ଏହି ପୋଷ୍ଟରେ ଲେଖିଛି କି, 'ପ୍ରଧାନମନ୍ତ୍ରୀ ମହମ୍ମଦ ଶେହବାଜ ସରିଫ ୧ ସେପ୍ଟେମ୍ବର ୨୦୨୬ ରେ କିର୍ଗିଜସ୍ଥାନର ବିଶକେକରେ ଥିବା ଏସସିଓ କାଉନସିଲ୍ ଅଫ୍ ହେଡସ୍ ଷ୍ଟେଟ୍ ସମ୍ମିଳନୀରେ ରାଷ୍ଟ୍ରାଧ୍ୟକ୍ଷ ମାନଙ୍କ ସହ ଏକ ଗ୍ରୁପ୍ ଫଟୋରେ।'

# ପାକିସ୍ତାନରେ ପୁରୁଣା ହିନ୍ଦୁ ମନ୍ଦିର ଭଙ୍ଗା



ଇସଲାମାବାଦ: ପାକିସ୍ତାନରେ ହିନ୍ଦୁ ସଂଖ୍ୟାଲଘୁ ଓ ସେମାନଙ୍କ ଧାର୍ମିକ ସ୍ଥଳକୁ ନେଇ ପୁଣି ଏକ ବଡ଼ ଅଭିଯୋଗ ସାମ୍ନାକୁ ଆସିଛି। ପଞ୍ଜାବ ପ୍ରଦେଶର ନାରୋଓ୍ୱାଲ ଜିଲ୍ଲାରେ ଥିବା ୧୦୦ରୁ ୧୨୫ ବର୍ଷ ପୁରୁଣା ଏକ ହିନ୍ଦୁ ମନ୍ଦିରକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକ ଓ ସଂଖ୍ୟାଲଘୁ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ମନ୍ଦିରର ଜମିକୁ ନିକଟସ୍ଥ ଏକ ମଦ୍ରାସାର ଜମିରେ ମିଶାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ତେବେ ପାକିସ୍ତାନ ସରକାର ପକ୍ଷରୁ ଭିନ୍ନ ଦାବି କରାଯାଇଛି ଯେ, ବର୍ଷା ଯୋଗୁଁ ମନ୍ଦିରର ଢାଞ୍ଚା ଭୁଶୁଡ଼ି ପଡିଛି। ସମ୍ବାଦ ସଂସ୍ଥା ଚଞ୍ଚଓର ରିପୋର୍ଟ ଅନୁସାରେ, ଗତ ୨୧ ଅଗଷ୍ଟରେ ନିଷିଦ୍ଧ କଟ୍ଟରପନ୍ଥୀ ଇସଲାମିକ ସଂଗଠନ ତହରିକ୍-ଏ-ଲବ୍ବାଇକ୍ ପାକିସ୍ତାନ (ଞଖଚ) ସହ ଜଡ଼ିତ କିଛି ଲୋକ ମନ୍ଦିରକୁ ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏହି ମନ୍ଦିରଟି ଲାହୋରଠାରୁ ପ୍ରାୟ ୧୩୦ କିଲୋମିଟର ଦୂରରେ ଥିବା ପଞ୍ଜାବର ନାରୋଓ୍ୱାଲ ଜିଲ୍ଲାର ସିରାଜ ଗାଁରେ ଅବସ୍ଥିତ ଥିଲା। ପ୍ରାୟ ୧୦୦୦ ବର୍ଗମିଟର ଅଞ୍ଚଳରେ ଏହି ମନ୍ଦିର ପରିସର ରହିଥିଲା। ସ୍ଥାନୀୟ ଗୋଷ୍ଠୀମାନଙ୍କ ଦାବି ଅନୁସାରେ, ମନ୍ଦିରଟି ପ୍ରାୟ ୧୦୦ରୁ ୧୨୫ ବର୍ଷ ପୁରୁଣା ଥିଲା। ଅନ୍ୟପକ୍ଷରେ, ସରକାର ଏହାକୁ ବର୍ଷାଜନିତ ଘଟଣା ବୋଲି କହିଛି।

ପରଭେଜ ସହୋତ୍ରାଙ୍କ ଆହୁରି ଅଭିଯୋଗ କରିଛନ୍ତି ଯେ, ମନ୍ଦିର ଭାଙ୍ଗିବା ପରେ ଏହାର ଶିଖରରେ ଥିବା ଧାତୁ ସାମଗ୍ରୀ ସହ ମନ୍ଦିରର ଇଟା ଏବଂ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ମଧ୍ୟ ସେଠାରୁ ହଟାଇ ଦିଆଯାଇଛି। ତାଙ୍କ ଦାବି ଅନୁସାରେ, ମନ୍ଦିର ନିକଟରେ ଥିବା ଜମିକୁ ପ୍ରଥମେ ଇଭାକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ (ଋଞଚଈ) ଏକ ମଦ୍ରାସାକୁ ଲିଜ୍ରେ ଦେଇଥିଲା। କିନ୍ତୁ ବର୍ଷ ବର୍ଷ ଧରି ଲିଜ୍ ଟଙ୍କା ଦିଆଯାଇନଥିବାରୁ ପରେ ସେହି ଲିଜ୍ ବାତିଲ କରାଯାଇଥିବା ଦାବି କରାଯାଇଛି। ସେହିପରି, ଅନେକ ଲୋକ ମନ୍ଦିର ସହ ଜଡ଼ିତ କ୍ୱାର୍ଟର ଏବଂ ସମ୍ପତ୍ତିର ଅନ୍ୟ ଅଂଶ ମଧ୍ୟ ଦଖଲ କରିଥିବା ସହୋତ୍ରା ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ପାକିସ୍ତାନରେ ହିନ୍ଦୁ ଧାର୍ମିକ ସ୍ଥଳର ସୁରକ୍ଷା ଏବଂ ସଂଖ୍ୟାଲଘୁଙ୍କ ଅଧିକାରକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି।

# ତାଲିବାନର ବଡ଼ ସର୍ତ୍ତ ! ଆମେରିକା ହଟାଇବ କି କଟକଣା ?



ନୂଆଦିଲ୍ଲୀ: ଆଫଗାନିସ୍ତାନର ତାଲିବାନ ସରକାର ଏବେ ଆମେରିକା ସହ ସମ୍ପର୍କ ସୁଧାରିବା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି । ତାଲିବାନ କ୍ଷମତାକୁ ଫେରିବାର ପ୍ରାୟ ୫ ବର୍ଷ ପରେ, ଆମେରିକା ଦ୍ୱାରା ଲଗାଯାଇଥିବା କଠୋର ଆର୍ଥିକ କଟକଣା ହଟାଇବା ଏବଂ ଜବତ ହୋଇଥିବା ପାଣ୍ଠି ଫେରସ୍ତ ପାଇଁ ତାଲିବାନ ଏକ ବିଶାଳ ଆର୍ଥିକ ପ୍ରସ୍ତାବ ଆଗତ କରିଛି । ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ସରକାରଙ୍କୁ ତାଲିବାନ ପ୍ରାୟ ୧ ଟ୍ରିଲିୟନ ଡଲାର ମୂଲ୍ୟର ଆକର୍ଷଣୀୟ ନିବେଶ ଅଫର ଦେଇଛି । 'ଫାଇନାନ୍ସିଆଲ ଟାଇମ୍ସ'କୁ ଦେଇଥିବା ଏକ ସାକ୍ଷାତକାରରେ ତାଲିବାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତାକୀ କହିଛନ୍ତି ଯେ, ଆଫଗାନିସ୍ତାନ ଖନନ, ଭିତ୍ତିଭୂମି, କୃଷି ଏବଂ ବାଣିଜ୍ୟ କ୍ଷେତ୍ରରେ ଆମେରିକୀୟ ନିବେଶକୁ ସ୍ୱାଗତ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଗତ ୨୦ ବର୍ଷର ଯୁଦ୍ଧକୁ ପଛରେ ପକାଇ ଭବିଷ୍ୟତର ସହଯୋଗ ଆଧାରରେ ଦୁଇ ଦେଶର ସମ୍ପର୍କକୁ ଦେଖାଯିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି ।

ଆଫଗାନିସ୍ତାନରେ ଥିବା ବିପୁଳ ପ୍ରାକୃତିକ ସମ୍ପଦର ଉତ୍ସବ୍ୟବହାର ପାଇଁ ତାଲିବାନ ଆମେରିକୀୟ କମ୍ପାନୀଗୁଡ଼ିକୁ ନିମନ୍ତ୍ରଣ କରିଛି । ଦେଶରେ ଥିବା ଲିଥିୟମ, ତମ୍ବା, ଲୁହା, କୋବାଲ୍ଟ, ସୁନା ଏବଂ ବିରଳ ମୃତ୍ତିକା ଖନନ ପାଇଁ ଆମେରିକାକୁ ସୁଯୋଗ ଦିଆଯିବ। ଆମେରିକୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ଅନୁଯାୟୀ ଏହି ସମ୍ପଦର ମୂଲ୍ୟ କମରେ କମ ୧ ଟ୍ରିଲିୟନ ଡଲାର । କେବଳ ଖଣି ନୁହେଁ, ଦେଶର ଭିତ୍ତିଭୂମି ବିକାଶ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟରେ ନିବେଶ ପାଇଁ ଦ୍ୱାର ଖୋଲାଯାଇଛି । ଏହି ବ୍ୟବସାୟିକ ସମ୍ପର୍କ ବଦଳରେ ତାଲିବାନ ସର୍ତ୍ତ ରଖିଛି ଯେ, ଆମେରିକା କାବୁଲରେ ନିଜର ଦୂତାବାସ ପୁନର୍ବାର ଖୋଲୁ ଏବଂ କଟକଣା ହଟାଉ । ଦୂତାବାସର ସମ୍ପୂର୍ଣ୍ଣ ସୁରକ୍ଷା ଗ୍ୟାରେଣ୍ଟି ତାଲିବାନ ଦେବ ।

ଆତଙ୍କବାଦୀ ଆକ୍ରମଣ ପରେ, ୨୩ ସେପ୍ଟେମ୍ବର ୨୦୦୧ରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ ଏକ କାର୍ଯ୍ୟକାରୀ ଆଦେଶ ବଳରେ ତାଲିବାନକୁ 'ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ବିଶ୍ୱ ଆତଙ୍କବାଦୀ' ଭାବେ ଘୋଷଣା କରି କଠୋର ପ୍ରତିବନ୍ଧକ ଲଗାଇଥିଲେ । ଅଗଷ୍ଟ ୨୦୨୧ରେ ତାଲିବାନ ପୁନର୍ବାର କ୍ଷମତାସୀନ ହେବା ପରେ, ଆମେରିକା ଏହି ଆଇନଗତ ଦର୍ଜା ବ୍ୟବହାର କରି ଆଫଗାନିସ୍ତାନର ୯.୫ ବିଲିୟନ ଡଲାରର ସରକାରୀ ପାଣ୍ଠିକୁ ଜବତ କରିନେଇଥିଲା। ଆମେରିକୀୟ ଆଇନ (ଓରରଚଇ) ଅନୁଯାୟୀ, କୌଣସି ଆମେରିକୀୟ ନାଗରିକ, ବ୍ୟାଙ୍କ କିମ୍ବା ବହୁରାଷ୍ଟ୍ରୀୟ କମ୍ପାନୀ ତାଲିବାନ ସହ ଟଙ୍କାଟିଏର ବି କାରବାର କଲେ, ସେମାନଙ୍କ ଉପରେ ଲକ୍ଷାଧିକ ଡଲାରର ଜରିମାନା ସହ ୨୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ପ୍ରାବଧାନ ରହିଛି । ଏବେ ଆମେରିକା ଏହି ବିଶାଳ ଖଣିଜ ସମ୍ପଦର ଅଫର ସ୍ୱୀକାର କରି କଟକଣା କୋହଳ କରୁଛି କି ନାହିଁ, ତାହା ଉପରେ ସାରା ବିଶ୍ୱର ନଜର ରହିଛି ।

# ଡିଲରଙ୍କ ପାଇଁ ୨ ହଜାର କ୍ୱିଣ୍ଟାଲରୁ ଅଧିକ ଚିନି ମହଜୁଦ ମନା



ନୂଆଦିଲ୍ଲୀ: ଚିନିର କଳାବଜାରୀ ଓ ଅତ୍ୟଧିକ ମହଜୁଦକୁ ରୋକିବା ପାଇଁ କେନ୍ଦ୍ର ସରକାର କଡ଼ା ପଦକ୍ଷେପ ନେଇଛନ୍ତି। ଏଣିକି ଚିନି ଡିଲରମାନେ ୨ ହଜାର କ୍ୱିଣ୍ଟାଲରୁ ଅଧିକ ଚିନି ମହଜୁଦ ରଖିପାରିବେ ନାହିଁ। ସେପ୍ଟେମ୍ବର ୧୫ରୁ ଏହି ନୂଆ ନିୟମ ଲାଗୁ ହେବ। ପୂର୍ବରୁ ଡିଲରମାନଙ୍କୁ ସର୍ବାଧିକ ୪ ହଜାର କ୍ୱିଣ୍ଟାଲ ପର୍ଯ୍ୟନ୍ତ ଚିନି ମହଜୁଦ ରଖିବାକୁ ଅନୁମତି ଥିଲା। ଏବେ ଏହି ସୀମାକୁ ଅଧା କରି ୨ ହଜାର କ୍ୱିଣ୍ଟାଲ କରାଯାଇଛି। ଚିନି ଯୋଗାଣ ଓ ବଜାର ଦର ଉପରେ ନଜର ରଖିବା ସହ କଳାବଜାରୀ ରୋକିବା ଉଦ୍ଦେଶ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।ନୂଆ ନିୟମ ଅନୁଯାୟୀ, କୌଣସି ବ୍ୟବସାୟୀ କିମ୍ବା ଡିଲର ନିଜ ଷ୍ଟକ୍‌କୁ ୩୦ ଦିନରୁ ଅଧିକ ସମୟ ମହଜୁଦ ରଖିପାରିବେ ନାହିଁ। ଏହି ନିୟମ ଆସନ୍ତା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

# ପ୍ରଭାବିତ ଗ୍ରାମବାସୀଙ୍କୁ ଆରପିଡିଏସିରେ ପ୍ରତିନିଧିତ୍ୱ ଦାବି, ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକର କାତିକେଲା, ଭୁର୍କାମୁଣ୍ଡା ଓ ଭାଗିପାଲି ଗ୍ରାମର ବାସିନ୍ଦାମାନେ ଆରପିଡ଼ିଏସି ସଦସ୍ୟ ଚୟନ ପ୍ରକ୍ରିୟାରେ ପ୍ରଭାବିତ ଗ୍ରାମଗୁଡ଼ିକୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ସୋମବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏକ ଘରୋଇ କମ୍ପାନୀର କାର୍ଯ୍ୟକଳାପ ଯୋଗୁଁ ଦୀର୍ଘଦିନ ଧରି ପ୍ରଭାବିତ ହୋଇଆସୁଥିବା ଗ୍ରାମଗୁଡ଼ିକର ପ୍ରତିନିଧିଙ୍କୁ ଆରପିଡ଼ିଏସି ସଦସ୍ୟ ଚୟନରେ ସୁଯୋଗ ଦିଆଯାଇନଥିବା ବେଳେ ଚୟନ ହୋଇଥିବା ଦୁଇ ଜଣ ସଦସ୍ୟ ପ୍ରଭାବିତ ଅଂଚଳର ନୁହନ୍ତି ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏହାସହ ସ୍ଥାନୀୟ ବିଧାୟକ ନିଜ ପସନ୍ଦର ବ୍ୟକ୍ତିଙ୍କୁ ଆରପିଡ଼ିଏସିରେ ସାମିଲ କରି ରାଜନୈତିକ ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ମଧ୍ୟ ସ୍ମାରକପତ୍ରରେ କରାଯାଇଛି। ତେବେ ଗ୍ରାମବାସୀମାନେ କୌଣସି ରାଜନୈତିକ ବ୍ୟକ୍ତିଙ୍କୁ ବିରୋଧ କରୁନଥିବା ବେଳେ ଅଂଚଳର ବାସ୍ତବ ସମସ୍ୟା ସମ୍ପର୍କରେ ଅବଗତ ଏବଂ ଗ୍ରାମବାସୀଙ୍କ ବିଶ୍ୱାସଭାଜନ ବ୍ୟକ୍ତିଙ୍କୁ ଆରପିଡ଼ିଏସିରେ ପ୍ରତିନିଧିତ୍ୱ ଦେବାକୁ ଦାବି କରିଛନ୍ତି। ସ୍ମାରକପତ୍ରରେ ଘୋଷିତ ସଦସ୍ୟ ତାଲିକାର ପୁନର୍ବିଚାର, ଭୁର୍କାମୁଣ୍ଡା, କାତିକେଲା, ଭାଗିପାଲି ସମେତ ଅନ୍ୟ ପ୍ରଭାବିତ ଗ୍ରାମର ସରପଂଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ସହ ଖୋଲା ଆଲୋଚନା ପରେ ସଦସ୍ୟ ଚୟନ ଏବଂ ଆରପିଡ଼ିଏସି ଭଳି ଗୁରୁତ୍ୱପୂର୍ଣ୍ଣ ମଂଚରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବାକୁ ଦାବି କରାଯାଇଛି। ଦାବିଗୁଡ଼ିକ ଉପରେ ୭୨ ଘଂଟା ମଧ୍ୟରେ ପଦକ୍ଷେପ ନିଆଯାଇନଥିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବାକୁ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅନୁପସ୍ଥିତ ଥିବାରୁ ଗ୍ରାମବାସୀମାନେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗରେ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ଯେ, ସ୍ମାରକପତ୍ର ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ଏବଂ ଅଭିଯୋଗ ଆଧାରରେ ଆବଶ୍ୟକ ତଦନ୍ତ କରାଯିବ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଟେଣ୍ଡର ଦୁର୍ନୀତି ଅଭିଯୋଗ




ବଲାଙ୍ଗିର,(ପିପିଏସ୍) : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ଓ ହଷ୍ଟେଲ ମେସ୍ ପାଇଁ ଖାଦ୍ୟ ଯୋଗାଣକୁ ନେଇ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛି ବଲାଙ୍ଗିର ଜିଲ୍ଲା ଯୁବ କଂଗ୍ରେସ । ଯୁବ କଂଗ୍ରେସର ଅଭିଯୋଗ ଅନୁଯାୟୀ ଗତ ଏପ୍ରିଲ ୧୦ ତାରିଖରେ ନୂତନ ନିୟମିତ କୁଳପତି ବିଭୁତି ମଲ୍ଲିକ ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ୱବିଦ୍ୟାଳୟର ନିୟମିତ ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ହୋଇଛି । ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଥିବା ସତ୍ତ୍ୱେ ପୂର୍ବରୁ ଠିକା କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟ ସାଭାବିକ ଭାବେ ଚାଲୁଥିଲା ବୋଲି ସଂଗଠନ କହିଛି । ତେବେ ନୂତନ ଆଉଟସୋର୍ସିଂ ସଂସ୍ଥା ନିଯୋଜନକୁ ନେଇ ପ୍ରଶ୍ନ ଉଠାଇଛି ଯୁବ କଂଗ୍ରେସ । ସଂଗଠନର ଦାବି ଆରଏନ୍‌ସି ସିକ୍ୟୁରିଟି ସର୍ଭିସ ଟେଣ୍ଡର ପ୍ରକ୍ରିୟା ବିନା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟାଦେଶ ଦିଆଯାଇଥିବା ନେଇ ଆରଟିଆଇ ମାଧ୍ୟମରେ ମିଳିଥିବା

## ଭିଜିଲାନ୍ସ ତଦନ୍ତ ଦାବି

ଦଲିଲ୍‌ରେ ତଥ୍ୟ ରହିଛି । ଏହି ନିଷ୍ପତ୍ତିରେ ସରକାରୀ ନିୟମ ପାଳନ ହୋଇଛି କି ନାହିଁ ଏବଂ ଏଥିରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି ନାହିଁ ତାହା ଭିଜିଲାନ୍ସ ତଦନ୍ତ ମାଧ୍ୟମରେ ସ୍ପଷ୍ଟ କରିବାକୁ ଦାବି କରାଯାଇଛି । ଅନ୍ୟପକ୍ଷରେ ଜୁନ ୧୬ ତାରିଖରେ ହଷ୍ଟେଲ ମେସ୍ ପାଇଁ ୩ ମାସିଆ ଚୁକ୍ତିଭିତ୍ତିକ ଖାଦ୍ୟ ଯୋଗାଇ ପାଇଁ ଜାରି ନୋଟିସ୍‌କୁ ନେଇ ମଧ୍ୟ ଅଭିଯୋଗ ଉଠିଛି । ଯୁବ କଂଗ୍ରେସ ଅନୁଯାୟୀ ଜଣେ ଯୋଗାଣକାରୀ ପ୍ରତି ମିଲ୍ ୩୦ ଟଙ୍କା ଦର ଦେଇଥିଲେ । ପରବର୍ତ୍ତୀ ସମୟରେ ପ୍ରତି ମିଲ୍ ୩୩ ଟଙ୍କା ଦରରେ କାର୍ଯ୍ୟାଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି । ଏହି ପ୍ରକ୍ରିୟାରେ ଟେଣ୍ଡର ଓ ଆର୍ଥିକ ନିୟମ ପାଳନ ହୋଇଛି କି ନାହିଁ ତାହାର ତଦନ୍ତ ଦାବି କରିଛି କଂଗ୍ରେସ। ଏହି ସମସ୍ତ ଅଭିଯୋଗର ସାତ ଦିନ ମଧ୍ୟରେ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଆବଶ୍ୟକ ହେଲେ ଭିଜିଲାନ୍ସ ତଦନ୍ତ କରାଯାଉ, ଦୋଷୀ ପ୍ରମାଣିତ ହେଲେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ଓ ଚାକିରି ହରାଇଥିବା ଠିକା କର୍ମଚାରୀଙ୍କ ସ୍ୱାର୍ଥର ସୁରକ୍ଷା କରାଯାଉ ବୋଲି ବଲାଙ୍ଗିର ଜିଲ୍ଲା ଯୁବ କଂଗ୍ରେସ ଦାବି କରିଛି। ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ । ଯୁବ କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ଅଧ୍ୟକ୍ଷତାରେ ଏହି ସମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରା, ଜିଲ୍ଲା ଯୁବ କଂଗ୍ରେସ ମୁଖପାତ୍ର ନୀତିସ ପ୍ରଧାନ, ଲଖନ ସାହୁ, ପଂଚାନନ ଷାଣ୍ଢ, ଶଶାଙ୍କ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ ।

# କଲ୍ୟାଣସିଂପୁର ବ୍ଲକ୍ ସଦରମହକୁମାରେ ଯୁଗ୍ମ ଅଭିଯୋଗ ଶୁଣାଣି




ରାୟଗଡ / କଲ୍ୟାଣସିଂପୁର(ପିପିଏସ୍) : ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣସିଂପୁର ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ ରାୟଗଡ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସାସ୍ଥ୍ୟ ଅଧିକାରୀ ଡ଼ଃ ବିଶ୍ୱମ୍ବର କୁମାର ବେହେରା, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଏହି ଶୁଣାଣି ଶିବିରରେ ମୋଟ ୬୩ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୪୯ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୪ଟି ଗ୍ରାମବାସୀଙ୍କର ସାମୂହିକ ଅଭିଯୋଗ ଥିଲା। ଏହି ଶିବିରରେ ବିଭିନ୍ନ ସମସ୍ୟା ସମ୍ବଳିତ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସମସ୍ତ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶିବିରରେ ତହସିଲଦାର, କଲ୍ୟାଣସିଂପୁର ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୦୩ କେଜି ଗଞ୍ଜେଇ ଜବତ

ମାଲକାନଗିରି : ମାଲକାନଗିରି ଥାନା ଅଧୀନ ଝାଟିଗୁଡ଼ା ଗ୍ରାମ ଜଙ୍ଗଲ ଅଞ୍ଚଳରେ ଆଜି ଅବକାରୀ ଟିମ୍ ଚଢ଼ଉ କରି ଜଙ୍ଗଲର ଏକ ବୁଦା ନିକଟରେ ଲୁଚାଯାଇଥିବା ୮ଟି ଜରି ବ୍ୟାଗରୁ ସମୁଦାୟ ୨୦୩ କେଜି ଗଞ୍ଜେଇ ଉଦ୍ଧାର କରିଛନ୍ତି । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢ଼ଉ ସମୟରେ ଘଟଣାସ୍ଥଳରେ କୌଣସି ଅଭିଯୁକ୍ତ ଉପସ୍ଥିତ ନଥିବାରୁ, ଅବକାରୀ ବିଭାଗ ପକ୍ଷରୁ ଏନ ଡି ପି ଏସ ଆକ୍ଟ , ୧୯୮୫ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଏହି ଗଞ୍ଜେଇ କାହାର ଓକେଉଁଠାକୁ ଚୋରାଚାଲାଣ କରାଯାଉଥିଲା, ସେ ନେଇ ତଦନ୍ତ ଜାରି ରହିଛି।

# ଦୁର୍ନୀତି ମାମଲାରେ ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦୋଷୀ ସାବ୍ୟସ୍ତ
# ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା

ବୌଦ୍ଧ, (ପିପିଏସ୍) : ଦୁର୍ନୀତି ବିରୋଧୀ ଅଭିଯାନରେ ଓଡ଼ିଶା ଭିଜିଲାନ୍ସକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ବୌଦ୍ଧ ଜିଲ୍ଲା ପୁରୁଣାକଟକର ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ (ଅବସରପ୍ରାପ୍ତ) କାର୍ତ୍ତିକେଶ୍ୱର ସାହୁ ଆୟଠାରୁ ଅଧିକ ସମ୍ପତ୍ତି ରଖିଥିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶ୍ରୀ ସାହୁଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ଧାରା ୧୩(୧)(ଇ) ଅନୁଯାୟୀ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ତାଙ୍କର ଜଣାଶୁଣା ଆୟର ଉତ୍ସ ତୁଳନାରେ ଅସଙ୍ଗତ ଭାବେ ଅଧିକ ସମ୍ପତ୍ତି ଥିବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଥିଲା। ଚଳିତବର୍ଷ ୩୧ ଅଗଷ୍ଟରେ ମାମଲାର ବିଚାର କରି ମାନ୍ୟବର ସତନ୍ତ୍ର ବିଚାରପତି, ଭିଜିଲାନ୍ସ, ଫୁଲବାଣୀ କାର୍ତ୍ତିକେଶ୍ୱର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ତାଙ୍କର ଦୋଷସିଦ୍ଧି ପରେ ପେନସନ୍ ବନ୍ଦ କରିବା ସମ୍ପର୍କରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ପାଇଁ ପ୍ରସ୍ତାବ ଦିଆଯିବ ।ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର ଦୃଢ଼ ଓ ନିରନ୍ତର କାର୍ଯ୍ୟାନୁଷ୍ଠାନର ଏହା ଆଉ ଏକ ଉଲ୍ଲେଖନୀୟ ଉଦାହରଣ।

# ଟେନ୍‌ସାରେ ସର୍ବାଧିକ ୧୬୨.୨ ମି.ମି. ବର୍ଷା

ସୁନ୍ଦରଗଡ଼ : ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର ୩ଟି ସ୍ଥାନରେ ଅତି ଭୀଷଣ ବର୍ଷା ହୋଇଥିବା ବେଳେ ୧୫ଟି ସ୍ଥାନରେ ଭୀଷଣ ବର୍ଷା ହୋଇଛି । ସୁନ୍ଦରଗଡ଼ ଜିଲ୍ଲାର ଟେନସାରେ ସର୍ବାଧିକ ୧୬୨.୨ ମି.ମି. ବର୍ଷା ରେକର୍ଡ ହୋଇଛି । ସେହିପରି ଦେବଗଡ଼ ଜିଲ୍ଲାର ବାରକୋଟରେ ୧୨୭.୨ ମି.ମି., କେନ୍ଦୁଝର ଜିଲ୍ଲାର ହାଟଡିହିରେ ୧୧୮.୫ ମି.ମି., ଅନୁଗୁଳ ଜିଲ୍ଲାର କଣିହାଁରେ ୧୦୬.୦ ମି.ମି., କେନ୍ଦୁଝର ଜିଲ୍ଲାର ତେଲକୋଇରେ ୯୬.୦ ମି.ମି., ଅନୁଗୁଳ ଜିଲ୍ଲାର ପାଲଲହଡ଼ାରେ ୯୫.୩ ମି.ମି., ମୟୂରଭଞ୍ଜ ଜିଲ୍ଲାର ଶାମାଖୁଂଟାରେ ୯୧.୩ ମି.ମି., ଚନ୍ଦନପୁରରେ ୮୫.୨ ମି.ମି., ଜାମଶୋଳାଘାଟରେ ୮୩.୦ ମି.ମି., ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ରେ ୮୨.୦ ମି.ମି., ପୁରୀ ଜିଲ୍ଲାର ସତ୍ୟବାଦୀରେ ୮୨.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର କୁସୁମିରେ ୮୧.୦ ମି.ମି. ଏବଂ ନୂଆପଡା ଜିଲ୍ଲାର କୋମନାରେ ୮୦.୦ ମି.ମି. ବର୍ଷା ରେକର୍ଡ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଗାଁ ରାସ୍ତାର ଉନ୍ନତୀକରଣ ପାଇଁ ଜିଲ୍ଲାପାଳ ଓ ବିଡ଼ିଓଙ୍କ ଦ୍ୱାରସ୍ଥ ଗ୍ରାମବାସୀ



ବୌଦ୍ଧ(ପିପିଏସ୍) : ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ଅନ୍ତର୍ଗତ ସାନତୁମ୍ ଗ୍ରାମର ମୁଖ୍ୟ ରାସ୍ତାର ଉନ୍ନତୀକରଣ ପାଇଁ ଜିଲ୍ଲାପାଳ ଓ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ଅଭିଯୋଗ ଅନୁଯାୟୀ ଆର୍‌ଡି ରାସ୍ତାଠାରୁ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଛି । ସ୍କୁଲ୍ କଲେଜ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ବଜାରକୁ ଯିବା କଷ୍ଟକର ହୋଇ ପଡୁଛି । ତେଣୁ ଉକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ ସକାଶେ ଗ୍ରାମବାସୀ ଦାବି କରିଛନ୍ତି । ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିଥିଲେ ଓ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓଙ୍କୁ ମଧ୍ୟ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଥିଲେ ।

# ସ୍ୱାୟତ୍ତ ଶାସନ ଦିବସ ପାଳିତ

ଦେବଗଡ(ପିପିଏସ୍) : ଦେବଗଡ ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚପରଦାର ,କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌର ପରିଷଦ କଳିଙ୍ଗ ଆଶିଷ ଶତପଥି ଯୋଗ ଦେଇ ଜଗତର ନାଥ ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତି ରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ପରେ ସ୍ୱାୟତ୍ତ ଶାସନ ର ଅର୍ଥ ହେଉଛି ଲୋକଙ୍କ ସହ ଭାଗିତା ।ସ୍ୱାୟତ୍ତ ଶାସନ ଦିବସ ପାଳନର ଆଭିମୁଖ୍ୟ ସଂପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। । ଏହି ଅବସରରେ ପୂର୍ବରୁ ଆୟୋଜିତ ହେଇଥିବା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, ବକ୍ତୃତା ଓ ମିନି ସଂସଦ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପୌରପରିଷଦ ର କାଉନ୍ସିଲର୍ ମାନଙ୍କୁ ଉତ୍ତରୀୟ ଓ ସମ୍ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୌରପରିଷଦ ରେ ଉତ୍ତମ କର୍ଯ୍ୟ କରିଥିବା କର୍ମଚାରୀ ସଦୁ ଟିକସ ଅସୁଲକାରି ଧନଞ୍ଜୟ ସାହୁ,ଗୋଷ୍ଠୀ ସଂଗଠିକା ମୋନାଲିସା ପଣ୍ଡା , ହିସାବ ରକ୍ଷକ ଆଶିଷ କୁମାର ଟେଟେ, କାର୍ଯ୍ୟାଳୟ ସହାୟକ ଚନ୍ଦନ କୁମାର ଦେହୁରୀ, କନିଷ୍ଠ ଯନ୍ତ୍ରୀ କମଳ ବାଗ, ନିରୀକ୍ଷଣ ଏବଂ ମୂଲ୍ୟାୟନ ବିଶେଷଜ୍ଞ ଏମ୍ ବିଶ୍ୱଜିତ୍ କୁ ସମ୍ମାନିତ କରାଯାଇଥିଲା ।ପୌରପରିଷଦ କର୍ମଚାରୀଙ୍କୁ ବକେୟା ଅର୍ଥ ପ୍ରଦାନ କରାଯାଇଥିଲା ।ସେହି ପରି ପ୍ରତ୍ୟୁଷରେ ସହରରେ ଡାକ ବାଜି ଯନ୍ତ୍ର ଦ୍ୱାରା ରାମ ଧୂନ୍ ପରିବେଷଣ କରାଯାଇଥିଲା ଓ ସକାଳ ୬ ଘଟିକା ସମୟରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ,ସକାଳ ୮ ଘଟିକା ସମୟରେ ଜାତୀୟ ପତାକା ଉତ୍ତୋଳନ ଓ ମିଷ୍ଟାନ୍ନ ବଣ୍ଟନ ,ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ପୌର ପରିଷଦ ପକ୍ଷରୁ ଫଳ ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଘନଶ୍ୟାମ ଓ ଗ୍ରୁପ୍,ରୂପେନ୍ଦ୍ର ଗୁମାନ ସିଂ ଦ୍ୱାରା ପରିବେଷଣ କରାଯାଇଥିଲା ।କାର୍ଯ୍ୟକ୍ରମରେ କାଉନସିଲର, ବରିଷ୍ଠ ନାଗରିକ,ସାମ୍ବାଦିକ ଛାତ୍ର ଛାତ୍ରୀ, ପୌର ପରିଷଦର କର୍ମଚାରୀ ଓ ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ୧୧ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

ଝାରସୁଗୁଡା: ଜିଲ୍ଲା କୃଷକ ସଂଗଠନ, ଝାରସୁଗୁଡାର ଆହ୍ୱାନରେ ସୋମବାର ଜିଲ୍ଲାର ଶତାଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ ବ୍ୟବସ୍ଥାରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବାହ୍ନ ୧୧ଟାରେ ବେହେରାମାଳ ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭା ଶେଷରେ ଚାଷୀମାନଙ୍କ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୧୧ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଚାଷୀମାନଙ୍କର ପ୍ରମୁଖ ଦାବି ମଧ୍ୟରେ ଧାନ ବିକ୍ରି ପଞ୍ଜିକରଣରେ ବାଧକ ସାଜୁଥିବା ଅଗ୍ରୀଷ୍ଟକ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା, ଭାଗଚାଷୀ ପଞ୍ଜିକରଣକୁ ପୂର୍ବବର୍ଷ ପରି ସରଳ କରିବା, ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରିବା, ଚାଷ ହୋଇଥିବା ସମସ୍ତ କିସମର ଜମିକୁ ପଞ୍ଜିକରଣରେ ସାମିଲ କରିବା ଏବଂ ପଞ୍ଜିକରଣର ଅବଧିକୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଅନ୍ୟାନ୍ୟ ଦାବି ସାମିଲ ରହିଥିଲା।

ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ଦିଲୀପ ବଡ଼ାଇ, ହେମନ୍ତ ସାଗର କୁମୁରା, ବିରଞ୍ଚି ସାହୁ, ଗୋପୀନାଥ ମାଝୀ ଓ ବାସୁଦେବ ଧରୁଆ ନେଇଥିଲେ। ପ୍ରତିବାଦ ସଭାରେ ହେମନ୍ତ ସାହୁ, ଲକ୍ଷ୍ମଣ ସାହୁ, ଗୌତମ ପଧାନ, ଭୋନାଥ ବଡ଼ାଇ, ଲିଙ୍ଗରାଜ ବଡ଼ାଇ, ହେମାଂଶୁ ପଧାନ, ପ୍ରଦୀପ ବିଶ୍ୱାଳ, ବଳରାମ ପାଣ୍ଡେ, ଭୋପାଳ ବେହେରା, ସନତ ସିଂହ, ଅମିତା ବିଶ୍ୱାଳ, ଜଗରନାଥ ଜେନା, ଲୋକେନ୍ଦ୍ର ରାଉତ, କମଳ ପଧାନ, ଅକ୍ଷୟ ସାହୁ, ଶିବାଜୀ ବେହେରା ଓ ହିମାଂଶୁ ପଟେଲ ପ୍ରମୁଖ ବକ୍ତବ୍ୟ ରଖି ଚାଷୀଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଦଳମତ ନିର୍ବିଶେଷରେ ଯୋଗଦେଇ ଚାଷୀମାନଙ୍କ ହକ୍ ଓ ଅଧିକାର ପ୍ରତି ସମର୍ଥନ ଜଣାଇଥିଲେ।

# ମାଟି କାନ୍ଥ ପଡ଼ି ମହିଳା ମୃତ

ଚମ୍ପୁଆ: ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ପଂଚାୟତର ରାଇଗୁଡି ଗାଁରେ ଏକ ଦୁଃଖଦ ଓ ଅଭାବନୀୟ ଘଟଣା ଘଟିଯାଇଛି। ରାତିରେ ଶୋଇଥିବା ଅବସ୍ଥାରେ ମାଟି କାନ୍ଥ ଭାଙ୍ଗି ପଡ଼ିବାରୁ ଚାପି ହୋଇ ଜଣେ ମହିଳାଙ୍କର ଅକାଳ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଉଛନ୍ତି ଗ୍ରାମର ଘାସିରାମ ମହାନ୍ତଙ୍କ ସ୍ତ୍ରୀ ପୂର୍ଣ୍ଣମୀ ମହାନ୍ତ ।ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଅଂଚଳରେ ଲଗାତାର ବର୍ଷା ଜାରି ରହିଥିବା ଯୋଗୁଁ ମାଟି ଘରଗୁଡ଼ିକର କାନ୍ଥ ଓଦା ହୋଇ କଂଚା ପଡ଼ିଯାଇଥିଲା। ରାତିରେ ପୂର୍ଣ୍ଣମୀ ନିଜ ଘରେ ଶୋଇଥିବା ବେଳେ ଅଚାନକ ମାଟି କାନ୍ଥଟି ତାଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଫଳରେ ସେ ମାଟି ତଳେ ଚାପି ହୋଇଯାଇଥିଲେ। ପାଖ ଘରେ ଶୋଇଥିବା ତାଙ୍କ ଶାଶୁ ଏହି ଶବ୍ଦ ଶୁଣି ତୁରନ୍ତ ସ୍ଥାନୀୟ ପଡ଼ୋଶୀମାନଙ୍କୁ ଡାକିଥିଲେ। ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଂଚି ଅତି ସତର୍କତାର ସହ ମାଟି ତଳୁ ପୂର୍ଣ୍ଣମୀଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ରାଇଗୁଡି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଗରିବ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ନିଖିଳ ଉତ୍କଳ ଶୁଣ୍ଡି ସମାଜର ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ବୌଦ୍ଧ(ପିପିଏସ୍) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଚାରିଛକ ଠାରେ ନିଖିଳ ଉତ୍କଳ ଶୁଣ୍ଡି ସମାଜର ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ସୋମବାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପ ସଭାପତି ରବି ନାରାୟଣ ପ୍ରଧାନ, ସମ୍ପାଦକ ପ୍ରଦୀପ୍ତ ସାହୁ, କୋଷାଧ୍ୟକ୍ଷ କାର୍ତ୍ତିକ ସାହୁ, ଉପଦେଷ୍ଟା ମନ ମୋହନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସମାଜର ଏକତା, ବିକାଶ ଏବଂ ସାମାଜିକ କାର୍ଯ୍ୟକ୍ରମ ପାଇଁ ଏହି ଗୋଷ୍ଠୀ କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବଲାଙ୍ଗିର ସରକାରୀ କଲେଜରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ



ବଲାଙ୍ଗିର,(ପିପିଏସ୍) : ବଲାଙ୍ଗିର ସରକାରୀ କଲେଜ, ପୁଇଁନ୍ତଲା ଠାରେ ସ୍ୱଭାବ କବି ଗଙ୍ଗାଧରଙ୍କ ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି ସଭା ବଲାଙ୍ଗିର କଲେଜ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମିଳିତ ସହଯୋଗରେ ସମ୍ପନ୍ନ ହୋଇଥିଲା । କଲେଜର ମୁଖ୍ୟ ଅଧ୍ୟକ୍ଷ ଡ. କୌତୁକ ପନ୍ଦରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପରିଷଦ ସଭାପତି ଡ. ଭବାନୀ ଶଙ୍କର ପଟେଲ ଦୀପ ପ୍ରଜ୍ୱଳନ କରିବା ସହ ପରିଷଦର ବିବରଣୀ ପ୍ରକାଶ କରିଥିଲେ। ଦୀପ ମନ୍ତ୍ର ରଶ୍ମୀ ପାତ୍ର କରିଥିବାବେଳେ ଅଧ୍ୟାପକ ସୁମନ୍ତ ରଣା ମଞ୍ଚ ପରିଚ୍ଳନା କରିବା ସହ ଅତିଥିମାନଙ୍କ ପରିଚୟ ଦେଇଥିଲେ। ପରିଚୟ ପରେ ଡ. ଭବାନୀ ଶଙ୍କର ପଟେଲ ଅତିଥିମାନଙ୍କୁ ପୁସ୍ତକ ଉପହାର ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ରାମଶଙ୍କର ଶତପଥି ଏକ ଭକ୍ତି ସଂଗୀତ ଗାନ କରିଥିଲେ । ବକ୍ତା ଭାବେ ଏଲୋରା ମିଶ୍ର, ଅଧ୍ୟାପିକା ମହାବୀର କଲେଜ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ଶ୍ରୀକାନ୍ତ ବାରିକ କବିଙ୍କ ଅର୍ଘ୍ୟଥାଳି ଉପରେ ଅତି ସୁନ୍ଦର ଆଲୋଚନା କରିଥିଲେ। ଅଧ୍ୟାପିକା ସରିତା ସାହୁ ତଥା ରଶ୍ମୀ ପାତ୍ର ଗଙ୍ଗାଧରଙ୍କ ସଂକ୍ଷିପ୍ତ ତଥ୍ୟ ଭିତ୍ତିକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଜଗନ୍ନାଥ ସାହୁ ମହିମୁଣ୍ଡା କଲେଜ ମଞ୍ଚାସୀନ ଥିଲେ । ସେ ନିଜ ବକ୍ତବ୍ୟରେ ସାରଗର୍ଭକ ଭାଷଣ ଦେଇଥିଲେ । କଲେଜର ଛାତ୍ର ଛାତ୍ରୀମାନେ ଗଙ୍ଗାଧରଙ୍କ ଜୀବନୀ କୁ ନେଇ କବିତା ପଠନ କରୁଥିଲେ ମାନସ ପଧାନ, ରନ୍ ରଣା, ରୋଜୀ ଭୋଇ, ବାସୁଦେବ କର୍ମୀ, ସରିତା ସାହୁ, ବଳିଷ୍ଠ ପଧାନ, କବି ରଶ୍ମି ପାତ୍ର, ଡ. ଭବାନୀ ଶଙ୍କର ପଟେଲ, ରାମ ଶଙ୍କର ଶତପଥୀ । କବିତା ସଂଯୋଜନା କରିଥିଲେ ରଶ୍ମି ପାତ୍ର। ଧନ୍ୟବାଦ ଅର୍ପଣ କରିଥିଲେ କବି ବଳିଷ୍ଠ ପଧାନ ।

## କୃଷି ସେବା ସମବାୟ ସମିତି ସହ ସମ୍ପାଦକଙ୍କ ପରଲୋକ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା କୋଲାବିରା କୃଷିସେବା ସମବାୟ ସମିତିର ସହ ସମ୍ପାଦକ କୁନୁ ଅମାତ(୫୧)ଙ୍କ ରବିବାର ରାତିରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି । କିଡନୀ ରୋଗ ସମସ୍ୟା କାରଣରୁ ସେ କିଛି ମାସ ହେଲା ଅସୁସ୍ଥ ଥିଲେ କ୍ଷ ତାଙ୍କର ଶବ ରଘୁନାଥପାଲି ପଞ୍ଚାୟତ ପାଇକପଡ଼ା ନିଜ ଗ୍ରାମକୁ ଅଣାଯିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା କ୍ଷ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ତାଙ୍କର ଶେଷ ଦର୍ଶନ କରିଥିଲେ କ୍ଷ ସୋମବାର ସକାଳୁ ଗାଁ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା କ୍ଷ ଯୁକ୍ତ ୨ ପାଠ ପଢୁଥିବା ପୁଅ ରୂପେଶ ମୁଖାଗ୍ନି ଦେଇଥିଲେ କ୍ଷ ଘରେ ତାଙ୍କର ସ୍ତ୍ରୀ ରଘୁନାଥପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶାଖା ଅମାତ, କଲେଜ ପଢୁଆ ପୁଅ ରୂପେଶ ଓ ନର୍ସି ପଢୁଥିବା ଜଣେ ଝିଅ ଅଛନ୍ତି କ୍ଷ କୁନୁଙ୍କ ବିୟୋଗରେ କୋଲାବିରା ସମବାୟ ସମିତିର ସଭାପତି କିର୍ତ୍ତିଚନ୍ଦ୍ର ବହିଦାର, ଉପସଭାପତି ଦୀନବନ୍ଧୁ ଛତ୍ରିଆ, ସମ୍ପାଦକ ଦେବରାଜ କୁମୁରାଙ୍କ ସହ ସମସ୍ତ ବୋର୍ଡ ଡାଇରେକ୍ଟର, ସମିତିର କର୍ମଚାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ରାୟଗଡ଼ା ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ ଆଡ଼ମ୍ବରରେ ପାଳିତ



ରାୟଗଡା(ପିପିଏସ) : ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୨୪୨୩୭ ତା୨୫.୦୮.୨୦୨୬ ରିଖର ନିର୍ଦ୍ଦେଶକ୍ରମେ, ରାୟଗଡ଼ ପୌରପରିଷଦ ଅଡିଟୋରିୟମ୍ ପରିସରରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଗୌରବର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବିଧାୟକ କାଡ୍ରାକା ଆପାଲା ସାମୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହିତ ପୌରପରିଷଦର ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ପୌରପରିଷଦର ସମସ୍ତ କାଉନସିଲରବୃନ୍ଦ ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀଗଣ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣକୁ ରାୟଗଡ଼ ପୌରପରିଷଦ ଅଡିଟୋରିୟମରେ ଏଲ୍‌ଇଡି ସ୍କ୍ରିନ୍ ମାଧ୍ୟମରେ ସଫଳତାର ସହ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଜନସାଧାରଣ, ପୌର କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି ସିଧା ପ୍ରସାରଣକୁ ଉପଭୋଗ କରିବା ସହ ସହରାଞ୍ଚଳ ବିକାଶର ନୂତନ ଦିଗ୍‌ଦର୍ଶନ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ଅଧିନରେ ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଏହାସହିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ଜନସାଧାରଣ , ପୌର କର୍ମଚାରୀ ଏବଂ ଅତିଥିମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସହରର ସାମଗ୍ରିକ ବିକାଶ, ପରିମଳ ବ୍ୟବସ୍ଥାର ଉନ୍ନତିକରଣ ଏବଂ ସହରାଞ୍ଚଳ ନାଗରିକମାନଙ୍କୁ ଉନ୍ନତମାନର ମୌଳିକ ସୁବିଧା ଯୋଗାଇଦେବା ଦିଗରେ ପୌରପରିଷଦ ନିରନ୍ତର କାର୍ଯ୍ୟ କରୁଛି ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମାରୋହରେ ଶୃଙ୍ଖଳା, ପରିମଳ ତଥା ଜଳଯୋଗାଣର ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ସମସ୍ତଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ଓ ଆନନ୍ଦଦାୟକ ପରିବେଶ ମଧ୍ୟରେ ସମାପ୍ତ ହୋଇଥିଲା ।





## ଆଫଗାନିସ୍ତାନ ବିପକ୍ଷ ଟି-୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ

# ଶ୍ରେୟସ ଆୟରଙ୍କ ନେତୃତ୍ୱରେ ୧୫ ସଦସ୍ୟଯୁକ୍ତ ଦଳ ଘୋଷିତ

ନୂଆଦିଲ୍ଲୀ : ଆଫଗାନିସ୍ତାନ ବିପକ୍ଷ ଟି୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ମଙ୍ଗଳବାର ସନ୍ଧ୍ୟାରେ ଘୋଷିତ ହୋଇଛି। ଆସନ୍ତା ୧୩ ତାରିଖ ଠାରୁ ଉଭୟ ଦଳ ମଧ୍ୟରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଆରମ୍ଭ ହେବ। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ୧୫ ସଦସ୍ୟଯୁକ୍ତ ଦଳ ଘୋଷଣା ହୋଇଛି। ଏଥିରେ ଯଶପ୍ରୀତ ବୁମରା ମଧ୍ୟ ସାମିଲ ଅଛନ୍ତି। ବୁମରା ଇଂଲଣ୍ଡ ଗସ୍ତ ପରେ କୌଣସି ମ୍ୟାଚ୍ ଖେଳି ନାହାନ୍ତି। ମାତ୍ର ଫିଟ୍‌ନେସ୍ ଟେଷ୍ଟ କରିବା ପରେ ସେ ଏବେ ଖେଳିପାରିବେ।

ଜିମ୍ବାୱେ ଗସ୍ତରେ ଟି୨୦ ଦଳରୁ ବାହାରେ ଥିବା ସଂଜୁ ସାମସନ



ଫେରିଛନ୍ତି। ସଂଜୁ ଟି୨୦ ବିଶ୍ୱକପ୍‌ରେ ଭାରତର ବିଜୟର ହିରୋ ଥିଲେ। ଆୟରଲାଣ୍ଡ ଏବଂ ଇଂଲଣ୍ଡରେ ଟି୨୦ ଶୃଙ୍ଖଳାର ପ୍ରାରମ୍ଭିକ ମ୍ୟାଚ୍‌ରେ ବିଫଳ ହେଲା ପରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଥିଲା। ତାଙ୍କରି ସ୍ଥାନରେ ବିସ୍ମୟ ବାଳକ ବେଭବ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ବିପକ୍ଷରେ ସ୍ଥାନ ମିଳିଥିଲା। କିନ୍ତୁ ବେଭବ ମଧ୍ୟ ସଫଳତା ହାସଲ କରିପାରି ନଥିଲେ। ଜିମ୍ବାୱେ ବିପକ୍ଷରେ ବେଭବ ଭଲ ପ୍ରଦର୍ଶନ କରିଥିଲେ। ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ବେଭବଙ୍କୁ ମଧ୍ୟ ଚୟନ କରାଯାଇଛି। କିନ୍ତୁ ଯୁବ ବ୍ୟାଟର ରିଙ୍କୁ ସିଂହ ବାଦ୍ ପଡ଼ିଛନ୍ତି।

# ଭାରତୀୟ ଖେଳାଳି ହାର୍ଦ୍ଦିକ ଓ ନିତୀଶ ସୁସ୍ଥ

ବେଙ୍ଗାଲୁରୁ : ଚଳିତମାସ ୧୩ରୁ ଆଫଗାନିସ୍ତାନ ବିପକ୍ଷରେ ଭାରତୀୟ କ୍ରିକେଟ୍ ଦଳ ୩ ମ୍ୟାଚ୍‌ର ଟ୍ୱେଣ୍ଟି୨୦ ଶୃଙ୍ଖଳା ଖେଳିବ। ଦିଲ୍ଲୀରେ ଖେଳାଯିବାକୁ ଥିବା ଏହି ଶୃଙ୍ଖଳା ପୂର୍ବରୁ ଆହତ ହୋଇଥିବା ଅଧିକାଂଶ ଭାରତୀୟ ଖେଳାଳି ସୁସ୍ଥହେବା ଦଳ ପାଇଁ ଖୁସିର ଖବର। ଦୁଇ ପେସ୍ ବୋଲିଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ନୀତୀଶ କୁମାର ରେଡ୍‌ଡୀ ଫିଟ୍ ଅଛନ୍ତି ଏବଂ ଖେଳିବାକୁ ପ୍ରସ୍ତୁତ ଅଛନ୍ତି। ଦୁହେଁ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସେଲେନ୍ସ (ସିଓଇ)ରେ କଠିନ ପରିଶ୍ରମ କରୁଛନ୍ତି ଏବଂ ଦୀର୍ଘ ସମୟ ବୋଲିଂ କରୁଛନ୍ତି। ଚଳିତ ସମାପ୍ତରେ ଅଜିତ ଆଗରକର ନେତୃତ୍ୱାଧୀନ ମନୋନୟନ କମିଟି ଆଫ୍‌ଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍‌ର ଶୃଙ୍ଖଳା ପାଇଁ ଭାରତୀୟ ଟ୍ୱେଣ୍ଟି୨୦ ଦଳ ଘୋଷଣା କରିବ। ସ୍ପିନ୍ ବୋଲିଂ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ମଧ୍ୟ ସୁସ୍ଥ ହୋଇଛନ୍ତି ଏବଂ ସିଓଇ ତାଙ୍କୁ ଜଲ୍‌ଦି ଫିଟ୍‌ନେସ ପ୍ରମାଣପତ୍ର ପ୍ରଦାନ କରିବ ବୋଲି ଜାଣିବାକୁ ମିଳିଛି। ସୁନ୍ଦର ଗୋଟିଏ ସପ୍ତାହ ଚେନ୍ନଇସ୍ଥିତ ତାଙ୍କ ଘରେ ରହିବା ପରେ ସିଓଇକୁ ଫେରି ପୁଣି ଫିଟ୍‌ନେସ ପ୍ରମାଣ ଦେବେ। ତିନିହେଁ ଆନ୍ତର୍ଜାତିକ କ୍ରିକେଟ୍‌କୁ ଫେରିବା ପାଇଁ ପ୍ରସ୍ତୁତ ବୋଲି ଜାଣିବାକୁ ମିଳିଛି।

ଆସନ୍ତା ଆଇପିଏଲ୍ ପର୍ଯ୍ୟନ୍ତ ଭାରତୀୟ ଦଳକୁ ୮ ମାସ ଧରି କ୍ରମାଗତ କ୍ରିକେଟ୍ ଖେଳିବାର ଥିବାରୁ ଆହତ ହୋଇ ଗତ କିଛିମାସ ହେଲା




ଖେଳିନଥିବା କ୍ରିକେଟରଙ୍କୁ ଆଫ୍‌ଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ସୁଯୋଗ ଦେବାକୁ ମନୋନୟନ କମିଟି ନିଷ୍ପତ୍ତି ନେଇପାରେ। ତେବେ ସମସ୍ତଙ୍କ ଆଖି ତାରକା ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରାଙ୍କ ଉପରେ। ଆହତ ଥିବାରୁ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍‌ର ଶୃଙ୍ଖଳାରେ ବୁମରା ଖେଳିନଥିଲେ। ହେଲେ ନଭେମ୍ବରରେ ନ୍ୟୁଜିଲାଣ୍ଡ ଗସ୍ତରେ ଭାରତକୁ ଦୁଇଟି ଟେଷ୍ଟମ୍ୟାଚ୍ ଖେଳିବାର ଥିବାରୁ ଉକ୍ତ ଶୃଙ୍ଖଳାରେ ବୁମ୍‌ରା ଖେଳିବା ନିହାତି ଆବଶ୍ୟକ ଭାବି ମନୋନୟନ କମିଟି ତାଙ୍କୁ ଯଥେଷ୍ଟ ବିଶ୍ରାମ ଦେଉଛି। ଯଶପ୍ରୀତ ବୁମ୍‌ରା ସିଓଇରେ ଏବେ ଅଭ୍ୟାସ କରୁଛନ୍ତି। ଆଫ୍‌ଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ସେ ଖେଳିବା ସମ୍ଭାବନା କମ୍। ପଡ଼ିଆରୁ ଓହ୍ଲାଇବା ପୂର୍ବରୁ ବୁମ୍‌ରାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ଦେଖିବାକୁ ମନୋନୟନ କମିଟି ଚାହୁଁଛି। ବୁମ୍‌ରା ମଧ୍ୟ ସମ୍ପୂର୍ଣ୍ଣ ଫିଟ୍‌ହେବାର ନିକଟବର୍ତ୍ତୀ ହୋଇଛନ୍ତି ବୋଲି ସିଓଇ ସୂତ୍ରରୁ ପ୍ରକାଶ। ପୁଣି ଏସୀୟ କ୍ରୀଡ଼ାରେ କୁନାଲ ପାଣ୍ଡ୍ୟାଙ୍କ ପରି ଅଲ୍‌ରାଉଣ୍ଡରଙ୍କୁ ଖେଳାଇବା କଥା ମଧ୍ୟ ମନୋନୟନ କମିଟି ବିଚାର କରୁଛି।

# ଅନ୍ତର୍ଜାତୀୟ ଫୁଟବଲକୁ ଆହୁରି ଅନେକ ଯୁବ ଖେଳାଳି ଆସିବେ: ମେସି

ନୂଆଦିଲ୍ଲୀ: ଆର୍ଜେଣ୍ଟିନାର ମହାନ ଫୁଟବଲର୍ ତଥା ବିଶ୍ୱକପ୍ ବିଜେତା ଲିଓନେଲ ମେସି ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ଜାତୀୟ ଦଳ ପାଇଁ ଦୀର୍ଘ ବର୍ଷର ଗୌରବମୟ ଯାତ୍ରା ପରେ ଏହି ନିଷ୍ପତ୍ତି ନେଇଥିବା ମେସି କହିଛନ୍ତି, "ଏହା ଏକ ନିଷ୍ପତ୍ତି ଯାହା ମୋତେ ଗଭୀର ଭାବେ ଆଘାତ ଦେଇଛି, କିନ୍ତୁ ସମୟ ଆସିଯାଇଛି।" ୨୦୨୨ କାତାର ବିଶ୍ୱକପ୍‌ରେ ଆର୍ଜେଣ୍ଟିନାକୁ ଚାମ୍ପିୟନ୍ କରାଇଥିବା ୩୯ ବର୍ଷୀୟ ମେସି ଜାତୀୟ ଦଳ ପକ୍ଷରୁ ୨୦୭ଟି ମ୍ୟାଚ୍ ଖେଳି ୧୨୫ଟି ଗୋଲ୍ ସ୍କୋର କରିଛନ୍ତି। ଏହା ସହ ସେ ଆର୍ଜେଣ୍ଟିନାର ସର୍ବାଧିକ ମ୍ୟାଚ୍ ଖେଳିଥିବା ଓ ସର୍ବାଧିକ ଗୋଲ୍ ସ୍କୋରର୍ ଖେଳାଳି ଭାବେ ଇତିହାସରେ ନିଜ ନାମ ଲେଖାଇଛନ୍ତି।

ଇନଷ୍ଟାଗ୍ରାମରେ ଜାରି କରିଥିବା ବିବୃତ୍ତିରେ ମେସି କହିଛନ୍ତି ଯେ ସେ ଜାତୀୟ ଦଳ ପାଇଁ ନିଜର ସର୍ବସ୍ୱ ଦେଇଛନ୍ତି। ଏବେ ତାଙ୍କ ପାଖରେ "ଦେବାକୁ ଆଉ କିଛି ବାକି ନାହିଁ" ବୋଲି ସେ କହିଛନ୍ତି।"ସମୟ କମି



ଆସୁଛି, ଏକ ଅଧ୍ୟାୟ ଶେଷ ହେଉଛି ଏବଂ ଏହା ମୋତେ ଗଭୀର ଭାବେ ଆଘାତ କରୁଛି। ମୁଁ ଜାତୀୟ ଦଳର ଅଂଶ ହେବାକୁ ଭଲ ପାଏ, ଭଲ ପାଇଛି ଏବଂ ସବୁବେଳେ ଭଲ ପାଇବି," ବୋଲି ମେସି କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ତାଙ୍କ ପଛରେ ଅନେକ ପ୍ରତିଭାବାନ ଯୁବ ଖେଳାଳି ଆସୁଛନ୍ତି, ଯେଉଁମାନେ ଜାତୀୟ ଦଳରେ ସୁଯୋଗ ପାଇବାକୁ ଯୋଗ୍ୟ। ତେଣୁ ନୂଆ ପିଢ଼ିକୁ ଆଗକୁ ବଢ଼ିବାର ସୁଯୋଗ ଦେବାର ସମୟ ଆସିଥିବା ସେ ସଙ୍କେତ ଦେଇଛନ୍ତି। ଅଗଷ୍ଟ ଆରମ୍ଭରେ ମେସି ତାଙ୍କ ପିତା ଜର୍ଜ ମେସିଙ୍କ ମୃତ୍ୟୁ ପରେ ନିଜ ଫୁଟବଲ୍ ଭବିଷ୍ୟତ ନେଇ ଚିନ୍ତା କରୁଥିବା କହିଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ଥିବା ତାଙ୍କ ପିତାଙ୍କର ୬୮ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା। ଆଠ ଥରର ବାଲନ୍ ଡି'ଅର ବିଜେତା ମେସି କହିଛନ୍ତି ଯେ ବିଶ୍ୱକପ୍ ଫାଇନାଲ୍‌ରେ ଆର୍ଜେଣ୍ଟିନା ସ୍ପେନ୍‌ଠାରୁ ପରାଜିତ ହେବାର ଦୁଇ ଦିନ ପରେ, ଜୁଲାଇ ୨୧ରେ ସେ ତାଙ୍କ ଅବସର ବାର୍ତ୍ତା ଲେଖିଥିଲେ।


## ସପ୍ତାହର ଶେଷରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୩୦ - ୫ ସେପ୍ଟେମ୍ବର ୨୦୨୬ ବିଦେଶରେ ରାମାୟଣ




**ଜାତୀୟ:** ଭାରତରେ ଚିନି ସଙ୍କଟ
**ଅନ୍ତର୍ଜାତୀୟ:** ବାଂଲାଦେଶରେ ପୁଣି ହିନ୍ଦୁମାନଙ୍କୁ କରାଯାଉଛି ଟାର୍ଗେଟ୍
**ବିଶେଷ ପ୍ରସଙ୍ଗ:** ଆ□ଳିକ ଦଳ କେତେ ପ୍ରାସଙ୍ଗିକ
**କ୍ଷୁଦ୍ରଗଳ୍ପ :** ଭଙ୍ଗା ଦର୍ପଣର ଚେହେରା
**ନାରୀ :** ବ୍ରାଇଡାଲ୍ ଆଉଟ୍‌ଫିଟ୍
**ଚଳଚ୍ଚିତ୍ର :** ବାପାଙ୍କ ଆଗରେ ଫିକା ଯଶଙ୍କ ଷ୍ଟାର୍‌ଡମ୍
**ଖେଳ:** ବିଶ୍ୱ ଚାମ୍ପିଅନ୍‌ଶିପ: ୭ମ ସିଡ୍‌କୁ ଜଳକା କଲେ ତ୍ରିଶା ଓ ଗାୟତ୍ରୀ
**ଶେଷପୃଷ୍ଠା:** ଆକ୍ରୋଶ, କ୍ରୋଧରେ ଟକମକ ପିଢ଼ି
**ଏଥିରେ ଅଛି ମୀନାବଜାର :** ବଗ ଓ ମୂଷା, ଚର୍ଚ୍ଚାରେ: ୧୧୭ ବର୍ଷରେ ଏଥେଲ୍ କ୍ୟାଟରହାମ୍, ବିଜ୍ଞାନ: କେବଳ ମାଈ ମଶା ହିଁ କାହିଁକି କାମୁଡ଼ନ୍ତି, ପର୍ଯ୍ୟଟନ: ବ୍ରହ୍ମପୁରା ଗୋପୀନାଥ ମନ୍ଦିର, ଚଳଚ୍ଚିତ୍ର: ବାପାଙ୍କ ଆଗରେ ଫିକା ଯଶଙ୍କ ଷ୍ଟାର୍‌ଡମ୍, ଧର୍ମ: କାହିଁକି ପାଳନ ହୁଏ ରକ୍ଷା ବନ୍ଧନ, କବିତା: ମଣିଷ

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


## ସେମିଫାଇନାଲରେ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ

# ୧୦ ଛକା, ୯ ଚୌକା ସହ ୧୩୨ ରନ୍

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍‌ରେ ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଅଧିକ ଚର୍ଚ୍ଚାରେ ଅଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମେ, ତା'ପରେ ଇଣ୍ଡିଆ ଏ ଏବଂ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବେଭବ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ରେଡ୍ ବଲ୍ ଫର୍ମାଟ୍‌ର ସବୁଠାରୁ ବଡ଼ ଘରୋଇ ଟୁର୍ଣ୍ଣାମେଣ୍ଟ ଦଲୀପ ଟ୍ରଫିରେ ସେ ବିସ୍ଫୋରକ ବ୍ୟାଟିଂ କରି ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି।

ଇଷ୍ଟ ଜୋନ୍ ପାଇଁ ଖେଳୁଥିବା ବୈଭବ ସୂର୍ଯ୍ୟବଂଶୀ ସେଣ୍ଟ୍ରାଲ ଜୋନ୍ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍‌ରେ ୧୩୨ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟରେ ତାଙ୍କର ବ୍ୟାଟ୍‌ରୁ ୧୦ଟି ଚୌକା ଏବଂ ୯ଟି ଛକା ଆସିଛି। ସେ କେବଳ ଶତକ ହାସଲ କରିନାହାନ୍ତି; ବରଂ ୧୩୨ ରନ୍ ସଂଗ୍ରହ କରିଛନ୍ତି। ପ୍ରଥମ ପାଳିରେ ସେ ୯୨ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ସେ ୭ଟି ଚେକା ଏବଂ ୭ଟି ଛକା ମାରିଥିଲେ। ଦ୍ୱିତୀୟ ପାଳିରେ ୩ଟି ଚେକା ଏବଂ ୨ଟି ଛକା ମାରିଥିଲେ।

ବୈଭବ ସୂର୍ଯ୍ୟବଂଶୀ ଦଲୀପ ଟ୍ରଫି ଇତିହାସରେ କମ ବୟସରେ ଅର୍ଦ୍ଧଶତକ ହାସଲ କରିଥିବା ଖେଳାଳି ହୋଇପାରିଛନ୍ତି। ବୈଭବ ଇଷ୍ଟ ଜୋନ୍‌ର ପାଳିର ପ୍ରଥମ ୧୫ ଓଭରରେ ନିଜର ଅର୍ଦ୍ଧଶତକ ପୂରା କରିଥିଲେ। ସେ ସାରାଂଶ ଜେନଙ୍କ ବଲ୍‌ରେ ଛକା ମାରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୫ ବର୍ଷ ୧୫୭ ଦିନର ବୟସରେ ଦଲୀପ ଟ୍ରଫିରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ପରେ ସେ ଶତକ ପୂରା କରିପାରି ନଥିଲେ। ଅର୍ଥାତ ୯୨ ରନ୍ କରି ଆଉଟ୍ ହୋଇଥିଲେ।



ସବୁଠୁ କମ୍ ବୟସରେ ଦଲୀପ ଟ୍ରଫିରେ ଅର୍ଦ୍ଧଶତକ
୧୫ ବର୍ଷ ୧୫୭ ଦିନ: ବୈଭବ ସୂର୍ଯ୍ୟବଂଶୀ
୧୬ ବର୍ଷ ୨୩ ଦିନ ଲକ୍ଷ୍ମଣ ସିଂହ
୧୬ ବର୍ଷ ୩୦୭ ଦିନ: ପୀୟୂଷ ଚାୱଲା

ଏହି ସେମିଫାଇନାଲ ମ୍ୟାଚ୍‌ର ପ୍ରଥମ ଦିନ ବୈଭବ ସୂର୍ଯ୍ୟବଂଶୀ ଅଧିନାୟକ ଥିଲେ। ବୈଭବ ସୂର୍ଯ୍ୟବଂଶୀ ଯେତେବେଳେ ଅଧିନାୟକ ଥିଲେ, ତାଙ୍କର ଏକ ଡିଆରଏସ୍ ନିଷ୍ପତ୍ତି ଚର୍ଚ୍ଚାରେ ଥିଲା। ସେ ନିଜର ନିଷ୍ପତ୍ତି ସଠିକ୍ ଥିଲେ, ଯେଉଁଥି ପାଇଁ ଅମ୍ପାୟରଙ୍କୁ ନିଜର ନିଷ୍ପତ୍ତି ବଦଳାଇବାକୁ ପଡ଼ିଥିଲା।

# ଟେଷ୍ଟ ବୋଲିଂ ଆଭ୍ରେଜରେ ବୁମ୍‌ରାଙ୍କୁ ଟପିଲେ ରବିନ୍‌ସନ

ଲର୍ଡସ : ଟେଷ୍ଟ କ୍ରିକେଟ୍‌ରେ ଏକ ବଡ଼ କୃତିତ୍ୱ ହାସଲ କରିଛନ୍ତି ଇଂଲଣ୍ଡର ଫାଷ୍ଟବୋଲର ଓଲି ରବିନ୍‌ସନ। ବର୍ତ୍ତମାନ ଖେଳୁଥିବା ବୋଲରଙ୍କ ମଧ୍ୟରେ ଶ୍ରେଷ୍ଠ ଟେଷ୍ଟମ୍ୟାଚ୍ ବୋଲିଂ ଆଭ୍‌ରେଜ ହାସଲ କରିଛନ୍ତି ରବିନ୍‌ସନ। ପାକିସ୍ତାନ ବିପକ୍ଷ ୨ୟ ଟେଷ୍ଟମ୍ୟାଚ୍‌ରେ ମୋଟ ୮ଟି ୱିକେଟ୍ ନେଇ ରବିନ୍‌ସନ ଏହି କୃତିତ୍ୱ ହାସଲ କରିଛନ୍ତି। ଏହି କ୍ରମରେ ଭାରତୀୟ ତାରକା ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ରବିନ୍‌ସନ ପଛରେ ପକାଇ ଦେଇଛନ୍ତି। ୫୨ଟି ଟେଷ୍ଟମ୍ୟାଚ୍ ଖେଳିଥିବା ବୁମ୍‌ରାଙ୍କ ଟେଷ୍ଟ ବୋଲିଂ ଆଭ୍‌ରେଜ ୧୯.୭୯ ଥିବା ବେଳେ ୨୩ଟି ଟେଷ୍ଟମ୍ୟାଚ୍ ଖେଳି ରବିନ୍‌ସନ ୧୯.୫୩ ବୋଲିଂ ଆଭ୍‌ରେଜ ହାସଲ କରିଛନ୍ତି। ରବିନ୍‌ସନ ଓ ବୁମ୍‌ରାଙ୍କ ପୂର୍ବରୁ ସର୍ବଶ୍ରେଷ୍ଠ ବୋଲିଂ ଆଭ୍‌ରେଜ ଇଂଲଣ୍ଡର ଜନି ବ୍ରିଗ୍‌ସଙ୍କ ନାମରେ ଥିଲା। ବ୍ରିଗ୍‌ସ ୧୭.୭୫



ଟେଷ୍ଟମ୍ୟାଚ୍ ବୋଲିଂ ଆଭ୍‌ରେଜ ହାସଲ କରିଥିଲେ। ପାକିସ୍ତାନ ବିପକ୍ଷରେ ଚଳିତ ଟେଷ୍ଟ ଶୃଙ୍ଖଳାରେ ରବିନ୍‌ସନ ୨ଟି ଟେଷ୍ଟରୁ ୧୬ଟି ୱିକେଟ୍ ନେଇ ସାରିଲେଣି। ଟେଷ୍ଟମ୍ୟାଚ୍‌ରେ ସର୍ବଶ୍ରେଷ୍ଠ ବୋଲିଂ ଆଭ୍‌ରେଜ୍ ତାଲିକାରେ ରବିନ୍‌ସନ ୫ମ ସ୍ଥାନରେ ରହିଛନ୍ତି।

# ୨ୟ ଟେଷ୍ଟ ଜିତି ଶୃଙ୍ଖଳା ହାତେଇଲା ଇଂଲଣ୍ଡ

## ଇଂଲଣ୍ଡ ଠାରୁ ହାରି ଟେଷ୍ଟ ମାନ୍ୟତାର ସବାଶେଷରେ ପାକିସ୍ତାନ

ଲର୍ଡସ : ଏଠାରେ ରବିବାର ସମାପ୍ତ ୨ୟ ଟେଷ୍ଟମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ବିଜୟୀ ହୋଇଛି। ପାକିସ୍ତାନକୁ ୧୯୪ ରନ୍‌ର ବଡ଼ ବ୍ୟବଧାନରେ ହରାଇ ୩-ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଇଂଲଣ୍ଡ ୨-୦ରେ ଆଗୁଆ ହେବା ସହ ଶୃଙ୍ଖଳା ହାତେଇ ନେଇଛି। ପାକିସ୍ତାନକୁ ଦ୍ୱିତୀୟ ଇନିଂସରେ ୩୮୯ ରନ୍‌ର ବିଜୟଲକ୍ଷ୍ୟ ଦେଇଥିଲା ଇଂଲଣ୍ଡ। ଏହାର ପିଛାକରି ପାକିସ୍ତାନ ରବିବାର ଚତୁର୍ଥ ଦିନରେ ୧୯୪ ରନ୍‌କରି ଅଲ୍‌ଆଉଟ୍ ହୋଇ ଯାଇଥିଲା। ୩୮୯ ରନ୍ ଲକ୍ଷ୍ୟରେ ଇନିଂସ ଆରମ୍ଭକରି ପାକିସ୍ତାନ ୨ୟ ଇନିଂସରେ ମାତ୍ର ୧୪ ରନ୍‌ରେ ୩ଟି ୱିକେଟ୍ ହରାଇଥିଲା। ଆଜାନ୍ ଆୱେସ୍ ଓ ଅଧିନାୟକ ବାବର ଆଜମ୍ ୬ ରନ୍ ଲେଖାଏଁ ଏବଂ ଅବଦୁଲ୍ଲା ସଫିକ୍ ବିନା ସ୍କୋରେ ଆଉଟ୍ ହୋଇଥିଲେ। ପରେ ଓପନର ସାନ୍ ମସୁଦ୍ ଓ ସୌଦ୍ ସକିଲ ୪ର୍ଥ ୱିକେଟ୍ ପାଇଁ ୯୭ ରନ୍ ଯୋଡ଼ିଥିଲେ।

ସାନ୍ ମସୁଦ୍ ୨୬ ରନ୍ କରିଥିଲେ। ପରେ ମହମ୍ମଦ ରିଜ୍‌ୱାନ



୧ ରନ୍‌କରି ବିଦାୟ ନେଇଥିଲେ। ତଳ ଅର୍ଡରରେ ଅଲୀ ଉସ୍‌ମାନ ୧୬ ଓ ମହମ୍ମଦ ଆବାସ୍ ଅପରାଜିତ ୧୩ ରନ୍ କରିଥିଲେ। ସୌଦ୍ ସକିଲ ଚମତ୍କାର ବ୍ୟାଟିଂକରି ୧୨୨ ବଲ୍‌ରୁ ୨ଟି ଛକା ଓ ୧୩ଟି ଚୌକା ସହ ୯୭ ରନ୍‌ରେ ଆଉଟ୍ ହୋଇ ମାତ୍ର ୩ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଓଲି ରବିନ୍‌ସନ ୪ଟି, ଜୋସ୍ ଟଙ୍ଗ୍ ୩ଟି ଓ ଜୋଫ୍ରା ଆର୍ଚର ୨ଟି ୱିକେଟ୍ ନେଇଥିଲେ।

୪ର୍ଥ ଦିନରେ ଇଂଲଣ୍ଡ ୨ୟ ଇନିଂସରେ ୨୦୮ ରନ୍‌କରି ଅଲ୍‌ଆଉଟ୍ ହୋଇଥିଲା। ଡାନ୍ ଲରେନ୍‌ସ ୨ଟି ଛକା ଓ ୭ଟି ଚୌକା ସହ ୫୪ ରନ୍ କରିଥିଲେ। ପେସ୍ ବୋଲର ମହମ୍ମଦ ଆବାସ୍ ୫ଟି ଏବଂ ଖୁରମ୍ ସେହ୍‌ଜାଦ ଓ ମହମ୍ମଦ ଅଲୀ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ମୋଟ ୮ଟି ୱିକେଟ୍ ନେଇଥିବା ଓଲି ରବିନ୍‌ସନ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।

ସୋମବାର ଲର୍ଡସ ଗ୍ରାଉଣ୍ଡଠାରେ ଇଂଲଣ୍ଡ ଠାରୁ ଦ୍ୱିତୀୟ ଟେଷ୍ଟରେ ପରାଜିତ ହୋଇ ପାକିସ୍ତାନ ଟେଷ୍ଟ ଖେଳୁଥିବା ଦେଶମାନଙ୍କ ତାଲିକାର ସର୍ବନିମ୍ନ ସ୍ଥାନକୁ ଚାଲି ଆସିଛି । ଲର୍ଡସରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ବ୍ୟାଟ୍‌ସମ୍ୟାନମାନେ ବିଫଳ ପ୍ରଦର୍ଶନ ଜାରି ରଖିଥିଲେ । ଫଳରେ ଇଂଲଣ୍ଡ ପାକିସ୍ତାନକୁ ୧୯୪ ରନ୍‌ରେ ସହଜରେ ପରାସ୍ତ କରିବା ସହ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ହୋଇଛି । ଅନ୍ୟପକ୍ଷରେ ଏହି ମ୍ୟାଚ୍‌ରେ ପରାଜୟ ପରେ ପାକିସ୍ତାନ ଟେଷ୍ଟ ଖେଳୁଥିବା ଦେଶମାନଙ୍କ ତାଲିକାରେ ଏବେ ସବା ଶେଷକୁ ଚାଲି ଆସିଛି । ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ତାଲିକାର ଶୀର୍ଷରେ ଅଷ୍ଟ୍ରେଲିଆ ରହିଥିବା ବେଳେ ତା ତଳକୁ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ବାଂଲାଦେଶ, ଭାରତ, ଇଂଲଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଓ ଶେଷରେ ପାକିସ୍ତାନ ରହିଛି ।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583